


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ❑ ସୋମବାର ୧୦ ନଭେମ୍ବର ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 10 November 2025

Vol.No. 36 ■ No.295 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ସଂଗ୍ରହ କରନ୍ତୁ
ସାଗରିକା ପୂଜା ସଂଖ୍ୟା
ସାଗରିକା
ଡିଜିଟାଲ୍ ଫର୍ମାଟରେ
ମଧ୍ୟ ଉପଲବ୍ଧ...
website : sagarika.in.net


# ନୂଆପଡ଼ାରେ ସରିଲା ନିର୍ବାଚନ ପ୍ରଚାର: ଲାଗିଲା ନିରବ ଅବଧି କଟକଣା

## ୨ୟ ପର୍ଯ୍ୟାୟ ଭୋଟଗ୍ରହଣ ପାଇଁ ପ୍ରଚାର ଶେଷ



ନୂଆଦିଲ୍ଲୀ/ଭୁବନେଶ୍ୱର,୮/୧୧ : ନିର୍ବାଚନ ତାରିଖ ଘୋଷଣା ହେବା ପରଠାରୁ କମ୍ପୁଥିବା ନୂଆପଡ଼ା ଏବେ ନୀରବ ହୋଇଯାଇଛି । ଦିନକ ପରେ ମତଦାନ ହେବାକୁ ଯାଉଥିବାରୁ ନିର୍ବାଚନ କମିସନଙ୍କ ନିୟମ ଅନୁସାରେ ଆଜି ସନ୍ଧ୍ୟାରୁ ବନ୍ଦ ହୋଇଯାଇଛି ପ୍ରଚାର । ଡେରା ପକାଇଥିବା ବାହାର ନେତା ଓ କର୍ମୀ ବି ନୂଆପଡ଼ା ଛାଡ଼ିଛନ୍ତି। ଆରମ୍ଭ ହୋଇଛି ସାଇଲେଣ୍ଟ ପିରିୟଡ୍ । ଏହି ସମୟରେ ସମସ୍ତ ପ୍ରକାର ପ୍ରଚାର ପ୍ରସାର ଉପରେ କଟକଣା ଲଗାଯାଇଛି । ଯିଏ ନିୟମ ଭଂଗ କରିବ ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ହେବ । ଏହି ନୀରବ ଅବଧି ସବୁ ଦଳ ପାଇଁ ବେଶ୍ ଗୁରୁତ୍ୱପୂର୍ଣ୍ଣ । ବାହାରୁ ଯାଇଥିବା ନେତା ନିର୍ବାଚନମଣ୍ଡଳୀ ଛାଡୁଥିବାରୁ ସ୍ଥାନୀୟ ନେତାଙ୍କ ଉପରେ ନିର୍ଭର କରୁଛି ପ୍ରାର୍ଥୀଙ୍କ ବିଜୟ । ଯଦି ସ୍ଥାନୀୟ ନେତା କିଛି ଗଡ଼ବଡ଼ କରିବେ ତାହେଲେ ବଦଳି ଯିବ ପୂରା ଗଣିତ । ଭୋଟ୍ ଦାନକୁ ସୁରୁଖୁରରେ ସାରିବା ପାଇଁ ପ୍ରଶାସନ ପକ୍ଷରୁ ଚୂଡାନ୍ତ ପ୍ରସ୍ତୁତି ହୋଇଛି । ଇଭିଏମ ଗୁଡିକର ଯାଂଚ କରାଯାଉଛି । ଇଭିଏମରେ କେମିତି ମତଦାନ କରାଇବେ ପୁଲିଂ ଅଧିକାରୀଙ୍କୁ ସେନେଇ ପ୍ରଶିକ୍ଷଣ ଦିଆଯାଇଛି । ଆସନ୍ତାକାଲି ବୁଥ୍ ବାହାରିବେ ପୁଲିଂ ପାର୍ଟି । ସମ୍ବେଦନଶୀଳ ୮ଟି ବୁଥକୁ ସ୍ୱତନ୍ତ୍ର ହେଲିକପ୍ଟରରେ ଯିବେ ପୁଲିଂ ପାର୍ଟି। ମତଦାନ ଦିନ ଅପରାହ୍ନ ୫ଟା ଯାଏଁ ଭୋଟିଂ ପ୍ରକ୍ରିୟା ଜାରି ରହିବ । ସମ୍ବେଦନଶୀଳ ବୁଥରେ ୪ଟା ଯାଏ ହେବ ଭୋଟ୍ । ସମ୍ବେଦନଶୀଳ ବୁଥରେ ସଶସ୍ତ୍ର ସୁରକ୍ଷାକର୍ମୀ ଜଗିବେ । ନୂଆପଡ଼ାର ଅଢ଼େଇ ଲକ୍ଷ ଭୋଟର ନେତା ବାଛିବେ । କିନ୍ତୁ ନିର୍ବାଚନ ପ୍ରଚାରରେ ନୂଆପଡ଼ାର ବାସ୍ତବ ସମସ୍ୟାକୁ ନେଇ କମ୍ ଆଲୋଚନା ହୋଇଥିବାରୁ ଲୋକେ କାହାକୁ ଭରସା କରିବେ ତା ଉପରେ ନଜର। ବିହାରରେ ଆସନ୍ତା ୧୧ ତାରିଖରେ ବିହାରରେ ଦ୍ୱିତୀୟ ତଥା ଅନ୍ତିମ ପର୍ଯ୍ୟାୟ ଭୋଟଗ୍ରହଣ ହେବ । ଏଥିପାଇଁ ରବିବାର ସନ୍ଧ୍ୟା ୫ଟାରେ ପ୍ରଚାର ବନ୍ଦ ହୋଇଯାଇଛି । ଏହା ସହିତ ଭୋଟଗ୍ରହଣ ହେବାକୁ ଥିବା ଜିଲ୍ଲାଗୁଡ଼ିକରେ ଯେକୌଣସି ପ୍ରକାରର ସମାବେଶ, ରାଲି କିମ୍ବା ରୋଡ୍ ସୋ ସମ୍ପୂର୍ଣ୍ଣ ନିଷିଦ୍ଧ ହୋଇଯାଇଛି। ଏହି ପର୍ଯ୍ୟାୟରେ ୨୦ଟି ଜିଲ୍ଲାର ୧୨୨ଟି ଆସନ ପାଇଁ ଭୋଟଗ୍ରହଣ ହେବ। ଦ୍ୱିତୀୟ ପର୍ଯ୍ୟାୟରେ ମତଦାନ ହେବାକୁ ଥିବା ୨୦ଟି ଜିଲ୍ଲା ମଧ୍ୟରେ ପଶ୍ଚିମ ଚମ୍ପାରଣ, ପୂର୍ବ ଚମ୍ପାରଣ, ସୀତାମାଢ଼ୀ, ଶିବହାର, ମଧୁବନୀ, ସୁପୌଲ, ଆରାରିଆ, କିଶନଗଞ୍ଜ, ପୂର୍ଣ୍ଣିଆ, କଟିହାର, ଭାଗଲପୁର, ବାଙ୍କା, ଜାମୁଇ, ନୱାଡା, ଗୟା, ଔରଙ୍ଗାବାଦ, ଜେହାନାବାଦ, ଆରୱାଲ, କୈମୁର ଏବଂ ରୋହତାସ ଅନ୍ତର୍ଭୁକ୍ତ। ନଭେମ୍ବର ୬ ତାରିଖରେ ହୋଇଥିବା ପ୍ରଥମ ପର୍ଯ୍ୟାୟରେ ରାଜ୍ୟର ୧୨୧ଟି ଆସନ ପାଇଁ ଭୋଟଗ୍ରହଣ ହୋଇଥିଲା । ଏହି ପର୍ଯ୍ୟାୟରେ ହୋଇଥିବା ଭୋଟଗ୍ରହଣ ପୂର୍ବର ସବୁ ରେକର୍ଡକୁ ଭାଙ୍ଗି ଦେଇଥିଲା । ଏହି ପର୍ଯ୍ୟାୟରେ ୬୫ ପ୍ରତିଶତ ଭୋଟ ହୋଇଥିଲା । ରେକର୍ଡ ଭୋଟକୁ ନେଇ ବିଭିନ୍ନ ରାଜନୈତିକ ଦଳ ଭିନ୍ନ ଭିନ୍ନ ଆକଳନ କରୁଛନ୍ତି । ଶାସକ ଦଳ ଏହାକୁ ନିଜ ସପକ୍ଷରେ ଦେଖୁଥିବାବେଳେ ବିରୋଧୀ ଏହାକୁ କ୍ଷମତାସୀନ ଦଳ ବିରୋଧରେ ଲୋକଙ୍କ ରୋଷ ହିସାବରେ ଦେଖୁଛି ।

# ଭିଡିଓ ବାର୍ତ୍ତାରେ ନବୀନଙ୍କ ଟାର୍ଗେଟ



ଭୁବନେଶ୍ୱର, ୯/୧୧ (ନି.ପ୍ର): ଦିନକ ପରେ ନୂଆପଡ଼ାରେ ଉପନିର୍ବାଚନ ପାଇଁ ପଡ଼ିବ ଭୋଟ୍। ଆଉ କିଛି ସମୟ ପରେ ପ୍ରଚାର ଥମିବ । ଠିକ୍ ଏହି ସମୟରେ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ଭିଡିଓବାର୍ତ୍ତା କରି ରାଜ୍ୟ ସରକାରକୁ ଟାର୍ଗେଟ କରିଛନ୍ତି । ନବୀନ କହିଛନ୍ତି, ନୂଆପଡ଼ାରୁ ବିଜେପିର ପରାଜୟ ଅଭିଯାନ ଆରମ୍ଭ ହେବ । ଏ ସରକାର କିଭଳି ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ କାର୍ଡ ବା ବିଏସକେୱାଇ ବନ୍ଦ କଲେ, ରାଜ୍ୟରେ କିଭଳି ନାରୀ ନିର୍ଯାତନା ବଢ଼ିଚାଲିଛି, ମିସନଶକ୍ତିମାନେ ଅବହେଳିତ ହେଉଛନ୍ତି । ଏଭଳି ବିଭିନ୍ନ ପ୍ରସଙ୍ଗରେ ବିଜେପିକୁ ସମାଲୋଚନା କରିଛନ୍ତି । ସେପଟେ ସାମ୍ବାଦିକ ସମ୍ମିଳନୀ କରି ବିଜେଡି ଉପରେ ବର୍ଷିଛନ୍ତି ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ । ନବୀନଙ୍କ ବେଇମାନ ଆକ୍ଷେପର କାଉଣ୍ଟର କରିଛନ୍ତି । ୨୦୦୯ ମାର୍ଚ୍ଚ ୭ ତାରିଖ କଥା ମନେପକାଇ ମନମୋହନ କହିଛନ୍ତି, ବିଜେଡି ଆତ୍ମସମୀକ୍ଷା କରୁ, ପ୍ରକୃତରେ ବେଇମାନି କିଏ କରିଛି । ସେମାନେ ଯେଉଁ ଶବ୍ଦ ବ୍ୟବହାର କରୁଛନ୍ତି ତାହା କାହା ପାଇଁ ପ୍ରଯୁଜ୍ୟ ବୋଲି କହିଛନ୍ତି ।

▶▶ପୃଷ୍ଠା ୭

# ପୁଲିସ ବିରୋଧରେ ସାଂଘାତିକ ଅଭିଯୋଗ: ନାବାଳକଙ୍କୁ ଥାନା ପଛପଟକୁ ନେଇ ନିର୍ଦ୍ଧୁମ ପିଟିଲେ, କାହାକୁ ନକହିବାକୁ ଲାଞ୍ଚ ଦେଲେ




ଭଦ୍ରକ, ୯/୧୧ (ନି.ପ୍ର): ମୋବାଇଲ ଚୋରି ଅଭିଯୋଗରେ ଜଣେ ନାବାଳକକୁ ପୁଲିସ ଅମାନୁଷିକ ମାଡ଼ ମାରିଛି । ଏମିତିକି ପିଟି ସାରିବା ପରେ କଥା ପ୍ରଘଟ ଡରରେ ପୁଲିସ ସଂପୃକ୍ତ ନାବାଳକଙ୍କୁ ଲାଞ୍ଚ ଯାଚିଥିବା ବି ଅଭିଯୋଗ ହୋଇଛି। ଆଉ ଲାଞ୍ଚ ଟା କ'ଣ, ତାହା ଶୁଣିଲେ ଆପଣ ମୁଣ୍ଡରେ ହାତ ଦେବେ ନିଶ୍ଚୟ। ପିଟିସାରି ପୁଲିସ ତାଙ୍କ ହାତରେ ଦୁଇ ଶହ ଟଙ୍କା ଧରାଇ ଦେଇ ବିରିୟାନି ଖାଇଦେବୁ ବୋଲି କହିଥିଲା। ତା'ସହିତ ଘଟଣା ବିଷୟରେ କାହାକୁ କିଛି ନ କହିବାକୁ କହିଥିଲା। ଭଦ୍ରକ ଜିଲ୍ଲା ପୀରହାଟ ଥାନା ପୁଲିସ ସଂପର୍କରେ ନାବାଳକ ଜଣଙ୍କ ଏଭଳି ଅଭିଯୋଗ ଆଣିଛନ୍ତି। ସୂଚନା ଅନୁସାରେ ଉକ୍ତ ନାବାଳକଙ୍କ ପଡ଼ୋଶୀ ଘରର ଜଣଙ୍କ ମୋବାଇଲ ଚୋରି ହୋଇଥିଲା। ସଂପୃକ୍ତ ନାବାଳକ ଚୋରି କରିଥିବା ନେଇ ଥାନାରେ ଅଭିଯୋଗ କରାଯିବା ପରେ ପୁଲିସ ତାଙ୍କୁ ଥାନାକୁ ଡକାଇଥିଲା । ଗତ ୨ ତାରିଖ ଦିନ ବାପାଙ୍କ ସହ ନାବାଳକ ଜଣଙ୍କ ଥାନାରେ ପହଞ୍ଚିଥିଲେ ।

▶▶ପୃଷ୍ଠା ୭

# ପୂର୍ବରୁ ସରକାର, ଏବେ ପ୍ରାର୍ଥୀ ଚୋରି ହୋଇଛି: ଅଖିଳେଶ



ନୂଆପଡ଼ା , ୯/୧୧ (ନି.ପ୍ର): ଓଡ଼ିଶାରେ ସମାଜବାଦୀ ଚିନ୍ତା ଆରମ୍ଭ ହୋଇଥିଲା। ଓଡ଼ିଶାର ରାଜନୈତିକ ଇତିହାସ ସମାଜବାଦୀ ଚିନ୍ତାରେ ବିକଶିତ ହୋଇଛି। ତାହା କୌଣସି ଦଳ ହୋଇଥାଏ। ଅତୀତରେ ଓଡ଼ିଶାରେ ଯେଉଁ ଆନ୍ଦୋଳନ ହୋଇଥିଲା, ତାହା ସମାଜବାଦୀ ଚିନ୍ତାରୁ ହିଁ ଆରମ୍ଭ ହୋଇଥିଲା। କିନ୍ତୁ ଏଠାରେ ଭାରତୀୟ ଜନତା ପାର୍ଟି (ବିଜେପି)ର ନିକଟତର ହୋଇଛି, ସେହି ଦଳର ବିପର୍ଯ୍ୟୟର ଶିକାର ହୋଇଛି। ଏଠାକାର ଜନତା ସବୁବେଳେ ବିଜେପିକୁ ସମର୍ଥନ ଜଣାଇଛନ୍ତି। ଏହି ସମର୍ଥନର ଫଳ ଭାରତୀୟ ଜନତା ପାର୍ଟି ନିଜର ରାସ୍ତା ପ୍ରଶସ୍ତ କରିଥିଲା ଏବଂ ଓଡ଼ିଶାରେ ସରକାର ଗଢ଼ିଛି। ଆମେ ଭୋଟ୍ ଚୋରି କଥା ଶୁଣିଥିଲେ। ପୂର୍ବରୁ ଏଠାରେ ସରକାର ଚୋରି ହୋଇଛି ଏବଂ ଏବେ ପ୍ରାର୍ଥୀ ଚୋରି ହୋଇଛି। ସ୍ଥାନୀୟ ପୁଲିସ ପଡ଼ିଆରେ 'ଜୟ ଜଗନ୍ନାଥ' ଉଚ୍ଚାରଣ କରି ଉଦ୍‌ବୋଧନ ଆରମ୍ଭ କରିଥିଲେ। ସେ କହିଥିଲେ ଓଡ଼ିଶା ହେଉଛି ପରଂପରାର ମାଟି। ଓଡ଼ିଶାର ଭାଷା ଓ ସଂସ୍କୃତି ଉଚ୍ଚକୋଟୀର।

▶▶ପୃଷ୍ଠା ୭

# ଶ୍ରୀମନ୍ଦିର ଦଳାଚକଟା ରିପୋର୍ଟକୁ ନେଇ ତେଜିଲା ରାଜନୀତି: ଏଆଇ କ୍ୟାମେରା ଲଗାଇବାରେ ବଡ ଦୁର୍ନୀତି ଅଭିଯୋଗ



ପୁରୀ, ୮/୧୧ (ନି.ପ୍ର): ରଥଯାତ୍ରା ସମୟରେ ରଥ ସାମନାରେ ଘଟିଥିବା ଦଳାଚକଟା ଘଟଣାରେ ୭ ଜଣ ପୁଲିସ ଅଫିସରଙ୍କ ଉପରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନକୁ ନେଇ ଏବେ ଚର୍ଚ୍ଚା ଜୋର । ସରକାର ତ କାର୍ଯ୍ୟାନୁଷ୍ଠାନ ନେଲେ କିନ୍ତୁ ଏଆଇ କ୍ୟାମେରା ନଜରରେ ଥିବା ରଥଯାତ୍ରା କାହିଁକି ଫେଲ ମାରିଲା ତାକୁ ନେଇ ଉଠିଛି ପ୍ରଶ୍ନ । ରଥଯାତ୍ରା ବେଳେ ପ୍ରଥମକରି ଭିଡ ନିୟନ୍ତ୍ରଣରେ ନିୟୋଜିତ ହୋଇଥିଲା AI BASED DRONE । ୨୭୫ଟି AI CAMERA ଲଗାଯାଇଥିଲା । ଏଆଇ ସହାୟତାରେ ଭିଡ ନିୟନ୍ତ୍ରଣ କରୁଥିଲେ ପୁଲିସ ଅଧିକାରୀ । ହେଲେ କାହିଁକି ବିଫଳ ହେଲା ଏଆଇ ବ୍ୟବସ୍ଥା ତାକୁ ନେଇ ପ୍ରଶ୍ନ ଉଠିଛି। ୨୭୫ ଟି A CAMERA ପାଇଁ ୧୮କୋଟି ଟଙ୍କାର ଟେଣ୍ଡର ହୋଇଥିଲା । ତେବେ ଏଆଇ କ୍ୟାମେରା ଠିକ ଭାବେ ଭାବେ କାମ ନ କରିବା ଓ

▶▶ପୃଷ୍ଠା ୭

## ଆଜି ଓଡ଼ିଶା ଗସ୍ତରେ ଆସିବେ କେନ୍ଦ୍ର କୃଷି ମନ୍ତ୍ରୀ ଶ୍ରୀ ଶିବରାଜ ସିଂହ ଚୌହାନ

ନୂଆଦିଲ୍ଲୀ,୯/୧୧ : କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ, ଏବଂ ଗ୍ରାମୀଣ ବିକାଶ ମନ୍ତ୍ରୀ ଶ୍ରୀ ଶିବରାଜ ସିଂହ ଚୌହାନ ଆସନ୍ତାକାଲି ଦିନିକିଆ ଓଡ଼ିଶା ଗସ୍ତରେ ଆସିବେ। ଏହି ଗସ୍ତ ସମୟରେ, ସେ ରାଜ୍ୟରେ କୃଷକମାନଙ୍କ ଆୟ ବୃଦ୍ଧି, ପୋଷଣ ସୁରକ୍ଷା ସୁନିଶ୍ଚିତ କରିବା ଏବଂ ପ୍ରାକୃତିକ କୃଷି ପଦ୍ଧତିକୁ ପ୍ରୋତ୍ସାହିତ କରିବା ପାଇଁ ଲକ୍ଷ୍ୟ ରଖାଯାଇଥିବା ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦେବେ। କାର୍ଯ୍ୟସୂଚୀ ଅନୁଯାୟୀ, କେନ୍ଦ୍ରମନ୍ତ୍ରୀ ଶ୍ରୀ ଚୌହାନ ସୋମବାର ସକାଳେ ପାଟନାରୁ ଯାତ୍ରା କରିବେ ଏବଂ ପୂର୍ବାହ୍ନ ୧୧ଟା ସୁଦ୍ଧା ଭୁବନେଶ୍ୱରରେ ପହଂଚିବେ। ଏହା ପରେ, ସେ ଲୋକ ସେବା ଭବନ ସମ୍ମିଳନୀ କକ୍ଷରେ 'ମାଣ୍ଡିଆ ଦିବସ (ମିଲେଟ୍ ଡେ')' କାର୍ଯ୍ୟକ୍ରମର ଉଦଘାଟନୀ ଅଧିବେଶନରେ ଯୋଗଦେବେ। ଏହି ଅବସରରେ, ସେ ଓଡ଼ିଶା ଏବଂ ଦେଶର ଅନ୍ୟାନ୍ୟ ସ୍ଥାନରେ ମିଲେଟ୍ସ (ଶ୍ରୀ ଅନ୍ନ) ଉତ୍ପାଦନ, ପ୍ରକ୍ରିୟାକରଣ ଏବଂ ଉପଯୋଗକୁ ଉତ୍ସାହିତ କରିବା ପାଇଁ କେନ୍ଦ୍ର ସରକାରଙ୍କ ପଦକ୍ଷେପ ବିଷୟରେ ବକ୍ତବ୍ୟ ରଖିବେ। ଏହି କାର୍ଯ୍ୟକ୍ରମରେ କୃଷକଙ୍କ ଆୟ ବୃଦ୍ଧି ଏବଂ ଗ୍ରାମୀଣ ଅର୍ଥବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ଏକ ଉପକରଣ ଭାବରେ ଶ୍ରୀଅନ୍ନକୁ ପ୍ରୋତ୍ସାହିତ କରିବା ଉପରେ ଆଲୋଚନା ମଧ୍ୟ କରାଯିବ। ଉଦଘାଟନ ପରେ, କେନ୍ଦ୍ରମନ୍ତ୍ରୀ ଶ୍ରୀ ଚୌହାନ କଟକ ଜିଲ୍ଲାର ସଦର ଅଂଚଳ ଗସ୍ତ କରିବେ, ଯେଉଁଠାରେ ସେ କୃଷି କ୍ଷେତ୍ର ପରିଦର୍ଶନ କରିବେ ଏବଂ ଚାଷୀଙ୍କ ସହିତ ସିଧାସଳଖ ଆଲୋଚନା କରିବେ।

# ଶେଖ ହସିନାଙ୍କୁ କ୍ଷମତାଚ୍ୟୁତ କରିବା ପଛରେ କ୍ଲିଣ୍ଟନ




ନୂଆଦିଲ୍ଲୀ,୯/୧୧ : ବାଂଲାଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ ହସିନାଙ୍କ ଘନିଷ୍ଠ ସହଯୋଗୀ ଏବଂ ପୂର୍ବତନ ମନ୍ତ୍ରୀ ମୋହିବୁଲ ହାସନ ଚୌଧୁରୀ ଏକ ବଡ଼ ଦାବି କରିଛନ୍ତି। ରୁଷିଆ ଟୁଡେ ସହିତ ଏକ ସାକ୍ଷାତକାରରେ ଚୌଧୁରୀ ଅଭିଯୋଗ କରିଛନ୍ତି ଯେ ୨୦୨୪ ମସିହାରେ ଶେଖ ହସିନାଙ୍କ କ୍ଷମତାରୁ ବହିଷ୍କାର ପଛରେ ଆମେରିକୀୟ ସଂଗଠନ ୟୁଏସଏଡ୍ ଏବଂ କ୍ଲିଣ୍ଟନ ପରିବାରର ହାତ ଥିଲା। ସେ ଏହା ମଧ୍ୟ କହିଛନ୍ତି ଯେ ବର୍ତ୍ତମାନର ମଧ୍ୟବର୍ତ୍ତୀକାଳୀନ ସରକାର ମୁଖ୍ୟ ଏବଂ ନୋବେଲ ପୁରସ୍କାର ବିଜେତା ମହମ୍ମଦ ୟୁନୁସଙ୍କର ଆମେରିକା ସହିତ ଦୀର୍ଘକାଳୀନ ସମ୍ପର୍କ ଥିଲା। ତଥାପି, ଆମେରିକା ଏହି ଅଭିଯୋଗଗୁଡ଼ିକୁ 'ହାସ୍ୟସ୍ପଦ' ବୋଲି ପୂର୍ବରୁ ଖାରଜ କରିସାରିଛି। ଚୌଧୁରୀ ଦାବି କରିଛନ୍ତି ଯେ ଆମେରିକୀୟ ଏଜେନ୍ସି ଏବଂ କିଛି ଏନଜିଓ ୨୦୧୮ ମସିହାରୁ ହସିନା ସରକାରଙ୍କ ବିରୁଦ୍ଧରେ ଏକ ଅଭିଯାନ ଆରମ୍ଭ କରିଥିଲେ। ସେ କହିଛନ୍ତି, 'କିଛି ଆମେରିକୀୟ ଏନଜିଓ, ବିଶେଷକରି ୟୁଏସଏଡ୍ ଏବଂ ଇଣ୍ଟରନ୍ୟାସନାଲ ରିପବ୍ଲିକାନ ଇନଷ୍ଟିଚ୍ୟୁଟ୍, ଦୀର୍ଘ ସମୟ ଧରି ଆମ ସରକାରଙ୍କୁ ଟାର୍ଗେଟ କରିଆସୁଛନ୍ତି।' ସେ ଅଭିଯୋଗ କରିଛନ୍ତି ଯେ ୟୁଏସଏଡ୍ ପାଣ୍ଠିରେ ଲକ୍ଷ ଲକ୍ଷ ଡଲାର ଗାଏବ ହୋଇଯାଇଥିଲା ଏବଂ 'ଶାସନ ପରିବର୍ତ୍ତନ କାର୍ଯ୍ୟକଳାପ' ପାଇଁ ବ୍ୟବହୃତ ହୋଇଥିଲା। ତାଙ୍କ ଅନୁସାରେ, 'ଏହି ପାଣ୍ଠି ଯୋଗୁଁ ବାଂଲାଦେଶରେ ବ୍ୟାପିଥିବା ଅରାଜକତା ଯୋଜନାବଦ୍ଧ ଭାବରେ ଏବଂ ଧୀରେ ଧୀରେ ଏକ ବଡ଼ ଦଙ୍ଗାରେ ପରିଣତ ହୋଇଥିଲା।' ଏହି ଦଙ୍ଗା ପଛରେ ଆମେରିକାର ହାତ ଥିବା ଖୋଦ ହସିନା ପୂର୍ବରୁ କହିସାରିଛନ୍ତି ।

▶▶ପୃଷ୍ଠା ୭

# ଧରାପଡ଼ିଲେ ଦୁର୍ଦ୍ଧାନ୍ତ ଅଲ୍ କାଏଦା ଆତଙ୍କବାଦୀ: ଗାଜାରୁ ଟ୍ରେନିଂ ନେଇ ଆସିଥିଲେ ଗୁଜରାଟ



ନୂଆଦିଲ୍ଲୀ,୯/୧୧ : ଗୁଜରାଟର ଆତଙ୍କବାଦ ନିରୋଧୀ ସ୍କ୍ୱାଡ୍ ଓ କେନ୍ଦ୍ରୀୟ ସୁରକ୍ଷା ଏଜେନ୍ସୀଗୁଡ଼ିକର ମିଳିତ ଉଦ୍ୟମରେ ୩ ଜଣ ଆତଙ୍କବାଦୀଙ୍କୁ ଗିରଫ କରାଯାଇଛି। ଆତଙ୍କବାଦୀ ସଂଗଠନ ଆଇଏସ୍ଆଇଏସ୍ ସହିତ ଏହି ୩ ଜଣଙ୍କର ସଂପର୍କ ଥିବା ବେଳେ ସେମାନେ ଦେଶର ବିଭିନ୍ନ ସ୍ଥାନରେ ଆକ୍ରମଣ କରିବାକୁ ଯୋଜନା କରିଥିଲେ ବୋଲି ଏଟିଏସ୍ କହିଛି। ଗିରଫ ଆତଙ୍କବାଦୀମାନେ ହେଉଛନ୍ତି, ଅହମଦ ମୋହିଉଦ୍ଦୀନ ସୈୟଦ, ମହମ୍ମଦ ସୁହେଲ ଓ ଆଜାଦ ସୈଫୀ। ୩୫ ବର୍ଷୀୟ ଅହମଦ ମୋହିଉଦ୍ଦୀନ ସୈୟଦ ଜଣେ ଡାକ୍ତର। ଏହି ତିନି ଆତଙ୍କବାଦୀ ଆଇଏସ୍ଆଇଏସ୍ର ଶାଖା ଆଇକେଏସ୍‌ପି ସହିତ ସଂପୃକ୍ତ ଥିଲେ। ଏହି ତିନି ଜଣଙ୍କ ଉପରେ ଗୁଜରାଟ ଏଟିଏସ୍ ପ୍ରାୟ ବର୍ଷେ ହେଲାଣି ନଜର ରଖିଥିଲା। ଗିରଫ ୩ ଆତଙ୍କବାଦୀ ଅହମଦାବାଦ, ଲକ୍ଷ୍ନୌ ଓ ଦିଲ୍ଲୀରେ ରେକି କରିସାରିଥିଲେ। ସେମାନେ କୌଣସି ବଡ଼ ଆକ୍ରମଣ ଯୋଜନା କରି ବ୍ଲୁ ପ୍ରିଣ୍ଟ ତିଆରି କରୁଥିଲେ ବୋଲି ଏଟିଏସ୍ କହିଛି। ଦୁଇ ଦିନ ତଳେ ଅହମଦ ମୋହିଉଦ୍ଦୀନ ସୈୟଦକୁ ଅଡାଲଜ ଟୋଲ ଗେଟ ପାଖରୁ ଗିରଫ କରିଥିଲା ଗୁଜରାଟ ଏଟିଏସ। ତାଙ୍କ କାରରୁ ବନ୍ଧୁକ ଓ ରାୟଜିନ ନାମକ ଏକ ତରଳ କେମିକାଲ ଜବତ କରାଯାଇଥିଲା। ଗିରଫ ୩ ଆତଙ୍କବାଦୀ ଏହି କେମିକାଲକୁ ବ୍ୟବହାର କରି 'ରାୟଜିନ' ନାମକ ଏକ ବହୁତ ବିଷାକ୍ତ ତରଳ ରସାୟନିକ ପଦାର୍ଥ ତିଆରି କରିବା ପ୍ରକ୍ରିୟାରେ ଥିଲେ।

▶▶ପୃଷ୍ଠା ୭

# ଇନ୍ଦ୍ରପ୍ରସ୍ଥ ଡ୍ରେନ ନିର୍ମାଣରେ ଅନିୟମିତତା : ସଲାସୁତରାରେ ଅନୁଦାନ ଟଙ୍କା ହଡ଼ପ ପାଇଁ ଯୋଜନା

ଚମ୍ପୁଆ,୯/୧୧ (ନି.ପ୍ର): ଇନ୍ଦ୍ରପ୍ରସ୍ଥ ଗ୍ରାମ ମହାନ୍ତ ସାହିରେ ହେଉଥିବା ସଂଯୋଗୀକରଣ ଡ୍ରେନ ନିର୍ମାଣ କାର୍ଯ୍ୟରେ ବ୍ୟାପକ ଅନିୟମିତତା ଚାଲିଥିବା ଦେଖିବାକୁ ମିଳିଛି। ସରକାରଙ୍କ ନିୟମକୁ ଉଲଂଘନ କରି ବିନା ଫଳକରେ ଠିକାଦାର ନିମ୍ନମାନର କାମ କରୁଥିଲେ ମଧ କାର୍ଯ୍ୟ ତଦାରଖ କରିବାକୁ ବିଭାଗୀୟ ଅଧିକାରୀଙ୍କ ପାଦ ପଡୁନାହିଁ। ଯାହା ଠିକାଦାର ଓ ଅଧିକାରୀଙ୍କ ମଧୁଚନ୍ଦ୍ରିକାକୁ ପଦାରେ ପକାଇଛି। ସୂଚନା ଅନୁସାରେ, ଚମ୍ପୁଆ ବ୍ଲକ ଅନ୍ତର୍ଗତ ସୁନାପଶି ପଂଚାୟତ ଇନ୍ଦ୍ରପ୍ରସ୍ଥ ଗ୍ରାମର ମହାନ୍ତ ସାହି ରାସ୍ତା ଦୁଇ କଡରେ ଥିବା ଡ୍ରେନକୁ ସଂଯୋଗ କରିବା ପାଇଁ ସାହି ଭିତରେ ଏକ ସଂଯୋଗୀକରଣ ଡ୍ରେନର ନିର୍ମାଣ କାର୍ଯ୍ୟ ଚାଲିଛି। ଏଥିରେ ଡ୍ରେନ ନିର୍ମାଣ ସହିତ ଉପରେ ସ୍ଲାପ ପଡିବା କାର୍ଯ୍ୟ କରାଯାଉଥିବା ବେଳେ ନିର୍ମାଣ କାର୍ଯ୍ୟ ଅତି ନିମ୍ନମାନର ହେଉଥିବା ଅଭିଯୋଗ ହେଉଛି। ସରକାରୀ ଅନୁଦାନରେ ହେଉଥିବା ସମସ୍ତ କାର୍ଯ୍ୟ ଆରମ୍ଭ ହେବା ପୂର୍ବରୁ ସୂଚନା ଫଳକ ଲାଗିବାର ନିୟମ ରହିଛି। କିନ୍ତୁ, ଏଠାରେ ଠିକାଦାର ଓ ଅଧିକାରୀଙ୍କ ମଧୁଚନ୍ଦ୍ରିକା ପାଇଁ ବିନା ଫଳକରେ ଚାଲିଛି ଡ୍ରେନ ନିର୍ମାଣ କାର୍ଯ୍ୟ। ଏହି କାର୍ଯ୍ୟର କାର୍ଯ୍ୟାଦେଶ ଚମ୍ପୁଆ ପଂଚାୟତ ସମିତି ପକ୍ଷରୁ ଦିଆଯାଇଥିବା କୁହାଯାଉଥିବା ବେଳେ ଫଳକ ନଥିବାରୁ ଏହା କେଉଁ ବିଭାଗର କାମ, କେତେ ଟଙ୍କା ଅନୁଦାନ ଦିଆଯାଇଛି, କାର୍ଯ୍ୟାଦେଶ କେବେ କେଉଁ ଠିକାଦାରଙ୍କୁ ଦିଆଯାଇଛି କିଛି ସଠିକ ତଥ୍ୟ ମିଳି ପାରୁନାହିଁ। ତା' ସହିତ ଡ୍ରେନରେ ସଠିକ ଭାବେ ରଡ଼ ମଧ ବନ୍ଧା ଯାଉ ନାହିଁ। ପ୍ରାୟ ଏକ ଫୁଟ ରୁ ଅଧିକ ଦୂରତାରେ ରଡ଼ ବନ୍ଧା ଯିବା ସହିତ ଉକ୍ତ କାର୍ଯ୍ୟରେ ଅତି ନିମ୍ନମାନର ବାଲି ବ୍ୟବହାର କରାଯାଉଥିବା ଦେଖିବାକୁ ମିଳିଛି। ଫଳରେ କାର୍ଯ୍ୟର ସ୍ଥାୟୀତ୍ୱକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ଏ ସମ୍ପର୍କରେ କନିଷ୍ଠ ଯନ୍ତ୍ରୀ ସୁଦେଷ୍ଣା ପାତ୍ରଙ୍କୁ ଯୋଗାଯୋଗ କରିବାରୁ କାର୍ଯ୍ୟ ନିମ୍ନମାନର ହେଉଥିବା କଥାକୁ ସେ ସ୍ୱୀକାର କରିବା ସହିତ କାର୍ଯ୍ୟକୁ ବନ୍ଦ କରିବା ପାଇଁ କୁହାଯାଇଛି କହିଥିବା ବେଳେ କାର୍ଯ୍ୟକ୍ଷେତ୍ରରେ କିନ୍ତୁ ଓଲଟା ଦେଖିବାକୁ ମିଳିଛି। ଯନ୍ତ୍ରୀଙ୍କ କଥା ନ ମାନି ଅମାନିଆ ସହଯୋଗୀ ଠିକାଦାର କର୍ମଚାରୀ ମାନେ ଜେନତେନ ପ୍ରକାରେ କାର୍ଯ୍ୟ ଶେଷ କରିବାକୁ ଜୋରଦାର ଲାଗିପଡ଼ିଥିବା ଦେଖିବାକୁ ମିଳିଛି। ତେବେ ବିଭାଗୀୟ କାର୍ଯ୍ୟାଦେଶରେ କାର୍ଯ୍ୟ କରାଯାଉଥିଲେ ମଧ ସହଯୋଗୀ ଠିକାଦାର ମାନେ ଯନ୍ତ୍ରୀଙ୍କ କଥା ଶୁଣୁ ନଥିବା ବେଳେ ଏହି କାର୍ଯ୍ୟକୁ ସୁନାପଶି ସରପଞ୍ଚଙ୍କ ବାପା ବାଗରା ଚାତାର ଦେଖାଶୁଣା କରୁଥିବା ଜଣାପଡିଛି। ତେବେ ଖୋଦ୍ ସରପଂଚଙ୍କ ବାପା କାର୍ଯ୍ୟ ଦେଖାଶୁଣା କରୁଥିଲେ ମଧ କାର୍ଯ୍ୟରେ ଅନିୟମିତତା ହେଉଥିବାରୁ ଏଥିରେ ବିଭାଗୀୟ ଅଧିକାରୀ ଓ ସହଯୋଗୀ ଠିକାଦାରଙ୍କ ସଲାସୁତରାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ମିଳିମିଶି ଅନୁଦାନ ଟଙ୍କାକୁ ହଡପ କରିବା ପାଇଁ ବିଧିବଦ୍ଧ ଯୋଜନା କରାଯାଇଥିବା କୁହାଯାଉଛି। ଯାହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ତେଣୁ ଏଥିପ୍ରତି ଜିଲ୍ଲା ପ୍ରଶାସନ ତୁରନ୍ତ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଦାବୀ ହେଉଛି।

# ବୁଲା ଗାଈ ଓ ଗୋରୁଙ୍କ ପାଇଁ କାମଧେନୁ ଗୋସେବା ଟ୍ରଷ୍ଟ ସମର୍ପିତ ସ୍ଥାୟୀ ଗୋଶାଳା ଆରମ୍ଭ ଲାଗି ବୈଠକ ଅନୁଷ୍ଠିତ

କେନ୍ଦୁଝର,୯/୧୧ (ନି.ପ୍ର): ସ୍ଥାନୀୟ ସହିଦ ସଦନ ଠାରେ ଗୋସେବାକୁ ବ୍ରତ କରିଥିବା କାମଧେନୁ ଗୋସେବା ଟ୍ରଷ୍ଟ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟତଃ ବୁଲା ଗାଈ ଗୋରୁଙ୍କ ସେବା ତଥା ଥଇଥାନ ଲାଗି ଏକ ସ୍ଥାୟୀ ଗୋଶାଳା କରିବାକୁ ସମସ୍ତଙ୍କ ପରାମର୍ଶ ଓ ସହଯୋଗ ନେବାକୁ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ବୈଠକରେ ବରିଷ୍ଠ ଡାକ୍ତର ତଥା ସମାଜସେବୀ ଅରୁଣ କୁମାର ସାହୁ ଅଧ୍ୟକ୍ଷତା କରି ଜଗନ୍ନାଥଙ୍କ ପାଖେ ପ୍ରାରମ୍ଭିକ ଦୀପ ପ୍ରଜ୍ୱଳନ ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା । କାମଧେନୁ ଗୋସେବା ଟ୍ରଷ୍ଟର ସେଟଲର ମୋନାଲିସା ଦାଶ ସଭା ପରିଚାଳନା କରି ଗୋସେବାକୁ ଜୀବନର ବ୍ରତ ବୋଲି କହିଥିଲେ। ଏଥିଲାଗି ବିଭିନ୍ନ ଆଡ଼େ ବୁଲି ଗୋସେବା କଲା ପରେ ସ୍ଥାୟୀ ଗୋଶାଳା ଲାଗି ସ୍ଥାନ ଖୋଜୁଥିବା ସେ ଜଣାଇଥିଲେ, ପୁଣି କହିଥିଲେ କି ଅପାତତଃ ସହର ନିକଟରେ ଏହି ଗୋଶାଳା ହେବାକୁ ଯାଉଛି। ସମସ୍ତେ ଏକଥା ଜାଣି ଖୁସି ପ୍ରକଟ କରି ସ୍ୱାଗତ କରିଥିଲେ। ଲୋକେ ରାସ୍ତାରେ ଗୋରୁ ଛାଡୁଛନ୍ତି ହେଲେ ଦୁର୍ଘଟଣା ହେଲେ ଅସହାୟ ହୋଇ ନେଉନାହାନ୍ତି, ପୁଣି ନଗରପାଳିକାର ସବୁ କାଞ୍ଜିଆହୁଦା ଏବେ ବନ୍ଦ ତେଣୁ ଗୋରୁଙ୍କୁ ଥଇଥାନ କରିବା କାଠିକର ପାଠ ହେଉଛି । ଭାରତରେ ଗାଈକୁ ପୂଜା କରାଯାଏ ତେଣୁ ଏପରି ଅବହେଳା ଆଉ ବରଦାସ୍ତ କରାଯିବନି ବୋଲି ଶ୍ରୀମତୀ ଦାଶ କହିଥିଲେ ତେଣୁ ସ୍ଥାୟୀ ଗୋଶାଳା ଲାଗି ସମସ୍ତେ ସହଯୋଗ କରିବାକୁ ସେ ଅନୁରୋଧ କରିଥିଲେ । ଏହି ସଭାରେ ଟ୍ରଷ୍ଟ ସଦସ୍ୟ ସରୋଜ ଦାଶ ବିବରଣୀ ପାଠ କରିଥିଲେ। ବୈଠକରେ ଅନ୍ୟତମ ଟ୍ରଷ୍ଟ ସଦସ୍ୟ ହିତେଶ ରାଠୋର ଓ ଫଣୀ ଭୂଷଣ ବିଶ୍ୱାଳ ଉପସ୍ଥିତ ରହି ସହଯୋଗ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଭୁତି ଭୂଷଣ ଦାଶ, ଦେବରାଜ ଆଚାର୍ଯ୍ୟ, ଡକ୍ଟର ଶଶୀକାନ୍ତ ଜେନା, ଜଗଦୀଶ ରାଠୋର, ଲକ୍ଷ୍ମୀଧର ନାଏକ, ଡାକ୍ତର ଜଗଦୀଶ ମହାନ୍ତି, ସୌମ୍ୟ ସାହୁ, ଦିବ୍ୟ ପ୍ରସାଦ ବାରିକ, ସତ୍ୟଜିତ ସାମନ୍ତରାୟ, ଦୁର୍ଯ୍ୟୋଧନ ମହାନ୍ତି, ପ୍ରତାପ କୁମାର ଝରା, ରତ୍ନମଣି ସେଠୀ, ସୁବ୍ରତ ମହାନ୍ତି, ମହେନ୍ଦ୍ର ସାହୁ, ବିଭୁ ଅର୍ଜନା ରାଉତରାୟ, ଗିରିଜା ମିଶ୍ର ପ୍ରମୁଖ ଉପସ୍ଥିତ ରହି ନିଜର ମୂଲ୍ୟବାନ ମତାମତ ରଖିଥିଲେ।

# ବଳରାମପୁର ପଂଚାୟତ ଉଚ୍ଚ ବିଦ୍ୟାଳୟରେ ବିଦ୍ୟାଳୟସ୍ତରୀୟ ବିଜ୍ଞାନ ମେଳା

କେନ୍ଦୁଝର,୯/୧୧ (ନି.ପ୍ର): ଘସିପୁରା ବ୍ଲକ ଅନ୍ତର୍ଗତ ପଂଚାୟତ ଉଚ୍ଚ ବିଦ୍ୟାଳୟ ବଳରାମପୁରରେ ବିଦ୍ୟାଳୟ ସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଅନୀଲ କୁମାର ନାୟକ ଏହାକୁ ଉଦଘାଟନ କରିଥିଲେ। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଗୋପୀ ଦାସ ଏବଂ ଚିନ୍ତାମଣି ସାହୁ ବିଚାରକ ଭାବେ ଯୋଗ ଦେଇଥିଲେ। ବିଜ୍ଞାନ ଶିକ୍ଷୟତ୍ରୀ ଚିନ୍ମୟୀ ସେଠୀ ଓ ଶିକ୍ଷକ ବାବୁଲାଲ ନାୟକଙ୍କ ତତ୍ତ୍ୱାବଧାନରେ ବିଜ୍ଞାନ ମେଳାର ଆୟୋଜନ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ନିବେଦିତା ଦାସ, ସୁପ୍ତିପ୍ରୀୟା ଚକ୍ର, ପ୍ରମିଳା ସେଠୀ, ସୁଷମା ଜେ ମାନସୀ ସାହୁ, ସୁବ୍ରତ ସାହୁ, ନାଗଭୂଷଣ ରାଉତ, ସୁଭଦ୍ରା ନାୟକ, ଆଶିଷ ସାହୁ, ରଶ୍ମୀ ବେହେରା ଓ ରସାନ ସାହୁ ସହଯୋଗ କରିଥିଲେ।

## ସାପ କାମୁଡାରେ ପାଉଁରୁଟି କାରଖାନା ମାଲିକ ଗୁରୁତର

କୋରେଇ,୯/୧୧ (ନି.ପ୍ର): ପାଣିକୋଇଲିସ୍ଥିତ ପାଉଁରୁଟି କାରଖାନାରେ ଏକ ବିଷାକ୍ତ ସାପ ପଶିଯିବା ସହ ମାଲିକଙ୍କୁ କାମୁଡି ଦେବାରୁ ସେ ଗୁରୁତର ହୋଇଛନ୍ତି।

ପ୍ରକାଶଯେ, ପାଣିକୋଇଲି ଆଙ୍କୁଲା ରାସ୍ତାରେ (ଗଣେଷ ମାର୍କେଟ) ବାବୁ ଖାଁ ଏକ ପାଉଁରୁଟି କାରଖାନା କରିଛନ୍ତି । ଆଜି ମଧ୍ୟାହ୍ନରେ ଏକ ନାଗ ସାପ ରୁଟି କାରଖାନାରେ ପଶିଥିଲା । ସାପଟି କାରଖାନା ମାଲିକ ଭଦ୍ରକ ଅଂଚଳର ବାବୁ ଖାଁଙ୍କ ହାତକୁ କାମୁଡି ଦେଇଥିଲା । ଫଳରେ ସେ ଆହତ ହୋଇଥିଲେ । ଏହା ଦେଖି ସମସ୍ତେ ଭୟଭିତ ହୋଇପଡିଥିଲେ । ଆମେ ଆପଣଙ୍କ ପାଇଁ ହେଲପିଂଗ ଗ୍ରୁପ ସଦସ୍ୟ ମାନେ ପହଂଚି ଯାଜପୁରରୋଡ ସାପ ଧରାଳିଙ୍କ ସହାୟତା ନେବା ପରେ ସେ ଆସି ନାଗ ସାପଟିକୁ ଉଦ୍ଧାର କରିଥିଲେ । ଅପରପକ୍ଷେ ବାବୁଙ୍କୁ ଚିକିତ୍ସା ନିମନ୍ତେ ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତି କରାଯାଇଥିଲା । ସେଠାରେ ତାଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଛି ।

# ପାଣି ପାଇପ୍ ବିଛା ଯୋଗୁ ରାସ୍ତା ହେଉଛି ନଷ୍ଟ: ସମସ୍ୟା ଭୋଗୁଛନ୍ତି ଲୋକେ, ଠିକାଦାର ଛୁ

କୋରେଇ,୯/୧୧ (ନି.ପ୍ର): ଗ୍ରାମାଂଚଳରେ ଏବେ ବିଶୁଦ୍ଧ ପାଣି ଯୋଗାଇବା ଲକ୍ଷ୍ୟରେ ପାଇପ ବିଛା କାମ ଚାଲୁ ରହିଛି । ହେଲେ ପାନୀୟ ଜଳ ଯୋଗାଇବା ପାଇଁ ପକାଯାଉଥିବା ପାଇପ ରାସ୍ତା କଡରେ ନିଆଯାଉଛି । ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ପଥରପଦା ପଂଚାୟତ ଅନ୍ତର୍ଗତ ଓଚିନ୍ଦା ଗ୍ରାମକୁ ଯାଇଥିବା ରାସ୍ତାରେ । ଜେସିବି ଦ୍ୱାରା ଗାତ ଖୋଳି ପାଇପ ବିଛାଯାଉଛି । ଫଳରେ ପିଚୁ ରାସ୍ତା କଡ ଭାଂଗିଯାଉଛି । ରାସ୍ତାର ଉଭୟ ପଟ ଖୋଳି ଦେଇ ପାଇପ ପୁରାଇବା ପରେ ତାକୁ ସମାନ କରାଯାଉନଥିବାରୁ ପିଚୁର ଦୁଇ କଡରେ ଖାଲ ହୋଇଯାଉଛି । ଯାହା ଫଳରେ ପୂର୍ବରୁ ରାସ୍ତାରେ ଦୁଇଟି ଗାଡି ଗଲେ ଗୋଟିଏ ଗାଡି ପିଚୁରୁ ରାସ୍ତା ତଳକୁ ଓହ୍ଲାଇ ଥାଏ । ମାତ୍ର ଏବେ ରାସ୍ତା ତଳକୁ ଗାଡି ଗଡିବା ସମ୍ଭବ ହେଉନାହିଁ । ଯାହା ଫଳରେ ଦୂରରୁ ଗାଡି ରଖିବାକୁ ପଡୁଛି । ହେଲେ ଠିକାଦାର ପାଇପ ବିଛା ପରେ ଖାଲକୁ ମରାମତି ନକରି ଛୁ ମାରିଛି । ଯାହା ଫଳରେ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି । ପାଣି ପାଇବା ପାଇଁ ରାସ୍ତା ନଷ୍ଟ ହେବା ହେବା କେତେଦୂର ଯଥାର୍ଥ ତାହା ବୁଝା ପଡୁନି । ପାନୀୟ ଜଳ ବିଭାଗ ପକ୍ଷରୁ ଯେଉଁମାନଙ୍କୁ ଠିକା ଦିଆଯାଇଛି ସେମାନଙ୍କ ପାଇଁ ମାର୍ଗଦର୍ଶିକା ଜାରି କରିବାର ଆବଶ୍ୟକତା ରହିଛି । ରାସ୍ତା କଡ ଖୋଳି ଚାଲିଗଲେ ହେବ ନାହିଁ । ଏହାକୁ ମରାମତି କରିବାର ଆବଶ୍ୟକତା ଜରୁରୀ ହୋଇପଡିଛି । ନଚେତ ବଢୁଥିବା ଅସନ୍ତୋଷ ଉଗ୍ର ରୂପ ନେବାର ସମ୍ଭାବନା ରହିଛି । ଏନେଇ କୋରେଇ ପାନୀୟ ଜଳ ବିଭାଗ ସହକାରୀ ଯନ୍ତ୍ରୀ ଖଗେଶ୍ୱର ବେହେରାଙ୍କୁ ପଚାରିବାରୁ ଖୋଳିଥିବା ରାସ୍ତା ପାଶ୍ୱର୍ ମରାମତି କରିବାକୁ ଠିକାଦାର ବାଧ । ସେଥିପାଇଁ ମାର୍ଗଦର୍ଶିକା ରହିଛି । ଠିକାଦାର ଯଦି ଏହାକୁ ଅମାନ୍ୟ କରନ୍ତି ତାହେଲେ ସେମାନଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

# କବି ବାବୁଲାଲ ପଲେଇ ପାଇଲେ ଘନଶ୍ୟାମ ଜେନା ସ୍ମୃତି ସମ୍ମାନ

କେନ୍ଦୁଝର,୯/୧୧ (ନି.ପ୍ର): କେନ୍ଦୁଝର ଜିଲ୍ଲା ତଥା ରାଜ୍ୟର ଜଣେ ସୁପରିଚିତ କବି, ସାହିତ୍ୟିକ, ଦୃଢ଼ ସଂଗଠକ ତଥା ଓଡ଼ିଆ ଭାଷା ସାହିତ୍ୟର ନବ ଉନ୍ମେଷ ସଂଯୋଗୀ ସଜଫୁଲର ପ୍ରତିଷ୍ଠାତା ସମ୍ପାଦକ ବାବୁଲାଲ ପଲେଇଙ୍କୁ ଯାଜପୁର ଜିଲ୍ଲାର କୋରେଇ ବ୍ଲକ୍ ଅନ୍ତର୍ଗତ ଗମ୍ଭ ଗମ୍ଭାରିଆ ଗ୍ରାମସ୍ଥ କନକଚମ୍ପା ଫାଉଣ୍ଡେସନ ତରଫରୁ 'ଘନଶ୍ୟାମ ଜେନା ସ୍ମୃତି ସମ୍ମାନ' ରେ ସମ୍ମାନିତ କରାଯାଇଛି। ଫାଉଣ୍ଡେସନ ଦ୍ୱାରା ଆୟୋଜିତ ରାଜ୍ୟସ୍ତରୀୟ ଘନଶ୍ୟାମ ଜେନାଙ୍କ ତୃତୀୟ ଶ୍ରାଦ୍ଧୋତ୍ସବ ଓ ପ୍ରତିଭା ସମ୍ମାନ ସମାରୋହରେ ଜୀବନବ୍ୟାପୀ ସାହିତ୍ୟ ସାଧନା, କଳା ସଂସ୍କୃତି ପରମ୍ପରା ଓ ଐତିହ୍ୟକୁ ଋଦ୍ଧିମନ୍ତ କରିବା ପାଇଁ ଉତ୍ସର୍ଗୀକୃତ ମନୋଭାବ ନେଇ ସେବା କରୁଥିବା ଶ୍ରୀ ପଲେଇଙ୍କୁ ଏହି ସମ୍ମାନ ଦିଆଯାଇଛି। କନକଚମ୍ପା ଫାଉଣ୍ଡେସନର ସଭାପତି ଡ. ରଂଜନ କୁମାର ପ୍ରତିହାରୀଙ୍କ ପୌରହିତ୍ୟରେ ମୁଖ୍ୟ ଅତିଥି ରୂପେ ବ୍ୟାସନଗର ସ୍ୱୟଂ ଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଶିବ ଚରଣ ମାଝୀ, ମୁଖ୍ୟ ବକ୍ତା ଭାବେ କଟକ ଜିଲ୍ଲାର ଅବସରପ୍ରାପ୍ତ ଚିକିତ୍ସକ ଓ ସମାଜସେବୀ ଡା ଚିନ୍ତାମଣି ଜେନା, ସମ୍ମାନିତ ଅତିଥି ରୂପେ କୋରେଇ ବ୍ଲକର ପୂର୍ବତନ ଉପାଧ୍ୟକ୍ଷ ପ୍ରସନ୍ନ କୁମାର ମିଶ୍ର, ଶିକ୍ଷକ ନେତା କୈଳାସ ନାୟକ, ସୁସାହିତ୍ୟିକା ତଥା ବଉଳ ଫୁଲ ମହକର ସଂପାଦିକା ବ୍ରଜେଶ୍ୱରୀ ସିଂ, ଭଦ୍ରକ ଜିଲ୍ଲାର ବରିଷ୍ଠ ଗାଳ୍ପିକ ପ୍ରଭାତ ସିହ୍ନା, ଅନୁଷ୍ଠାନର ସଂପାଦକ ପ୍ରଶାନ୍ତ କୁମାର ଜେନା, ନାରୀ କବି ବିଜୟଲକ୍ଷ୍ମୀ ମହାପାତ୍ର ଓ ସାମ୍ବାଦିକ ପୂର୍ଣ୍ଣଚନ୍ଦ୍ର ଦାଶ ଆଦି ପ୍ରମୁଖ ଯୋଗଦେଇ ଶ୍ରୀ ପଲେଇଙ୍କୁ ମାନପତ୍ର, ଉପଢୌକନ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ମାନିତ କରିବା ସହିତ ଉଚ୍ଚ ପ୍ରଶଂସା କରିଥିଲେ। ଶ୍ରୀ ପଲେଇ ନିଜ ବାସଗୃହକୁ ଫେରିବା ପରେ ପରେ ସଂଯୋଗୀ ସଜଫୁଲ ପରିବାର ତରଫରୁ ତାଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରି ଶୁଭେଚ୍ଛା ଜଣାଇବା ସହ ଦୀର୍ଘ ନିରାମୟ ଜୀବନ କାମନା କରିଥିଲେ। ତତ୍ ସହିତ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ସାରସ୍ୱତ ସ୍ରଷ୍ଟା, ଶୁଭେଚ୍ଛୁ, ବନ୍ଧୁମାନେ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି।

# ରାଜ୍ୟ ଅଣଗେଜେଟେଡ୍ କର୍ମଚାରୀ ସମନ୍ୱୟ ସମିତି କୋରାପୁଟ ଜିଲ୍ଲା ଶାଖାର ଗୁରୁତ୍ୱପୂର୍ଣ୍ଣ ବୈଠକ

ଜୟପୁର,୯/୧୧ (ନି.ପ୍ର): ଓଡ଼ିଶା ରାଜ୍ୟ ଅଣଗେଜେଟେଡ୍ କର୍ମଚାରୀ ସମନ୍ୱୟ ସମିତି କୋରାପୁଟ ଜିଲ୍ଲା ଶାଖାର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଜୟପୁର ଯାଦବ ଭବନ ଠାରେ ଅନୁଷ୍ଠିତ ହୋଇଥିଲା। ଓଡ଼ିଶା ରାଜ୍ୟ ଅଣଗେଜେଟେଡ୍ କର୍ମଚାରୀ ସମନ୍ୱୟ ସମିତି କୋରାପୁଟ ଜିଲ୍ଲା ଶାଖା ସଭାପତି ଶଶୀ ଭୂଷଣ ଦାସଙ୍କ ଆହ୍ୱାନ କ୍ରମେ ବିଭିନ୍ନ ବିଭାଗରେ କାର୍ଯ୍ୟରତ ଶତାଧିକ ଅଣଗେଜେଟେଡ୍ କର୍ମଚାରୀ ଯୋଗଦାନ କରିଥିଲେ। କର୍ମଚାରୀ ମାନଙ୍କର ବିଭିନ୍ନ ନ୍ୟାର୍ଯ୍ୟ ଦାବି ସମ୍ପର୍କରେ ଉକ୍ତ ବୈଠକରେ ଆଲୋଚନା ହୋଇଥିଲା ।

ଏଥି ପୂର୍ବରୁ ଶିକ୍ଷା ବିଭାଗରେ କାର୍ଯ୍ୟରତ କର୍ମଚାରୀ ମାନଙ୍କର ୧୦ ଦଫା ଦାବି ପୁରଣ ନିମନ୍ତେ ଜିଲ୍ଲା ଶିକ୍ଷା ଅଧିକାରୀ କୋରାପୁଟଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଥିବା ଏହା ବିଭିନ୍ନ ଖବରକାଗଜରେ ପ୍ରଚାର ପ୍ରସାର ହୋଇଥିବା ଶ୍ରୀ ଦାଶ୍ ସୂଚନା ଦେଇଥିଲେ । ଏହି ଦାବି ଗୁଡ଼ିକ ନ୍ୟାୟ ସଙ୍ଗତ ବୋଲି ଶ୍ରୀ ଦାଶ୍ ପ୍ରକାଶ କରିଛନ୍ତି । ସରକାରଙ୍କ ନିର୍ଦ୍ଦେଶକୁ କଡାକଡି ପାଳନ କରାଯାଉନାହିଁ ବୋଲି ଶ୍ରୀ ଦାଶ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଓଡ଼ିଶା ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗଙ୍କ ନିର୍ଦ୍ଦେଶ ଅନୁଯାୟୀ ପ୍ରତ୍ୟେକ ବିଦ୍ୟାଳୟରେ ଅନ୍ତତଃ ପକ୍ଷେ ୨ ଜଣ ଶିକ୍ଷକ ନିଯୁକ୍ତ ହେବା କଥା କିନ୍ତୁ କୋରାପୁଟ ଜିଲ୍ଲାରେ ବହୁ ବିଦ୍ୟାଳୟରେ ଜଣେ ମାତ୍ର ଶିକ୍ଷକ ଅଛନ୍ତି ଯଦ୍ୱାରାକି ଶିକ୍ଷକ କିମ୍ବା ଶିକ୍ଷୟିତ୍ରୀ ଚାପଗ୍ରସ୍ତ ହୋଇ ରହୁଛନ୍ତି।

ସ୍ୱାସ୍ଥ୍ୟଗତ ସମସ୍ୟା ନେଇ ବିଭିନ୍ନ ଶିକ୍ଷକ ଶିକ୍ଷୟିତ୍ରୀ ବଦଳି ପାଇଁ ଆବେଦନ କରିଥିଲେ ମଧ ସେମାନଙ୍କ ଆବେଦନକୁ ଗ୍ରହଣ କରାଯାଇନାହିଁ ଏପରିକି ସେଠାରେ କ୍ୟାନ୍ସର ପୀଡ଼ିତ ଶିକ୍ଷକ ଶିକ୍ଷୟିତ୍ରୀ ମଧ ଅଛନ୍ତି । ନିର୍ଦ୍ଦେଶକ ପ୍ରାଥମିକ ଶିକ୍ଷା ଓଡ଼ିଶା ଏକ ନିର୍ଦ୍ଦେଶନାମା ଜାରୀ କରିଥିଲେ ଯେ, ଯେଉଁ ଶିକ୍ଷକ ଶିକ୍ଷୟିତ୍ରୀ ମାନେ କର୍ମାନ୍ତର ପ୍ରେରଣ ହୋଇ ଆସି ଯେଉଁ ବିଦ୍ୟାଳୟରେ କାର୍ଯ୍ୟରତ ସେମାନଙ୍କୁ ସେହି ବିଦ୍ୟାଳୟକୁ ବଦଳି କରି ଆଣିବା, ସେହି ଆଦେଶର ମଧ କାର୍ଯ୍ୟକାରୀ ହୋଇ ନଥିବା ଶ୍ରୀ ଦାଶ ସୂଚନା ଦେଇଥିଲେ । ଅନୁକମ୍ପା ମୂଳକ ନିଯୁକ୍ତି ପ୍ରଦାନ କରିବା ପାଇଁ ଓ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କୁ କନିଷ୍ଠ ସହାୟକ ପଦବୀକୁ ପଦୋନ୍ନତି ଦେବା ନିମନ୍ତେ ମଧ ସ୍ମାରକ ପତ୍ରରେ ଉଲ୍ଲେଖ ଥିବା ଶ୍ରୀ ଦାଶ ପ୍ରକାଶ କରିବା ସହିତ ଜିଲ୍ଲା ଶିକ୍ଷା ଅଧିକାରୀ କୋରାପୁଟଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।

ଏ ନେଇ ରାଜ୍ୟ ନିର୍ଦ୍ଦେଶକ ପ୍ରାଥମିକ ଶିକ୍ଷାଙ୍କୁ ଅବଗତ କରାଇବା ପାଇଁ ଉପସ୍ଥିତ କର୍ମଚାରି ମତ ଦେଇଥିଲେ, ତା ୨୩.୧୧.୨୦୨୫ ରିଖ ଦିନ ଜୟପୁରରେ ଏକ ସମାବେଶର ଆୟୋଜନ କରିବା ନିମନ୍ତେ ଉପସ୍ଥିତ କର୍ମଚାରି ମତ ଦେଇଥିଲେ । ଉକ୍ତ ସମାବେଶରେ ରାଜ୍ୟ ନେତୃବୃନ୍ଦ ଓ ସମସ୍ତ ଜିଲ୍ଲାର ନେତୃବୃନ୍ଦ ଯୋଗଦାନ କରିବା ସହିତ କର୍ମଚାରି ମାନଙ୍କର ବିଭିନ୍ନ ଦାବି ସରକାରଙ୍କ ନିକଟରେ ଉପସ୍ଥାପନ କରିବା ନେଇ ଶ୍ରୀ ଦାଶ୍ ସୂଚନା ଦେଇଥିଲେ ।

ବୈଠକରେ ଓଡ଼ିଶା ରାଜ୍ୟ ଅଣଗେଜେଟେଡ୍ କର୍ମଚାରୀ ସମନ୍ୱୟ ସମିତି କୋରାପୁଟ ଜିଲ୍ଲା ଶାଖା ସମ୍ପାଦକ ମହେଶ୍ୱର ମିଶ୍ର, ବରିଷ୍ଠ ସଦସ୍ୟ କିରଣ ମହାରଣା, ଶ୍ରୀଧର ମହାପାତ୍ର, ଅଜୟ କୁମାର ପ୍ରଧାନ, ସିମାଞ୍ଚଳ ବିଷୋୟୀ, କିରଣ କୁମାର କନ୍ଧପାଣ, ମାଣ୍ଡିଆ ସୁବାସ, ନରସିଂହ ସାବତଙ୍କ ସମେତ ବହୁ କର୍ମଚାରି ଯୋଗଦାନ କରିଥିଲେ ।

# ଜଳବାୟୁ ପରିବର୍ତ୍ତନର ହ୍ରାସ ଲାଗି ଯୁବ ସମାଜର ଗୁରୁ ଦାୟିତ୍ୱ

ପୁରୀ,୯/୧୧ (ନି.ପ୍ର): ଜଳବାୟୁ ପରିବର୍ତ୍ତନର ମୁଖ୍ୟ ସାଧନ ଭାବେ ବର୍ତ୍ତମାନ ଯୁବ ଶକ୍ତି ଆଗଭର ହେବା ଉଚିତ। ଜଳବାୟୁ ପରିବର୍ତନରେ ଶିଶୁ, ସାଧାରଣ ଜନତା ଓ ବିଶେଷ ଭାବେ ମହିଳା ମାନେ କ୍ଷତିଗ୍ରସ୍ତ ହୋଇଥାନ୍ତି। ଏହାର ସୁଦୂର ପ୍ରସାରି ସମାଧାନ ସକାଶେ ସମୟ ଉପନୀତ ବୋଲି ଆଜି ପୁରୀ ଠାରେ ଆୟୋଜିତ ଆଇନା, ଏଫ ଇ ଏସ, ୱେଲକାମ ଓ ୟୁଥ ଫର ୱାଟର ର ୱାଇ -କପ ୨୦୨୫ ଦୁଇଦିନିଆ 'ସମ୍ଭବନାମୟ ସମ୍ମିଳନୀ 'ଅବସରରେ ବହୁ ପରିବେଶବିତ ଚିନ୍ତା ପ୍ରକଟ କରିଛନ୍ତି। ଓଡିଶାର ଜଳ ପୁରୁଷ ଭାବେ ଖ୍ୟାତ ରଞ୍ଜନ ପଣ୍ଡାଙ୍କ ଆବାହକତ୍ୱ ରେ ଅନୁଷ୍ଠିତ ସମ୍ମିଳନୀରେ ରାଜ୍ୟରେ ପ୍ଲାଷ୍ଟିକ ମୁକ୍ତ ପିକନିକ ପାଳନ ସହ ପ୍ରାକୃତିକ ଦୁର୍ବିପାକ ସମୟରେ କ୍ଷତିର ସାମ୍ନା କରୁଥିବା ପ୍ରତ୍ୟେକ ବର୍ଗଙ୍କ ସମସ୍ୟାର ସମାଧାନ ସକାଶେ ବହୁ ସାମାଜିକ ସଂଗଠନର କାର୍ଯ୍ୟକର୍ତା ମତ ବିନିମୟ କରିଥିଲେ। ଜଣେ କୁନି ଝିଅ ଆଦ୍ୟା ଜଗଦେବ ମହାପାତ୍ର ନିଜର ସଂକ୍ଷିପ୍ତ ଅଭିଭାଷଣରେ ପ୍ଲାଷ୍ଟିକ ସମସ୍ୟା କିପରି ଦିନକୁ ଦିନ ବୃଦ୍ଧି ପାଉଛି ଏବଂ ଜୀବନର ପ୍ରତି ସ୍ତରରେ ପ୍ଲାଷ୍ଟିକ ବ୍ୟବହାରକୁ କମାଇ ପରିବେଶ ବନ୍ଧୁତ୍ୱକୁ ଆଗ୍ରହୀ ହେବାକୁ ଆହ୍ୱାନ ଦେଇଥିଲେ। ବିଶେଷକରି ଯୁବ ସମାଜ ବର୍ତମାନ ଠାରୁ ଯଦି ପରିବେଶ ସୁରକ୍ଷା ଦିଗରେ ବ୍ରତୀ ହେବେ ତଥା ପ୍ଲାଷ୍ଟିକମୁକ୍ତ ଜୀବନ ଧାରଣ ପ୍ରତି ସକାରାତ୍ମକ ଦୃଷ୍ଟିକୋଣ ରଖିବା ସକାଶେ ଆଗଭର ହେବାକୁ ଜଳପୁରୁଷ ରଞ୍ଜନ ପଣ୍ଡା ଆହ୍ୱାନ ଦେଇଥିବା ବେଳେ ଆଡ଼ ଏଟ ଆକ୍ସନ ର ମୁଖ୍ୟ ଉମି ଡାନିଏଲ ଜଳବାୟୁ ପରିବର୍ତନ ସକାସେ ହେଉଥିବା ସ୍ଥାନାନ୍ତରଣ ସମସ୍ୟା ସମ୍ପର୍କରେ ଆଲୋକପାତ କରିଥିଲେ। ଖାଦ୍ୟ ଅଧିକାର ଅଭିଯାନର କାର୍ଯ୍ୟକର୍ତା ସମୀତ ପଣ୍ଡା ଜଳବାୟୁ ପରିବର୍ତନରେ ଉତ୍ପନ୍ନ ଖାଦ୍ୟ ସଙ୍କଟର ସମାଧାନ ସକାଶେ ବିଭିନ୍ନ ଉପାୟର ଅବତାରଣା କରିଥିଲେ। ପ୍ରଥମ ଦିନରେ ସ୍ଥାନୀୟ ବିଦ୍ୟାଳୟର ଛାତ୍ର ଛାତ୍ରୀଙ୍କ ଦ୍ୱାରା ପରିବେଶ ପ୍ରଦୂଷଣ ଦୂରୀକରଣ ଶୀର୍ଷକ ବିଜ୍ଞାନ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା। ପରେ ପରେ ୟୁଥ ଫର ୱାଟର ଇନିସିଆଟିଭ ତରଫରୁ ସମସ୍ତ ଅଂଶଗ୍ରହଣକାରି ପ୍ରତିନିଧି ନୀଳାଦ୍ରି ବିଚ ରେ ସମାବେଶ ହୋଇ ପ୍ଲାଷ୍ଟିକ ମୁକ୍ତ ପିକନିକକୁ ଗୁରୁତ୍ୱ ଦେବା ଓ ଜନ ସାଧାରଣରେ ତାହାକୁ ପରିବ୍ୟାପ୍ତ କରିବାକୁ ଶପଥ ନେଇଥିଲେ। ବରିଷ୍ଠ କାର୍ଯ୍ୟକର୍ତା ସସ୍ମିତା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ଅଜଣା ଗାଡି ଧକ୍କାରେ ଦୁଇ କଲେଜ ଛାତ୍ରୀ ମୃତ

କେନ୍ଦୁଝର,୯/୧୧ (ନି.ପ୍ର): ଘଷିପୁରା ଅନ୍ତର୍ଗତ ୨୦ ନମ୍ବର ଜାତୀୟ ରାଜପଥ ବାରିଗାଁରେ ଏକ ମର୍ମନ୍ତୁଦ ସଡକ ଦୁର୍ଘଟଣାରେ ଦୁଇ ଛାତ୍ରୀଙ୍କର ଅକାଳ ମୃତ୍ୟୁ ଘଟିଛି । ଶାଳପଡା ସ୍ଥିତ କନକ ମଞ୍ଜରୀ ମହିଳା ମହାବିଦ୍ୟାଳୟର ଯୁକ୍ତ ତିନି ପ୍ରଥମ ବର୍ଷର ଛାତ୍ରୀ ଦୀପାଞ୍ଜଳି ସାହୁ (୨୦) ଏବଂ ଅର୍ଣ୍ଣପୂର୍ଣ୍ଣା ପାତ୍ର (୨୦) ଏହି ଘଟଣାରେ ପ୍ରାଣ ହରାଇଛନ୍ତି। ସୂଚନା ଅନୁଯାୟୀ, କ୍ଲାସ ସାରି ଘରକୁ ଫେରୁଥିବା ବେଳେ କଲେଜରୁ ଅଳ୍ପ ଦୂରରେ ଏକ ଅଜଣା ଗାଡି ସେମାନଙ୍କୁ ରାସ୍ତାରେ ଧକ୍କା ଦେଇ ଘଟଣାସ୍ଥଳରୁ ପଳାୟନ କରିଥିଲା। ସ୍ଥାନୀୟ ଲୋକେ ଦୁହିଁଙ୍କୁ ଆନନ୍ଦପୁର ଚିକିତ୍ସାଳୟରେ ଭର୍ତି କରିଥିଲେ ହେଲେ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଏହି ଘଟଣା ପରେ ଛାତ୍ରୀ, ଶିକ୍ଷକ ଏବଂ ଅଭିଭାବକମାନେ ଆତଙ୍କିତ ହୋଇ ଦ୍ରୁତ ଗତିରେ ଗାଡି ଚାଳନା ବିରୁଦ୍ଧରେ ଏବଂ ଦୋଷୀ ଚାଳକଙ୍କୁ ଧରାଯିବା ଘଟଣାଟିର ତଦନ୍ତ ପାଇଁ ଦାବି କରିଛନ୍ତି। ପୋଲିସ ଘଟଣାର ତଦନ୍ତ କରି ଅପରାଧୀ ଚାଳକଙ୍କୁ ଖୋଜିବାରେ ବ୍ୟସ୍ତ ଅଛି ।

# ଅବସରପ୍ରାପ୍ତ କର୍ମଚାରୀ ସଂଘର ଅଷ୍ଟମ ବାର୍ଷିକ ଉତ୍ସବ

କେନ୍ଦୁଝର,୯/୧୧ (ନି.ପ୍ର): ଅବସରପ୍ରାପ୍ତ କର୍ମଚାରୀ ସଂଘର ଅଷ୍ଟମ ବାର୍ଷିକ ଉତ୍ସବ ଉପରଡିହା ଗ୍ରାମପଂଚାୟତର ରାଜୀବ ଗାନ୍ଧୀ ସେବାକେନ୍ଦ୍ର ସଭାଗୃହରେ ମହାସମାରୋହରେ ପାଳିତ ହୋଇଯାଇଛି। ସଂଘର ସଭାପତି ଚକ୍ରଧର ବଳଙ୍କ ପୌରହିତ୍ୟରେ ମୁଖ୍ୟ ଅତିଥି ଭାବେ ସବ୍ ଡିଭିଜିନାଲ ପୋଲିସ ଅଫିସର ବିଜୟ କୃଷ୍ଣ ମହାପାତ୍ର, ତରା ଭାଗବତ ଟୁଙ୍ଗିର ମୁଖ୍ୟ ପୁରୋଧା ବୈଦ୍ୟନାଥ ବ୍ରହ୍ମଚାରୀ, ସ୍ୱତନ୍ତ୍ର ଅତିଥି ରୂପେ ହରିଚନ୍ଦନପୁର ଅବସରପ୍ରାପ୍ତ ସଂଘର ସଭାପତି ଗୋବର୍ଦ୍ଧନ ମହାନ୍ତି ଯୋଗଦେଇ ଅବସରପ୍ରାପ୍ତ କର୍ମଚାରୀ ମାନଙ୍କ ବିଭିନ୍ନ ସମସ୍ୟାର ସମାଧାନ ବିଷୟରେ ଆଲୋଚନା କରି ବରିଷ୍ଠ ସଦସ୍ୟ ମାୟାଧର ବାରିକଙ୍କୁ ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ଅବସରପ୍ରାପ୍ତ କର୍ମଚାରୀ ମାନେ ଚର୍ଯ୍ୟା ଅମୃତମୟ ଜୀବନରେ ରୂପାନ୍ତରିତ ହେଉ ବୋଲି ଅତିଥି ତଥା ବରିଷ୍ଠ ସଦସ୍ୟ ଗଣ ମତବବ୍ୟକ୍ତ କରିଥିଲେ। ପୂର୍ବାହ୍ନରେ ବରିଷ୍ଠ ସଦସ୍ୟ ମଦନମୋହନ ରାଉତଙ୍କ ନେତୃତ୍ୱରେ ସଂଘ ତରଫରୁ ଘଟଗାଁ ଡାକ୍ତରଖାନାରେ ରୋଗୀମାନଙ୍କୁ ଫଳ ବଂଟନ କରାଯାଇଥିଲା। ପ୍ରାରମ୍ଭରେ ଅତିଥି ମାନଙ୍କ ଦ୍ୱାରା ଜଗତଜନନୀ ମା ତାରିଣୀଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ଓ ଧୂପ ଦୀପ ପ୍ରଜ୍ୱଳନ କରି ସଭାଟିକୁ ଉଦଘାଟନ କରିଥିବା ବେଳେ ଚକ୍ରଧର ପଲେଇ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରସନ୍ନ କୁମାର ନାୟକ ସ୍ୱାଗତ ଭାଷଣ ଦେବା ସହ ସଂପାଦକ ନରୋତମ ବାରିକ ସଂଘର ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। ଅବସରପ୍ରାପ୍ତ କର୍ମଚାରୀ ସ୍ୱର୍ଗତ ରାମଚନ୍ଦ୍ର ନାୟକଙ୍କ ଆତ୍ମାର ସଦଗତି ନିମନ୍ତେ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିବା ବେଳେ ବିଶ୍ୱନାଥ ବେଜ ଧନ୍ୟବାଦ ଅର୍ପଣ କରିଥିଲେ। ମଂଚ ସଂଯୋଜନା କରିଥିଲେ ବାବୁଲାଲ ପଲେଇ । ସଦସ୍ୟ ଶେଷଦେବ ସାହୁ, ପ୍ରସନ୍ନ କୁମାର ବେହେରା, ଅନନ୍ତ ସାହୁ, ସନାତନ ସାହୁ, ସନ୍ତୋଷ କୁମାର ପତି, ପ୍ରସନ୍ନ କୁମାର ବାରିକ, କ୍ଷୀରୋଦ ବେହେରା, ଗଣେଶ୍ୱର ରାଉତ, ବ୍ରଜ ବଳ ପରିଚାଳନାରେ ସହଯୋଗ କରିଥିଲେ।

# ପୂର୍ବତନ ବିଧାୟକ ସ୍ୱର୍ଗତ କୁନ୍ଦୁରୁ କୁଶଳଙ୍କ ୧୮ତମ ଶ୍ରାଦ୍ଧ ବାର୍ଷିକୀ ପାଳନ

ସୁବର୍ଣ୍ଣପୁର,୯/୧୧ (ନି.ପ୍ର): ସୋନପୁରର ପୂର୍ବତନ ବିଧାୟକ ତଥା ସୋନପୁରର ବାଇମୁଣ୍ଡି କୁହାଯାଉଥିବା ସ୍ୱର୍ଗତ କୁନ୍ଦୁରୁ କୁଶଳଙ୍କ ୧୮ତମ ଶ୍ରାଦ୍ଧ ବାର୍ଷିକୀ ଆଜି ସ୍ଥାନୀୟ କୁଞ୍ଜ ଛକ ଠାରେ ପାଳିତ ହୋଇଯାଇଛି । ଏହି ଅବସରରେ ସକାଳେ ପ୍ରଥମେ ବ୍ଲକ ଛକ ଠାରୁ କୁଞ୍ଜ ଛକ ଯାଏ ଏକ ମାରାଥନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ପରେ ସ୍ୱର୍ଗତ କୁଶଳଙ୍କ ପ୍ରତିମୂର୍ତିରେ ବରେଣ୍ୟ ଅତିଥି ଓ ଶହ ଶହ ଶୁଭେଚ୍ଛୁ ଧୂପ ଦୀପ ଓ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଭକ୍ତି ପୂତ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥିଲେ ଓ 'କୁନ୍ଦୁରୁ କୁଶଳ ଅମର ରହେ' 'ମୋର୍ ସୋନପୁର ମୋତେ ସୁନ୍ଦର' ନାରା ଦେଇଥିଲେ । ପରେ ଏଠାରେ ଏକ ସଭାର ଆୟୋଜନ କରାଯାଇଥିଲା । ଏଠାରେ ମୁଖ୍ୟ ଅତିଥି ଭାବେ ସୁବର୍ଣ୍ଣପୁର ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନା ପଧାନ ଯୋଗଦେଇ ଶ୍ରୀ କୁଶଳ କେବଳ ଯେ ଏକ ଅପ୍ରତିଦ୍ୱନ୍ଦୀ ନେତା ନ ଥିଲେ, ସେ ଜଣେ ଭଲ ମଣିଷ ଥିଲେ, ନିଜ ମାଟିକୁ ଓ ଗରିବଙ୍କୁ ଭଲ ପାଉଥିଲେ ବୋଲି କହିଥିଲେ । ସମ୍ମାନିତ ଅତିଥି ଭାବରେ ପୌର ପରିଷଦ ପ୍ରାକ୍ତନ ଅଧ୍ୟକ୍ଷ କଇରୁ ସ୍ୱାଇଁ, ସମାଜସେବୀ ଶ୍ରୀବତ୍ସ ମଲ୍ଲିକ, ଶ୍ରମିକ ନେତା ଗୋବିନ୍ଦ ମହାରଣା, ପ୍ରାଧାପକ ଡ଼ଃ. ସୌରଭ ରଞ୍ଜନ ଖମାରୀ ଯୋଗଦେଇ ଶ୍ରୀ କୁଶଳଙ୍କ ସ୍ମୃତି ଚାରଣ କରିଥିଲେ । ଜଣେ ଅପାଠୁଆ ହୋଇ ବି ବିଜୁ ପଟ୍ଟନାୟକଙ୍କ ଅତି ପ୍ରିୟ ଓ ଓଡ଼ିଶାର ପରିଚିତ ନେତା ଭାବେ ଆଗୁଆ ଥିଲେ ଓ ତାଙ୍କ ସବୁ ସ୍ମୃତିକୁ ସାଉଁଟି ଆଗାମୀ ଦିନରେ ଏକ ସ୍ମରଣିକା ପ୍ରକାଶ କଲେ ଓ ଓଡ଼ିଶାର ପ୍ରତି ଲାଇବ୍ରେରୀରେ ପହଂଚାଇଲେ ରାଜ୍ୟର ସବୁ ଛାତ୍ର ଛାତ୍ରୀ ସଧାରଣ ଲୋକେ ତାଙ୍କୁ ଜାଣି ପାରିବେ ବୋଲି ଡଃ ଖମାରୀ କହିଥିଲେ । ସାହିତ୍ୟରେ ଇତିହାସରେ ସେ ନ ରହିଲେ ବି ଶ୍ରଦ୍ଧାରେ ଅନ୍ତରରେ ସମସ୍ତେ ମନେ ରଖିବା ଭଳି ଜଣେ ଅସାଧାରଣ ମଣିଷ ଶ୍ରୀ କୁଶଳ ବୋଲି ଶ୍ରୀ ମହାରଣା ପ୍ରକାଶ କରିଥିଲେ ଓ ରାସ୍ତାରେ ନିଜେ ପିଚୁ ଢାଳିବା ଠୁ ଆରମ୍ଭ କରି ବିଜୁ ବାବୁଙ୍କ ଗୋଡ଼ ଧରି ମହାନଦୀ ବ୍ରିଜ୍ ଓ ସୋନପୁର ଅଂଚଳର ଅନେକ ଐତିହାସିକ କାର୍ଯ୍ୟ ହାସଲ କରିଥିଲେ ଶ୍ରୀ କୁଶଳ ବୋଲି କହିଥିଲେ । ଜିଲ୍ଲା ଗଠନରେ ଶ୍ରୀ କୁଶଳଙ୍କ ଭୂମିକା ଅବିସ୍ମରଣୀୟ ଓ ସାରା ଓଡ଼ିଶାର ଲୋକେ ବିଧାୟକ ଶ୍ରୀ କୁଶଳଙ୍କୁ ଥରେ ଦେଖିବାକୁ ତାଙ୍କ କଥା ଟିକେ ଶୁଣିବାକୁ ଉତ୍କଣ୍ଠାର ସହ ଚାହୁଁଥିଲେ ବୋଲି ଅତିଥି ଶ୍ରୀ ମଲ୍ଲିକ କହିଥିଲେ । ଆଦିବାସୀ ହରିଜନ ଶ୍ରମିକଙ୍କୁ ସଂଗଠିତ କରାଇବାରେ, ସୋନପୁରରୁ ଭୁବନେଶ୍ୱର ଯିବାକୁ ଲୋକଙ୍କ ପାଇଁ ସରକାରୀ ବସ୍ ରେ ସିଟ କୋଟା ପାଇଁ ଆନ୍ଦୋଳନ କରି କାମ ହାସଲ କରିବାରେ ଓ ଫୁଲବାଣୀ ସାଂସଦ କ୍ଷେତ୍ରରେ ନିର୍ବାଚନୀ ପ୍ରଚାର ପ୍ରସାରରେ ଶ୍ରୀ କୁଶଳଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା ବୋଲି ଅତିଥି ଶ୍ରୀ ସ୍ୱାଇଁ କହିଥିଲେ । ପ୍ରାକ୍ତନ ମତ୍ସ୍ୟ ନିଗମ ଅଧ୍ୟକ୍ଷ ଅଭିମନ୍ୟୁ କୁଶଳଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ସଭାକୁ କୋଶଳ ହାଇସ୍କୁଲ୍ ପ୍ରଧାନ ଶିକ୍ଷକ ପରମାନନ୍ଦ ନାଏକ ପରିଚାଳନା କରିଥିବା ବେଳେ ସାମ୍ବାଦିକ ମନୋରଞ୍ଜନ ତ୍ରିପାଠୀ ଅତିଥି ସ୍ୱାଗତ କରିଥିଲେ । ଇଂରାଜୀ ପ୍ରଧାପକ ମଦନ ସୁନ୍ଦର ଖେତୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଦିନସାରା ଭୋକ ଲାଗୁନି କି... କରନ୍ତୁ ଏହି ୪ ସହଜ ଆସନ

ଭୋକର ଅଭାବ ଶରୀରରେ ପୋଷକ ତତ୍ତ୍ୱର ଅଭାବର କାରଣ ହୋଇପାରେ। ଏହିପରି ସମସ୍ୟାରୁ ରକ୍ଷା ପାଇବା ପାଇଁ ଆପଣ ଯୋଗ ଅଭ୍ୟାସ କରିପାରିବେ। ଯୋଗ ଭୋକ ବଢାଇବାରେ ସହାୟକ ହୋଇଥାଏ। ଏହା ଦ୍ୱାରା ଜଣେ ସୁସ୍ଥ ସୁନ୍ଦର ଜୀବନ ଜୀଇପାରେ। ଭୋକ ନ ଲାଗିବା ଏବଂ ଦିନସାରା ନ ଖାଇ ରହିବା ଏକ ସାଧାରଣ ସମସ୍ୟା ଯାହା ଯେକୌଣସି ବୟସରେ କାହା ସହିତ ବି ହୋଇପାରେ। ତେବେ ଏହା ପଛରେ ମଧ କିଛି ଗୁରୁତ୍ୱପୂର୍ଣ୍ଣ କାରଣ ଏବଂ ପାର୍ଶ୍ୱ ପ୍ରତିକ୍ରିୟା ଥାଇପାରେ। ମଧୁମେହ, ଥାଇରଏଡ୍, କର୍କଟ କିମ୍ବା ଅନ୍ୟାନ୍ୟ ରୋଗ ଭଳି ସ୍ୱାସ୍ଥ୍ୟ ସମସ୍ୟା ହେତୁ ମଧ ଭୋକ କମିଯାଏ। ମାନସିକ ଚାପ ଏବଂ ଚିନ୍ତା ମଧ ଭୋକ ଲାଗିବାର ପ୍ରକ୍ରିୟାକୁ ପ୍ରଭାବିତ କରିଥାଏ। ଅନିୟମିତ ଏବଂ ଅସମ୍ପୂର୍ଣ୍ଣ ଖାଦ୍ୟ, ବ୍ୟସ୍ତବହୁଳ ଜୀବନଶୈଳୀ, ଔଷଧ ଖାଇବା, ମାସିକ ଋତୁସ୍ରାବ ଇତ୍ୟାଦି ଅନେକ କାରଣରୁ ଭୋକ କମିପାରେ। ଭୋକର ଅଭାବ ମଧ ଶରୀରରେ ପୋଷକ ତତ୍ତ୍ୱର ଅଭାବର କାରଣ ହୋଇପାରେ। ଏହି କାରଣରୁ, ଓଜନ ହ୍ରାସ ହୁଏ, ଦୁର୍ବଳତା ଆସିପାରେ ଏବଂ ଦୀର୍ଘ ସମୟ ଧରି ଖାଲି ପେଟରେ ରହୁଥିବା ବ୍ୟକ୍ତିଙ୍କୁ ବିଭିନ୍ନ ପ୍ରକାରର ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ବ୍ୟାଧି ସାମ୍ନା କରିବାକୁ ପଡିପାରେ। ଏହିପରି ସମସ୍ୟାରୁ ରକ୍ଷା ପାଇବା ପାଇଁ ଆପଣ ଯୋଗ ଅଭ୍ୟାସ କରିପାରିବେ। ଯୋଗ ଭୋକ ବଢାଇବାରେ ସହାୟକ ହୋଇଥାଏ। ଏହା ଦ୍ୱାରା ଜଣେ ସୁସ୍ଥ ସୁନ୍ଦର ଜୀବନ ଜୀଇପାରେ। ପବନମୁକ୍ତାସନ: ହଜମ ପ୍ରକ୍ରିୟାକୁ ସୁସ୍ଥ ରଖିବା ପାଇଁ ପବନମୁକ୍ତାସନ ଏକ ବହୁତ ଭଲ ଆସନ।

କିପରି ଅଭ୍ୟାସ କରିବେ:

- ପ୍ରଥମେ ମ୍ୟାଟ୍ ଉପରେ ପିଠି ପଟିଆ ଶୋଇପଡନ୍ତୁ
- ଆଣ୍ଠୁକୁ ଭାଙ୍ଗି ଦୁଇ ଗୋଡକୁ ପେଟଆଡକୁ ଆଣନ୍ତୁ
- ଦୁଇ ପାପୁଲିକୁ ଛନ୍ଦି ଆଣ୍ଠୁ ଉପରେ ରଖନ୍ତୁ
- ଶ୍ୱାସ ଛାଡନ୍ତି ଆଉ ମୁଣ୍ଡ ଉଠାନ୍ତୁ
- ଆଣ୍ଠୁକୁ ଭିଡି ନାକରେ ଛୁଇଁବାକୁ ଚେଷ୍ଟା କରନ୍ତୁ
- କିଛି ସମୟ ରଖିବା ପରେ ମୂଳ ଅବସ୍ଥାକୁ ଆସନ୍ତୁ



ଧନୁରାସନ: ଓଜନ ହ୍ରାସ କରିବା ସହିତ ହଜମ ପ୍ରକ୍ରିୟାରେ ଉନ୍ନତି ଆଣିବା ଏବଂ ଭୋକ ନ ଲାଗିବାର ସମସ୍ୟାକୁ ଦୂର କରିବା ପାଇଁ ଧନୁରାସନକୁ ବହୁତ ଭଲ ଆସନ ଭାବେ ବିବେଚନା କରାଯାଏ।

କିପରି ଅଭ୍ୟାସ କରିବେ:

- ପ୍ରଥମେ ମ୍ୟାଟ୍ ଉପରେ ପେଟ ମାଡି ଶୋଇପଡନ୍ତୁ
- ଦୁଇ ଗୋଡ ମଧ୍ୟରେ ଦୂରତା ରଖନ୍ତୁ
- ଆଣ୍ଠୁକୁ ଭାଙ୍ଗି ଗୋଡ ଉପରକୁ ଆଣନ୍ତୁ
- ଦୁଇ ହାତରେ ବଳାଗଣ୍ଠିକୁ ଧରନ୍ତୁ
- ଛାତି ଏବଂ ଗୋଡକୁ ଉପରକୁ ଉଠାନ୍ତୁ
- ବାହୁ ଏବଂ ଜଙ୍ଘରେ ପଡୁଥିବା ପ୍ରଭାବକୁ ଅନୁଭବ କରନ୍ତୁ
- ଏହି ଅବସ୍ଥାରେ କିଛି ସମୟ ରହିବା ପରେ, ଧୀରେ ଧୀରେ ପ୍ରାରମ୍ଭିକ ସ୍ଥିତିକୁ ଆସନ୍ତୁ



ବଜ୍ରାସନ: ବଜ୍ରାସନ ଅଭ୍ୟାସ କରିବା ଦ୍ୱାରା ଭୋକ ବଢିଥାଏ। ଆପଣ ଏହି ଆସନକୁ ଯେକୌସି ସମୟରେ ଏବଂ ଯେକୌଣସି ସ୍ଥାନରେ କରିପାରିବେ।

କିପରି ଅଭ୍ୟାସ କରିବେ:

- ପ୍ରଥମେ ମ୍ୟାଟ୍ ଉପରେ ଆଣ୍ଠୁରେ ବସନ୍ତୁ
- ପାଦ ମଝିଅରେ ଫାଙ୍କ ନ ରହିବା ଉଚିତ, ଦୁଇ ପାଦର ଆଙ୍ଗୁଠି ମିଶେଇ ରଖନ୍ତୁ
- ପିଚାକୁ ଗୋଇଠି ଉପରେ ରଖନ୍ତୁ
- ଅଣ୍ଟାକୁ ସିଧା ରଖନ୍ତୁ ଏବଂ ପାପୁଲିକୁ ଆଣ୍ଠୁ ଉପରେ ରଖନ୍ତୁ
- ଉଭୟ ଆଣ୍ଠୁ ପରସ୍ପରକୁ ଲାଗିବା ଉଚିତ
- କିଛି ସମୟ ଏହିପରି ବସି ସାଧାରଣ ଭାବରେ ଶ୍ୱାସ ନେବାରେ ଧ୍ୟାନ ଦିଅନ୍ତୁ
- କିଛି ସମୟ ପରେ ସାଧାରଣ ସ୍ଥିତିକୁ ଆସନ୍ତୁ



ଭୁଜଙ୍ଗାସନ: ଭୋକ ନ ଲାଗିବାର ଗୋଟିଏ କାରଣ ହୋଇପାରେ ପେଟରେ ଗଡବଡ। ଭୁଜଙ୍ଗାସନ ଅଭ୍ୟାସ କରିବା ଦ୍ୱାରା ଭୋକ ନ ହେବାର ସମସ୍ୟାର ସମାଧାନ ହୋଇପାରେ ଏବଂ ହଜମ ପ୍ରକ୍ରିୟାରେ ଉନ୍ନତି ଆଣିବାରେ ଲାଭଦାୟକ ହୋଇଥାଏ।

କିପରି ଅଭ୍ୟାସ କରିବେ:

- ପ୍ରଥମେ ମ୍ୟାଟ୍ ଉପରେ ପେଟ ମାଡି ଶୋଇପଡନ୍ତୁ
- ଦୁଇ ହାତକୁ କାନ୍ଧର ଦୁଇ ପାର୍ଶ୍ୱରେ ରଖନ୍ତୁ
- ଗୋଡ ମଧ୍ୟରେ ଦୂରତା ରଖନ୍ତୁ
- ବର୍ତ୍ତମାନ ଉଭୟ ହାତ ଉପରେ ଚାପ ଦେଇ ଶରୀରର ଆଗ ଭାଗକୁ ଉଠାନ୍ତୁ
- ଏହି ଅବସ୍ଥାରେ ଆକାଶ ଆଡକୁ ଚାହିଁ ସାଧାରଣ ଶ୍ୱାସକ୍ରିୟା କରନ୍ତୁ
- ଏହି ଅବସ୍ଥାରେ କିଛି ସମୟ ରୁହନ୍ତୁ
- ତାପରେ ଧୀରେ ଧୀରେ ଆରମ୍ଭ ସ୍ଥିତିକୁ ଆସନ୍ତୁ



# କେଉଁ ଖାଦ୍ୟରୁ ମିଳିଥାଏ ଅଧିକ ପ୍ରୋଟିନ୍ : ଅଣ୍ଡା ନା ପନୀର

ପ୍ରୋଟିନ୍‌ଯୁକ୍ତ ଖାଦ୍ୟ ତାଲିକାରେ ପ୍ରଥମେ ଆସିଥାଏ ଅଣ୍ଡା ଓ ପନୀର । କିନ୍ତୁ ପ୍ରାୟ ଲୋକ ପନୀର ଓ ଅଣ୍ଡାରେ ଥିବା ପ୍ରୋଟିନ୍ ପରିମାଣକୁ ନେଇ ଦ୍ୱନ୍ଦ୍ୱରେ ରହିଥାନ୍ତି । ପନୀର ନା ଅଣ୍ଡା କେଉଁଥିରୁ ଶରୀରକୁ ଅଧିକ ପ୍ରୋଟିନ୍ ମିଳିଥାଏ । ଆପଣଙ୍କ ଭିତରେ ଏମିତି ଦ୍ୱନ୍ଦ୍ୱ ରହିଛି କି ? ତେବେ ଚାଲନ୍ତୁ ଜାଣିବା କାହାରା କ୍ୟାଲୋରୀ କାଉଣ୍ଟ୍ କେତେ ? ସମସ୍ତଙ୍କ ଡାଏଟ୍‌ରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ୍ କରିବା ବହୁତ ଜରୁରି । କିନ୍ତୁ ଅନେକ ଲୋକ ଅଣ୍ଡା ଓ ପନୀରକୁ ନେଇ ଦ୍ୱନ୍ଦ୍ୱରେ ରହିଥାନ୍ତି । ଅଣ୍ଡା ତୁଳନାରେ ପନୀରରେ ଅଧିକ ଅପମିଶ୍ରଣର ଆଶଙ୍କା ରହିଥାଏ । ଶରୀରର ଉପଯୁକ୍ତ ବୃଦ୍ଧି ପାଇଁ ପର୍ଯ୍ୟାପ୍ତ ପରିମାଣର ପ୍ରୋଟିନ୍ ଆବଶ୍ୟକ।

ଅଣ୍ଡା- ଅଣ୍ଡା ପ୍ରୋଟିନ୍‌ରେ ଭରା । ଗୋଟିଏ ଅଣ୍ଡାରେ ୬ ଗ୍ରାମ୍ ପ୍ରୋଟିନ୍ ରହିଥାଏ । ଏହାବ୍ୟତୀତ ଶରୀରକୁ ଅନେକ ପ୍ରକାରର ଜରୁରି ଭିଟାମିନ୍ ମଧ ମିଳିଥାଏ । ଏଥିରେ ଫ୍ୟାଟ୍‌ର ମାତ୍ରା ଅଧିକ ରହିଥାଏ, ତେଣୁ ଶୀତ ଦିନେ ଅଧିକ ଅଣ୍ଡା ଖାଇବା ଲାଭଦାୟକ । ଏହାର ହଳଦିଆ ଅଂଶରେ ଅଧିକ ଭିଟାମିନ୍ସ ରହିଥାଏ । ଗୋଟିଏ ଅଣ୍ଡାରେ ୪ ଗ୍ରାମ୍‌ରୁ ଅଧିକ ଫ୍ୟାଟ୍, ଏକ ମି.ଲି.ଗ୍ରାମ୍ ଆଇରନ୍ ଓ ପ୍ରାୟ ୨୫ ମି.ଲି.ଗ୍ରାମ୍ କ୍ୟାଲସିୟମ୍ ରହିଥାଏ । ତେବେ ନିୟମିତ କେତୋଟି ଅଣ୍ଡା ଖାଇବା ଉଚିତ୍ ହେବ । ଏହା ବ୍ୟକ୍ତିର ବୟସ, ଓଜନ ଓ ଦୈନନ୍ଦିନ ରୁଟିନ୍ ଉପରେ ନିର୍ଭର କରିଥାଏ । ଏଥିପାଇଁ ନ୍ୟୁଟ୍ରିସିଆନ୍‌ଙ୍କ ମତ ନେବା ଉଚିତ୍ ।

ପନୀର- ୪୦ ଗ୍ରାମ୍ ପନୀରରେ ପ୍ରାୟ ୭ ଗ୍ରାମ୍ ପ୍ରୋଟିନ୍, ୧୯୦ ମି.ଲି. ଗ୍ରାମ୍ କ୍ୟାଲସିୟମ୍ ୫ ଗ୍ରାମ୍ କାର୍ବୋହାଇଡ୍ରେଟ୍ସ ଏବଂ ଫ୍ୟାଟ୍‌ର ମାତ୍ରା ରହିଥାଏ । ଏହାର ଭିନ୍ନ ଭିନ୍ନ ଆଇଟମ୍ କରି ଖାଇପାରିବେ । ବିଶେଷକରି ନିରାମିଷାଶୀମାନଙ୍କର ଏହା ପ୍ରଥମ ପସନ୍ଦ । ଅଣ୍ଡାର ପୋଷକ ତତ୍ତ୍ୱକୁ ପିସ୍ ହିସାବ କରାଯାଉଥିବା ବେଳେ ପନୀରର ଗ୍ରାମ୍‌ରେ କରାଯାଇଥାଏ । ଅଣ୍ଡା ତୁଳନାରେ ପନୀର ସାମାନ୍ୟ ଦାମୀ ।

ଅଣ୍ଡା ନା ପନୀର : ଉଭୟ ଅଣ୍ଡା ଓ ପନୀର ସ୍ୱାସ୍ଥ୍ୟ ପାଇଁ ଲାଭପ୍ରଦ । ଯଦି କେହି ଅଣ୍ଡା ଖାଉ ନଥାନ୍ତି, ତେବେ ପନୀର ଖାଇବା ଦ୍ୱାରା ସେହି ପୋଷକ ତତ୍ତ୍ୱ ମିଳିପାରିବ । କିନ୍ତୁ ପନୀରରେ ଅପମିଶ୍ରଣର ଆଶଙ୍କା ଅଧିକ ରହିଥାଏ । ତେଣୁ ଯଦି ସମ୍ଭବ ନିଜେ ପନୀର ତିଆରି କରିବା ଉଚିତ୍ ହେବ ।



# କ୍ୟାନସର ପାଇଁ କେମୋ-ଥେରାପିର ବିକଳ୍ପ




ବୈଜ୍ଞାନିକଙ୍କୁ ଏକ ବଡ଼ ଉପଲବ୍ଧି ହାସଲ ହୋଇଛି । କ୍ୟାନସର୍ ଚିକିତ୍ସାରେ କେମୋଥେରାପିର ବିକଳ୍ପ ସଂଧାନ କରିଛନ୍ତି ବୈଜ୍ଞାନିକ । ପ୍ରଥମେ ମୂଷାଙ୍କ ଉପରେ ଏହାର ସଫଳତା ପ୍ରୟୋଗ କରାଯାଇଛି । ତେବେ ମାନବ ଶରୀରରେ ଏହାର ପ୍ରୟୋଗ ପାଇଁ ଆଉ କିଛି ବର୍ଷ ସମୟ ଲାଗିବ । ୧୧ଜଣ ବୈଜ୍ଞାନିକଙ୍କ ଦଳ ଆମେରିକାର କ୍ଲେଭଲ୍ୟାଣ୍ଡ କ୍ଲିନିକରେ ଏହି ସଫଳତା ହାସଲ କରିଛନ୍ତି । ଗବେଷଣା ଦଳର ମୁଖ୍ୟ ବୈଜ୍ଞାନିକ ଡ. ୟଙ୍ଗ ଲି କହିଛନ୍ତି କ୍ୟାନସର୍ ସେଲ୍ ଦୀର୍ଘଦିନ ଶରୀରରେ ରହିବା ପରେ ଟ୍ୟୁମର୍ ରୂପ ଧାରଣ କରିଥାଏ । ଶରୀରରୁ ଟ୍ୟୁମର୍ ନଷ୍ଟ କରିବା ପାଇଁ କେମୋଥେରାପି ବ୍ୟବହାର କରାଯାଏ । କିନ୍ତୁ ଏ ସମୟରେ କ୍ୟାନସର୍ ସେଲ୍ ସାଂଗକୁ ପାଖରେ ଥିବା ଭଲ ସେଲ୍ ଉପରେ ମଧ୍ୟ ଏହାର ନକରାତ୍ମକ ପ୍ରଭାବ ପଡ଼ିଥାଏ ଏବଂ ରୋଗୀକୁ ପ୍ରବଳ ଯନ୍ତ୍ରଣା ହୋଇଥାଏ । ତେବେ ଗବେଷଣା ମାଧ୍ୟମରେ ଜଣାପଡ଼ିଛି ମାଇକ୍ରୋ ଆରଏନଏ ଅର୍ଥାତ ଏମଆଇଆର -୨୧ ନର୍ମାଲ ସେଲ୍ସକୁ ନଷ୍ଟ କରିଦେଇଥାଏ । ଯଦ୍ୱାରା କ୍ୟାନସର୍ ସେଲ ଗୁଡ଼ିକ ଆହୁରି ପ୍ରଭାବଶାଳୀ ହୋଇଥାଏ । ତେଣୁ ଏମ୍ଆଇଆର- ୨୧କୁ ପ୍ରଭାବହୀନ କରିବାକୁ ଏକ ଆଣ୍ଟି ସେଲ୍ ତିଆରି କରି ତାକୁ ମୂଷାଂକ ଉପରେ ପ୍ରୟୋଗ କରାଯାଇଥିଲା । ଦେଖିବାକୁ ମିଳିଲା ମୂଷାଂକ ଶରୀରରୁ ଟ୍ୟୁମର ଧୀରେଧୀରେ ଛୋଟ ଆକାର ହେବା ସହ ସଂପୂର୍ଣ୍ଣ ଭାବେ ଭଲ ହୋଇଯାଇଥିଲା । ଦୀର୍ଘ ବର୍ଷ ଧରି ଏହି ଗବେଷଣା କ୍ଲେଭଲ୍ୟାଣ୍ଡ କ୍ଲିନିକରେ ଚାଲିଥିଲା । ମାନବ ଶରୀରରେ ଏହାର ପ୍ରୟୋଗ ପାଇଁ ଆଉ ଦଶବର୍ଷ ସମୟ ଲାଗିବ ବୋଲି ସେମାନେ ସ୍ପଷ୍ଟ କରିଛନ୍ତି ।

# ସଫଳତାର କାହାଣୀ ଦେବେନ୍ଦ୍ର ଆଚାର୍ଯ୍ୟ

ମୟୂରଭଞ୍ଜ ଜିଲ୍ଲାର ବେତନଟୀ ବ୍ଲକ ଅନ୍ତର୍ଗତ ଆମ୍ବଗଡ଼ିଆ ପଞ୍ଚାୟତର ଆଦିବାସୀ ବହୁଳ ଭଗବାନପୁର ଗ୍ରାମରେ ୨୧.୦୩.୨୦୦୨ରେ ଜନ୍ମ ଗ୍ରହଣ କରିଛନ୍ତି ଦେବେନ୍ଦ୍ର ଆଚାର୍ଯ୍ୟ। ନିକଟରେ ଜାତୀୟ ସେବା ଯୋଜନା ଏନଏସଏସ ରେ ସମାଜସେବା ମୂଳକ କାର୍ଯ୍ୟକ୍ରମ କରି ନୂଆଦିଲ୍ଲୀରେ ରାଷ୍ଟ୍ରପତି ଭବନରେ ମହାମହିମ ରାଷ୍ଟ୍ରପତିଙ୍କ ଠୁ ପୁରସ୍କୃତ ହୋଇଛନ୍ତି । ତାଙ୍କ ମା ଗୀତାଞ୍ଜଳୀ ଆଚାର୍ଯ୍ୟ ଓ ବାପା ଚକ୍ରଧର ଆଚାର୍ଯ୍ୟ ଚକ୍ରାନନା ରୂପ୍ସା ଅଞ୍ଚଳର ଜଣେ ସାଧାରଣ ଶ୍ରେଣୀର ଜଣାଶୁଣା ପୂଜକ ତାଙ୍କର ଦୁଇ ଗୋଟି ସନ୍ତାନ ମାଧ୍ୟମରେ ଦେବେନ୍ଦ୍ର ଆଚାର୍ଯ୍ୟ ଓ ଅର୍ଚ୍ଚନା ଆଚାର୍ଯ୍ୟ। ଅର୍ଚ୍ଚନା ଆଚାର୍ଯ୍ୟ ଏବେ ଦଶମ ଶ୍ରେଣୀରେ ଅଧ୍ୟୟନ କରୁଥିବା ବେଳେ ଦେବେନ୍ଦ୍ର ସ୍ନାତକୋତ୍ତର ସଂସ୍କୃତ ସମ୍ମାନ ବିଭାଗରେ ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟ ରେ ଅଧ୍ୟୟନ କରୁଛନ୍ତି । ପିଲାଟି ଦିନ ଜଣେ ଗରିବ ବ୍ରାହ୍ମଣ ପରିବାରରେ ବଡ଼ ହୋଇ ବାପାଙ୍କୁ ପୂଜାପଟଳ ରେ ସାହାଯ୍ୟ କରିବା ସହ ଅଧ୍ୟୟନ ରତ ଥିଲେ । ସେ ଭଗବାନପୁର ଗ୍ରାମରେ ପ୍ରାଥମିକ ଶିକ୍ଷା ସମାପ୍ତପରେ ଷଷ୍ଠ ଓ ସପ୍ତମ ରାଇକମାରେ ଓ ପରେ ଅଷ୍ଟମ, ନବମ ଓ ଦଶମ ହୀରାପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ପଢିବାବେଳେ ସମାଜସେବା କରିବା ପାଇଁ ଆଗ୍ରହୀ ଥିଲେ ପରେ ନୀଳମଣି ମହାବିଦ୍ୟାଳୟ, ରୂପ୍ସା , ବାଲେଶ୍ୱରରେ +୨ କଳା ଓ +୩ ସଂସ୍କୃତ ସମ୍ମାନ ବିଭାଗରେ ଅଧ୍ୟୟନ କରିବାବେଳେ ନୀଳମଣି ମହାବିଦ୍ୟାଳୟର ଅଧକ୍ଷ ଡ଼ ତପନ କୁମାର ବେହେରା ଓ ବାଲେଶ୍ୱର ଜିଲ୍ଲାର ଏନଏସଏସର ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ ଗୌରାଙ୍ଗ ପଣ୍ଡାଙ୍କ ସଂସ୍ପର୍ଶରେ ଆସି ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡା ମନ୍ତ୍ରଣାଳୟ ଅନ୍ତର୍ଗତ ଜାତୀୟ ସେବା ଯୋଜନାରେ ଅଂଶଗ୍ରହଣ କରିଥିଲେ । ଜାତୀୟ ସେବା ଯୋଜନା ଉଚ୍ଚଶିକ୍ଷାରେ ପାଠ୍ୟପୁସ୍ତକ ଅଧ୍ୟୟନ କରିବା ସହ ସମାଜସେବା ଭିତ୍ତିକ ଶିକ୍ଷା ସହ ସମାଜସେବା ମାଧମରେ ବ୍ୟକ୍ତିତ୍ୱ ବିକାଶ କରିବା ପାଇଁ ଏହା ଏକ ସର୍ବୋତ୍ତମ ମାଧମ । ସେ ସଂସ୍କୃତରେ ଅଧ୍ୟୟନ କରୁଥିବା ସମୟରେ ଅଧ୍ୟାପିକା ନିଳୀମା ପାତ୍ର ଓ ପିନାକ୍ଷୀ ପଣ୍ଡାଙ୍କ ର ପ୍ରିୟ ଭାଜନ ହୋଇପାରିଥିଲେ । ଜାତୀୟ ସେବା ଯୋଜନାରେ ଆଦିବାସୀ ବହୁଳ ଗ୍ରାମ ମାନଙ୍କରେ ଏସଏଚଜି ମହଳା ମାନଙ୍କୁ ଧରି ଗାଁ ଗାଁ ବୁଲି ନିଶା ନିବାରଣ, ପ୍ଲାଷ୍ଟିକ ବର୍ଜନ, ଏଚଆଇଭି , ଶକ୍ତି ସଂରକ୍ଷଣ, ରକ୍ତଦାନ , ରକ୍ତ ଶିକୁଳି ରୋଗ, ଡେଙ୍ଗୁ, ତମାଖୁ ବର୍ଜନ, ପରିବେଶ ସୁରକ୍ଷା, ବୃକ୍ଷ ରୋପଣ, ଉଜ୍ଜ୍ୱଳା ଯୋଜନା, ପ୍ରଧାନମନ୍ତ୍ରୀ ଜୀବନବିମା ଯୋଜନା, ବେଟି ବଚାଅ ବେଟି ପଢାଅ, ସ୍ୱଚ୍ଛ ଭାରତ ଏମିତି ଅନେକ ଦୃଷ୍ଟାନ୍ତ ମୂଳକ ବିଷୟକୁ ନେଇ ଗାଁ ଗାଁ ସଚେତନ କରାଇବା ସହ ନିଜେ ପରିବେଶ ସୁରକ୍ଷାର ବାର୍ତ୍ତା ନେଇ ଅନେକ ବୃକ୍ଷ ରୋପଣ କରିବା ସହ ୧୦୨୫ ବୃକ୍ଷକୁ ଜୀବନ୍ତ ରଖିଛନ୍ତି ବହୁବାର ରକ୍ତଦାନ କରିଛନ୍ତି ଏବଂ ଗାଁ ମାନଙ୍କରେ କିପରି ଲୋକମାନେ ବିଭିନ୍ନ ସରକାରୀ ଯୋଜନାର ସୁବିଧା ପାଇ ପାରିବେ ଯଥା ପ୍ରଧାନମନ୍ତ୍ରୀ ଆବାସରେ ଗୃହ, ରାସନ ସାମଗ୍ରୀ, ଭତ୍ତା ସହ ବନ୍ୟାବାତ୍ୟା ସମୟରେ ଲୋକ ମାନଙ୍କୁ ରିଲିଫ୍ ପ୍ରଦାନ କରିଛନ୍ତି। ସେ ବାହାନଗା ଟ୍ରେନ ଦୁର୍ଘଟଣାରେ ତିନିଦିନ ଆହତ ମାନଙ୍କୁ ଉଦ୍ଧାର କରିବା ,ମୃତ ମାନଙ୍କୁ ଠିକ୍ ସ୍ଥାନରେ ପହଞ୍ଚାଇବା ସହ ବାଲେଶ୍ୱର ମେଡିକାଲରେ ଆହତ ମାନଙ୍କୁ ଖାଦ୍ୟ ପ୍ରଦାନ କରିଥିଲେ । ଜାତୀୟ ସେବା ଯୋଜନାରେ ସେ ଜାତୀୟ ସଂହତି ଶିବିର ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର ଓ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଅଂଶଗ୍ରହଣ କରିଥିଲେ । ପୂର୍ବ ଜୋନ ସ୍ତରୀୟ ପ୍ରାକ୍ ଗଣତନ୍ତ୍ର ଦିବସ ଚୟନ ଶିବିର କଲ୍ୟାଣୀ ବିଶ୍ୱବିଦ୍ୟାଳୟର ନଦିଆରେ ଅଂଶଗ୍ରହଣ କରିଥିଲେ । ରାଜ୍ୟ ସ୍ତରୀୟ ଓ ଜିଲ୍ଲାର ସ୍ତରୀୟ ଅନେକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ ବାଲେଶ୍ୱର ଜିଲ୍ଲାର ଜିଲ୍ଲା ସ୍ତରୀୟ ଜାତୀୟ ସେବା ଯୋଜନାର ଶ୍ରେଷ୍ଠ ସ୍ୱେଚ୍ଛାସେବୀ ଭାବରେ ଫକୀରମୋହନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ ତ୍ରିପାଠୀ ଓ କାର୍ଯ୍ୟକ୍ରମ ସଂଯୋଜକ ପ୍ରଫେସର ଅମୂଲ୍ୟ ଆଚାର୍ଯ୍ୟଙ୍କ ନେତୃତ୍ୱରେ ତତ୍କାଳିନ ଓଡ଼ିଶାର ରାଜ୍ୟପାଳ ପ୍ରଫେସର ଗଣେଶି ଲାଲଙ୍କଠୁ ୧୦୨୧-୨୨ ଶିକ୍ଷା ବର୍ଷରେ ପୁରସ୍କୃତ ହୋଇଥିଲେ, ପରେ ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ଅଧିନରୁ ଜାତୀୟ ସେବା ଯୋଜନାର ଓଡ଼ିଶାର ନିର୍ଦ୍ଦେଶିକା ସୁଶ୍ରୀ ସରିତା ପଟେଲ୍, ରାଜ୍ୟ ଅଧିକାରୀ ଡ଼ ରମେଶ ଚନ୍ଦ୍ର ବେହେରା କାର୍ଯ୍ୟକ୍ରମ ଅଧିକାରୀ ସଂଯୋଜକ ଡ଼ ନିରଦ ବରଣ ଖୁଣ୍ଟିଆଙ୍କ ନେତୃତ୍ୱରେ୨୦୨୧-୨୨ ଶିକ୍ଷାବର୍ଷରେ ପୁରସ୍କୃତ ହୋଇଥିଲେ । ଏହା ସହ ରାଜ୍ୟ ସ୍ତରୀୟ ରାଜୀବ ଗାନ୍ଧୀ ପ୍ରତିଭା ପୁରସ୍କାର ପ୍ରାପ୍ତ, ୱାର୍ଲ୍ଡ ଚାରିଟି ଫାଉଣ୍ଡେସନ ନୂଆଦିଲ୍ଲୀରୁ ଜାତୀୟ ଶ୍ରେଷ୍ଠ ସମାଜସେବୀ, **National Integrated Forum of Artists and Activists** ତରଫରୁ ଶ୍ରେଷ୍ଠ ସମାଜସେବୀ ଭାବରେ ପୁରସ୍କୃତ ହେବା ସହ ଓଡ଼ିଆ ଅସ୍ମିତାର ସୁରକ୍ଷା ଓଡ଼ିଆ ଅଧ୍ୟୟନ ଗବେଷଣା ସଂସ୍ଥାର ସଦସ୍ୟ ସଚିବ ଡ ସୁବ୍ରତ କୁମାର ପୃଷ୍ଟି , ପୂର୍ବତନ ମୁଖ୍ୟ ଶାସନ ସଚିବ ବିଜୟ ପଟ୍ଟନାୟକ , ପ୍ରଶାସନିକ ଅଧିକାରୀ ପଞ୍ଚାନନ ଦାସ, ପୂର୍ବତନ ବିଧାୟିକା ସିପ୍ରା ମଲ୍ଲିକଙ୍କ ସହ ସେ ଓଡ଼ିଶାରେ ୟୁପିଏସସି ପରୀକ୍ଷା ଓଡ଼ିଆ ହେବା ପଛରେ ତାଙ୍କର ଅବଦାନ ଅନ୍ୟତମ, ସଂସ୍କୃତ ଭାଷାର ସୁରକ୍ଷା ପାଇଁ ସେ ଏଯାବତ୍ ନିଖିଳ ଓଡ଼ିଶା ସଂସ୍କୃତ ବିଦ୍ୟାର୍ଥୀ ମହସଂଘରେ ସାଧୁ ଅରୂପାନନ୍ଦ, ପ୍ରାଧାପିକା ସିପ୍ରା ମଲ୍ଲିକଙ୍କ ସହ ସଂସ୍କୃତ ଭାଷାର ପ୍ରଚାରପ୍ରସାର ପାଇଁ ଅନେକ କାର୍ଯ୍ୟକ୍ରମ କରୁଛନ୍ତି । ସେ ଜଣେ ସୁପରଚିତ ବକ୍ତା ଓ ଶ୍ରୀଜଗନ୍ନାଥ ସଂସ୍କୃତିର ଘୋଷକ ଭାବେ ଜଣାଶୁଣା ଦିନଲିପି ଓ କଳିଙ୍ଗ ଟିଭିର ଘୋଷକ ସହ ନିକଟ ଅତୀତରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନେତୃତ୍ୱ ଆୟୋଜିତ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ , ଜନତା ମଇଦାନରେ ଓଡ଼ିଆ ଅନୁବାଦ ସାହିତ୍ୟ ଉପରେ ଓଜସ୍ୱିନୀ ବକ୍ତବ୍ୟ ରଖି ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଓଡ଼ିଆ ଅସ୍ମିତାର ପୁରସ୍କାର ଓ ଅର୍ଥ ରାଶିରେ ସମ୍ବର୍ଦ୍ଧିତ ହୋଇଥିଲେ । ନିକଟରେ ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡା ମନ୍ତ୍ରଣାଳୟ ପକ୍ଷରୁ ଜାତୀୟ ସେବା ଯୋଜନାରେ ସମାଜସେବା, ପରିବେଶ ସୁରକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଭାରତର ମହାମହିମ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କ ଠାରୁ ନୂଆଦିଲ୍ଲୀ ସ୍ଥିତି ରାଷ୍ଟ୍ରପତି ଭବନର ଗଣତନ୍ତ୍ର ମଣ୍ଡପରେ ମେରା ଯୁବା ଭାରତ ଜାତୀୟ ସେବା ଯୋଜନା ପୁରସ୍କାରରେ ଓଡ଼ିଶାରୁ ପୁରସ୍କୃତ ହୋଇଛନ୍ତି । ସେ ଏହି ପୁରସ୍କାର ପାଇବା ପରେ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ବାର୍ତ୍ତା ମିଳିଛି। ସେ ଯୁବସମାଜ ମାନଙ୍କ ପାଇଁ ଅନନ୍ୟ ଉଦାହରଣ । ସେ ସମାଜସେବା , ନିଶାଠୁ ଦୂରେଇ ରହିବା, ରାଷ୍ଟ୍ର ନିର୍ମାଣ , ନୈତିକ ମୂଲ୍ୟଯୁକ୍ତ ଶିକ୍ଷା ସହ ସୋସିଆଲ ମିଡ଼ିଆରେ ଅଧିକ ସମୟ ନ ଦେଇ ଲୋକମାନଙ୍କ ସେବା କରିବା ପାଇଁ ଯୁବସମାଜଙ୍କୁ ଆହ୍ୱାନ ଦେଇଛନ୍ତି ।



## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

# ମୃତ୍ୟୁର ବାର୍ତ୍ତାବହ: ସୁଦାନର ରାପିଡ ସପୋର୍ଟ ଫୋର୍ସେସ୍

ଗତ ମାସରେ ସୁଦାନର ଦାରଫୁର ଅଞ୍ଚଳରେ ଥିବା ଅଲ-ଫାଶିର ସହରକୁ ଦଖଲ କରିବା ପରେ ପାରାମିଲିଟାରୀ ରାପିଡ ସପୋର୍ଟ ଫୋର୍ସେସ୍ (ଆରଏସଏଫ) ବିରୋଧରେ ଯୁଦ୍ଧ ଅପରାଧ ଏବଂ ମାନବିକତା ବିରୋଧୀ ଅପରାଧର ଗମ୍ଭୀର ଅଭିଯୋଗ ଆସିଛି । ଜାତିସଂଘର ବରିଷ୍ଠ ଅଧିକାରୀ ଟମ୍ ଫ୍ଲେଚରଙ୍କ କହିବା ଅନୁଯାୟୀ, ସେଠାରେ ମହିଳା ଓ ଝିଅମାନଙ୍କୁ ଦୁଷ୍କର୍ମ କରାଯାଉଛି, ଲୋକଙ୍କୁ ଅଙ୍ଗହାନୀ କରାଯାଇ ହତ୍ୟା କରାଯାଉଛି ଏବଂ ଏସବୁ ବିନା କୌଣସି ଦଣ୍ଡ ଭୟରେ ଘଟୁଛି । ୫୦୦ ଦିନର ଲଢେଇ ପରେ ଆରଏସଏଫ ଅଲ-ଫାଶିରର ଘରେ ଘରେ ପଶି ସାଧାରଣ ନାଗରିକଙ୍କୁ ଟାର୍ଗେଟ କରିଥିଲା । ଏହି ସହର ପୂର୍ବରୁ ହିଁ ଭୋକିଲା ଥିଲା, କିନ୍ତୁ ଏହି ଘଟଣା ପରେ ଏହା ଏକ 'ଅନ୍ଧକାରମୟ ନର୍କ'ରେ ପରିଣତ ହୋଇଛି ବୋଲି ଶ୍ରୀ ଫ୍ଲେଚର ଅକ୍ଟୋବର ୩୦ରେ ସୁରକ୍ଷା ପରିଷଦକୁ କହିଥିଲେ ।

ଦାରଫୁରର ଦୁର୍ଦ୍ଦଶା ସୁଦାନର ସାମଗ୍ରିକ ଦୁଃଖର ଏକ ଛୋଟ ଅଂଶ ମାତ୍ର। ଏପ୍ରିଲ ୨୦୨୩ରେ ସେନା ଓ ଆରଏସଏଫ ମଧ୍ୟରେ ଆରମ୍ଭ ହୋଇଥିବା ଏହି ଭୟଙ୍କର ଗୃହଯୁଦ୍ଧରେ ୧୨ ମିଲିୟନରୁ ଅଧିକ ଲୋକ ବିସ୍ଥାପିତ ହୋଇଥିବା ବେଳେ ୬୧,୦୦୦ରୁ ଅଧିକ ଲୋକଙ୍କର ମୃତ୍ୟୁ ହୋଇଥିବା ଆକଳନ କରାଯାଇଛି । ଯଦିଓ ଉଭୟ ପକ୍ଷ ଅତ୍ୟାଚାର ପାଇଁ ଦାୟୀ, ତଥାପି ମୋହମ୍ମଦ ହମଦାନ ଦାଗୋଲୋଙ୍କ ନେତୃତ୍ୱାଧୀନ ଆରଏସଏଫକୁ ମାନବିକ ଅଧିକାର ସଂଗଠନଗୁଡ଼ିକ ଏହାର ନରସଂହାର ଅଭିଯାନ ପାଇଁ ବିଶେଷ ଭାବରେ ଦାୟୀ କରିଛନ୍ତି ।

ଆରଏସଏଫର ମୂଳଦୁଆ କୁଖ୍ୟାତ 'ଜନଜାୱିଦ' (ଅର୍ଥାତ୍ ଘୋଡାର ଆତ୍ମା) ମିଲିସିଆ ସହିତ ଜଡିତ, ଯାହାକୁ ଏକଦା ଲିବିଆର ପୂର୍ବତନ ନେତା ମୋଆମର ଗଦ୍ଦାଫି ସମର୍ଥନ କରୁଥିଲେ । ୧୯୯୦ ଦଶକରେ ସୁଦାନରେ ଗୃହଯୁଦ୍ଧ ଆରମ୍ଭ ହେବା ପରେ ଓମାର ଅଲ-ବଶିରଙ୍କ ଶାସନ ଜନଜାୱିଦକୁ ସମର୍ଥନ କରିଥିଲା, ଯେଉଁମାନେ ଦାରଫୁରରେ ନିର୍ମମ ହିଂସା ଚଳାଇଥିଲେ। ସେମାନେ ବିଦ୍ରୋହୀମାନଙ୍କୁ ପରାସ୍ତ କରିଥିଲେ, କିନ୍ତୁ ଏହି ଅଞ୍ଚଳର ଫୁର, ମାସାଲିତ ଓ ଜାଘାୱା ସମ୍ପ୍ରଦାୟ (ଯେଉଁମାନେ ସମସ୍ତେ ଆଫ୍ରିକୀୟ ସମ୍ପ୍ରଦାୟ) ବିରୋଧରେ ନରସଂହାର କରିଥିବା ଅଭିଯୋଗ ହୋଇଥିଲା । ଏହି ସମୟରେ ହିଁ ଦାଗୋଲୋ (ହେମେଦତି ବା ଛୋଟ ମହମ୍ମଦ ନାମରେ ପରିଚିତ) ଜନଜାୱିଦର ପଦବୀରେ ଉପରକୁ ଉଠିଥିଲେ । ଯେତେବେଳେ ୨୦୧୩ରେ ବଶିର ଆରଏସଏଫ ଗଠନ କରିବାକୁ ନିଷ୍ପତ୍ତି ନେଲେ, ସେ ହେମେଦତିଙ୍କୁ ଏହାର କମାଣ୍ଡର ଭାବରେ ବାଛିଥିଲେ ।

କିଛି ବର୍ଷ ମଧ୍ୟରେ, ହେମେଦତି ବଶିରଙ୍କର ଜଣେ ବିଶ୍ୱସ୍ତ ସହଯୋଗୀ ଭାବରେ ଉଭା ହେଲେ ଏବଂ ଆରଏସଏଫ ସିଧାସଳଖ ରାଷ୍ଟ୍ରପତିଙ୍କ ନିୟନ୍ତ୍ରଣକୁ ଆସିଲା । ଏହାକୁ ନିୟମିତ ସେନାରେ ମିଶାଇବା ପାଇଁ ଦାବି ହେଉଥିଲେ ମଧ୍ୟ ଆରଏସଏଫ ସ୍ୱାୟତ୍ତ ରହିଲା । ପରବର୍ତ୍ତୀ ବର୍ଷମାନଙ୍କରେ, ଆରଏସଏଫ ବଶିରଙ୍କର ଏକ ଭୟଙ୍କର ବ୍ୟକ୍ତିଗତ ସେନା ଭାବରେ କାର୍ଯ୍ୟ କଲା ଏବଂ ଏହା ଉପରେ ନିର୍ଯାତନା, ଦୁଷ୍କର୍ମ ଓ ଗଣହତ୍ୟାର ଅଭିଯୋଗ ଲାଗିଲା । ୨୦୧୯ରେ ଯେତେବେଳେ ସୁଦାନରେ ବ୍ୟାପକ ବିରୋଧ ପ୍ରଦର୍ଶନ ଆରମ୍ଭ ହେଲା, ବଶିର ପୁଣିଥରେ ଆରଏସଏଫର ସାହାଯ୍ୟ ନେଲେ। ଜୁନ୍ ମାସରେ, ହେମେଦତିଙ୍କ ସୈନ୍ୟମାନେ ଖାର୍ତ୍ତୁମରେ ଶାନ୍ତିପୂର୍ଣ୍ଣ ପ୍ରଦର୍ଶନକାରୀଙ୍କ ଉପରେ ଆକ୍ରମଣ କଲେ । ଶହ ଶହ ଲୋକ ନିହତ ହେଲେ ଏବଂ ନୀଳ ନଦୀରେ ମୃତଦେହ ଭାସୁଥିବା ଦେଖାଗଲା। କିନ୍ତୁ ଏପରିକି ଆରଏସଏଫ ମଧ୍ୟ ପ୍ରଦର୍ଶନକାରୀଙ୍କ ବିପ୍ଳବୀ ଭାବନାକୁ ଦମନ କରିପାରିଲା ନାହିଁ । ଯେତେବେଳେ ସେନା ଏବଂ ଆରଏସଏଫ ଅନୁଭବ କଲେ ଯେ ବର୍ତ୍ତମାନର ଶାସନ ଅଧୀନରେ ସେମାନେ ଉପଭୋଗ କରୁଥିବା ସୁବିଧାଗୁଡ଼ିକ ବିପଦରେ, ସେମାନେ ନିଜକୁ ବଞ୍ଚାଇବା ପାଇଁ ଶାସନର ମୁଖ୍ୟଙ୍କୁ ବଳି ଦେବାକୁ ନିଷ୍ପତ୍ତି ନେଲେ। ବଶିରଙ୍କୁ କ୍ଷମତାରୁ ହଟାଇ ଦିଆଗଲା। ହେମେଦତିଙ୍କ ପାଇଁ ଏହା ସୁଦାନରେ ନିଜର ପ୍ରଭାବକୁ ଆନୁଷ୍ଠାନିକ କରିବାର ଏକ ସୁଯୋଗ ଥିଲା। ବର୍ଷ ବର୍ଷ ଧରି ସେ ଏକ ପାରାମିଲିଟାରୀ ବାହିନୀର ନେତୃତ୍ୱ ନେଉଥିବା ଜଣେ ଯୁଦ୍ଧଖୋର ସରଦାର ଥିଲେ, କିନ୍ତୁ ଏବେ ସେ ପରିବର୍ତ୍ତନକାଳୀନ ସରକାରରେ ଦ୍ୱିତୀୟ ସ୍ଥାନରେ ପହଞ୍ଚିଗଲେ । ଜେନେରାଲ ଅବଦେଲ ଫତାହ ଅଲ-ବୁରହାନଙ୍କ ନେତୃତ୍ୱାଧୀନ ସେନା ଏବଂ ଆରଏସଏଫ ୨୦୨୧ରେ ସୁଦାନର ଗଣତନ୍ତ୍ରକୁ ପରିବର୍ତ୍ତନକୁ ରୋକିବାରେ ଏକାଠି ଠିଆ ହୋଇଥିଲେ। କିନ୍ତୁ ସେନା କ୍ଷମତା ଦଖଲ କରିବା ପରେ ଆଭ୍ୟନ୍ତରୀଣ ମତଭେଦ ସାମ୍ନାକୁ ଆସିଲା । ହେମେଦତିଙ୍କ ଅଭିଳାଷକୁ ନେଇ ସତର୍କ ଥିବା ଜେନେରାଲ ବୁରହାନ, ଆରଏସଏଫକୁ ନିୟମିତ ସୁଦାନୀ ସେନାରେ ଏକୀକରଣ କରିବାକୁ ଚାହୁଁଥିଲେ । ମିଲିସିଆ ଏକୀକରଣ ପାଇଁ ୧୦ ବର୍ଷର ସମୟସୀମା ଚାହୁଁଥିବାବେଳେ ସାମରିକ ସରକାର ଏହାକୁ ଦୁଇ ବର୍ଷ ମଧ୍ୟରେ କରିବାକୁ ଜିଦ୍ ଧରିଥିଲେ । ଦୁଇ ଜେନେରାଲଙ୍କ ମଧ୍ୟରେ କ୍ଷମତା ସଂଘର୍ଷ ଆରମ୍ଭ ହେବାପରେ, ଆରଏସଏଫକୁ ୧୧ ଏପ୍ରିଲ, ୨୦୨୩ରେ ରାଜଧାନୀ ଖାର୍ତ୍ତୁମରେ ମୁତୟନ କରାଗଲା। ଏହାପରେ ଖୁବ୍ ଶୀଘ୍ର ଲଢେଇ ଆରମ୍ଭ ହୋଇଗଲା, ଯାହା ସମଗ୍ର ଦେଶକୁ ଏକ ଦୀର୍ଘସ୍ଥାୟୀ ଗୃହଯୁଦ୍ଧ ଭିତରକୁ ଠେଲିଦେଲା ।

ଆଜି ସୁଦାନୀ ସେନା ଖାର୍ତ୍ତୁମ ଏବଂ ଲୋହିତ ସାଗର ଉପକୂଳବର୍ତ୍ତୀ ସହର ପୋର୍ଟ ସୁଦାନ ସମେତ ଦେଶର ଅଧିକାଂଶ ଅଞ୍ଚଳକୁ ନିୟନ୍ତ୍ରଣ କରୁଛି, ଯାହା ବର୍ତ୍ତମାନର ରାଜଧାନୀ । ଆରଏସଏଫର ମୁଖ୍ୟ ଗଡ଼ ହେଉଛି ଦାରଫୁର । ଅକ୍ଟୋବରରେ ଅଲ-ଫାଶିରର ପତନ ପରେ, ସୁଦାନୀ ସେନା ଦାରଫୁରରେ ନିଜର ଶେଷ ପ୍ରମୁଖ ଅଞ୍ଚଳକୁ ଆରଏସଏଫ ହାତରେ ହରାଇଲା ।

ସୁଦାନ ସରକାରଙ୍କ କହିବା ଅନୁଯାୟୀ, ଆରଏସଏଫକୁ ବିଦେଶୀ ଶକ୍ତି, ବିଶେଷକରି ୟୁଏଇ ଏବଂ ଲିବିଆରେ ଥିବା ୟୁଏଇ ସମର୍ଥିତ ଗୋଷ୍ଠୀଙ୍କଠାରୁ ସମର୍ଥନ ମିଳୁଛି । ଇଜିପ୍ଟ ସେନାକୁ ସମର୍ଥନ କରୁଥିବା ବିଶ୍ୱାସ କରାଯାଏ । ଆରଏସଏଫ ଏକ ସମାନ୍ତରାଳ ସରକାର ମଧ୍ୟ ଗଠନ କରିଛି, ଯାହା ଦେଶର ଆହୁରି ବିଭାଜନ ହେବାର ଆଶଙ୍କା ସୃଷ୍ଟି କରିଛି । ଯେହେତୁ ଉଭୟ ପକ୍ଷ ନିଜ ନିଜ ଜିଦରେ ଅଟଳ, ସୁଦାନର ସଂଘର୍ଷର ଏକ ସ୍ଥାୟୀ ସମାଧାନ ଏବେବି ଦୂର ମନେହେଉଛି ।

# ଆଧୁନିକ ମଣିଷ କେତେ ସଭ୍ୟ ଓ ସଂସ୍କୃତି ସମ୍ପନ୍ନ



**ଶ୍ରୀ ଅବନୀ ଚନ୍ଦ୍ର ଦାସ**

ସାଂପ୍ରତିକ ଯୁଗରେ ମଣିଷ ନିଜକୁ ଆଧୁନିକ ଅଥବା ଅତ୍ୟାଧୁନିକ ବୋଲି କହି ଅନେକ ଗର୍ବ କରୁଛି। ବିଜ୍ଞାନର ପରିସୀମା ଯେତିକି ବ୍ୟାପକ ହେଉଛି ଆଉ ବିବର୍ତ୍ତନ ଚକ୍ର ଯେପରି ତୀବ୍ର ଗତିରେ ଘୁରୁଛି, ମଣିଷ ବି ତାହା ସହିତ ତାଳ ଦେଇ ସମାନ ଗତିରେ ଆଗେଇ ଚାଲିଛି। ଚନ୍ଦ୍ର ଓ ମଙ୍ଗଳ ପୃଷ୍ଠରେ ନିଜର ଅଧିକାର ସାବ୍ୟସ୍ତ କରିବାର ଅଭିଯାନ ହେଉ କି, ନୂଆ ପିଢ଼ିର ଜ୍ଞାନ କୌଶଳ (ଓଭଲକ୍ଷ୍ମକ୍ଷ୍ୱଙ୍କବଷ୍ପସକ୍ଷ୍ମଭ ଛରମଷଭକ୍ଷ୍ମକ୍ଷ୍ମଶଚ, ସବୁକ୍ଷେତ୍ରରେ ଆମେ ନିଜକୁ ସଭ୍ୟ ଓ ସଂସ୍କୃତି ସମ୍ପର୍ଣ୍ଣ ବୋଲି ପ୍ରକାଶ କରୁଛୁ। କିନ୍ତୁ,ଏହି ସଭ୍ୟତାର ମୂଳ ପରିମାପକ କଣ? ଏହା କେବଳ କୌଣସି ପୋଷାକ ପରିଧେୟ, ଟେକ୍ନୋଲୋଜି, ଶିକ୍ଷା ସୁବିଧା ଅଥବା ଆର୍ଥିକ ସ୍ୱଚ୍ଛଳତା ଦ୍ୱାରା ନିର୍ଣ୍ଣୟ କରି ହୁଏ କି ? ନା, ବାସ୍ତବରେ ସଭ୍ୟତା ମଣିଷର ମନୋଭାବ, ଅର୍ଥାତ୍ ସେବା, ଦୟା, କ୍ଷମା, କରୁଣା, ସହନଶୀଳତା ଓ ମୂଲ୍ୟବୋଧ ମଧ୍ୟରେ ନିହିତ ଥାଏ।

ସଂପ୍ରତି ଆଧୁନିକ ମଣିଷ ଏକ ଅଦ୍ଭୁତ ବିପର୍ଯ୍ୟୟ ମଧ୍ୟ ଦେଇ ଗତି କରୁଛି ବୋଲି କୁହା ଯାଇପାରେ । ମନୁଷ୍ୟ ପାଖରେ ଅସୀମ ଜ୍ଞାନ / ବୁଦ୍ଧି ରହିଛି, କିନ୍ତୁ ସେ ନିଜ ହୃଦୟର ମୂଲ୍ୟକୁ ହରାଇ ଦେଲାଭଳି ପ୍ରତୀତ ହେଉଛି। ସେ ସମସ୍ତଙ୍କୁ ପରସ୍ପର ସଂଯୋଗ କରିବାକୁ, ବିଶ୍ୱବ୍ୟାପୀ ଯୋଗସୂତ୍ର ସ୍ଥାପନ ନିମନ୍ତେ ଇଣ୍ଟରନେଟ ତିଆରି କରିଛି, କିନ୍ତୁ ନିଜ ନିକଟତମ ପ୍ରତିବେଶୀଙ୍କ ସହ ସମ୍ପର୍କ ରଖିବା ଆବଶ୍ୟକ ମଣୁ ନାହିଁ। ଅଚିହ୍ନା ବ୍ୟକ୍ତି ଭଳି ଅଣଦେଖା କରିବାକୁ ଅଧିକ ପସନ୍ଦ କରୁଛିଫଙ୍ଫ। ଆଧୁନିକ ମଣିଷ ବିଭିନ୍ନ ମୋବାଇଲ ଆପ୍ସ ଦ୍ୱାରା ନିଜର ଅନେକ ଭୂମିକା ସୃଷ୍ଟି କରୁଛି, କିନ୍ତୁ ଜୀବନ ଧାରାର ମୂଳ ପ୍ରବାହ ସ୍ନେହ, ଶ୍ରଦ୍ଧା, ଆତ୍ମୀୟତା ଓ ମାନବିକତାକୁ ଭୁଲିଯାଉଛି। ଏହାକୁ ଆଧୁନିକ ସଭ୍ୟତାର ଅନ୍ତର୍ନିହିତ ବିରୋଧାଭାସ ବୋଲି କୁହାଯିବ ନାହିଁକି ? ସାଧାରଣ ଭାବେ କହିବାକୁ ଗଲେ ଆଜିର ଆଧୁନିକ ମଣିଷ ଅବଶ୍ୟ ଅନେକ ସୁବିଧା ପାଇଛି, କିନ୍ତୁ ଅସଲ ଶାନ୍ତି ସୌହାର୍ଦ୍ଦ୍ୟ ହରାଇ ବସିଛି।

ଆମ ସଂସ୍କୃତି ପୂର୍ବକାଳରେ ମାନବିକତା, ଦୟା ଓ ସେବାର ଭିତ୍ତି ଉପରେ ପ୍ରତିଷ୍ଠିତ ହୋଇଥିଲା। "ବସୁଧୈବ କୁଟୁମ୍ବକମ୍" — ସମଗ୍ର ସଂସାରକୁ ଏକ ପରିବାର ବୋଲି ବିଚାରିବା ଭାରତୀୟ ହୃଦଗତ ଭାବନା ଆଜି ଆଧୁନିକ ମଣିଷଙ୍କ ଚେତନାରେ ହଜିଯାଇଛି। ପୁରାତନ ଯୁଗର ମଣିଷ ପାଖରେ ପର୍ଯ୍ୟାପ୍ତ ଶିକ୍ଷାର ଅଭାବ ଥାଇପାରେ, କିନ୍ତୁ ସେମାନେ ମନରେ ମହାନ ଥିଲେ। ଏବେର ମଣିଷ ଅଧିକ ସଭ୍ୟ, ଶିକ୍ଷିତ, କୁଶଳୀ, ବିଜ୍ଞାନୀ ବୋଲି କୁହାଯାଉଛି ସତ, କିନ୍ତୁ ତାଙ୍କ ମନ ଅନେକ ସମୟରେ ଅଜ୍ଞାନ ଅନ୍ଧକାରରେ ଭରା ରହିଥାଏ। ଅଧିକାଂଶ ଲୋକ ଆଜି ନିଜ ସ୍ୱାର୍ଥକୁ ନିଜ ସଭ୍ୟତାର ଆବରଣ ଭିତରେ ଲୁଚାଇ ରଖୁଛନ୍ତି; ଏକଥା ଉଣା ଅଧିକେ ସମସ୍ତଙ୍କୁ ଜଣାଅଛି ।

କର୍ମ ହେଉଛି ମଣିଷ ଜୀବନର ଆଧାର। କିନ୍ତୁ ଆଜି ଆମ କର୍ମ କାହାର ସେବା ପାଇଁ ନୁହେଁ, ନିଜର ଲାଭ ପାଇଁ ଅଭିପ୍ରେତ । ଆଜିର କେହି ଶିକ୍ଷକ ଶିକ୍ଷାକୁ ବ୍ୟବସାୟ କରିଛନ୍ତି ତ, କେହି ଡାକ୍ତର ରୋଗୀକୁ ଅର୍ଥରେ ତଉଲି ଚିକିତ୍ସା କରୁଛନ୍ତି, ସମାଜରେ ଅଧିକାଂଶ ନେତା ଜନସେବା ନାମରେ ନିଜ ସ୍ୱାର୍ଥ ସାଧନକୁ ଶ୍ରେୟ ମଣୁଛନ୍ତି। ଏହା ହେଉଛି ଆଧୁନିକ ସଭ୍ୟତାର ଦୁଃଖଦ ଚିତ୍ର। ଯେଉଁଠାରେ ଶୁଚିମନ୍ତ କର୍ମ ନାହିଁ, ସେଠାରେ ସଭ୍ୟତା କିପରି ତିଷ୍ଠି ପାରିବ ? ସଂସ୍କୃତି କିପରି ବିକଶିତ ହୋଇ ପାରିବ ?

'ଅର୍ଥ' ମଣିଷର ଜୀବନ ଧାରଣ ପାଇଁ ଏକ ଆବଶ୍ୟକତା, କିନ୍ତୁ ଏହା ଜୀବନର ମୂଳ ଉଦ୍ଦେଶ୍ୟ ନୁହେଁ। ଆଜିର ସମାଜରେ ମଣିଷର ମନ ଅତ୍ୟନ୍ତ ଅର୍ଥ ପିପାସୁ ହୋଇଛି। ଜଣେ ଅନ୍ୟର ଦୁଃଖରେ ସହାନୁଭୂତି ନଦେଖାଇ, ତାହାକୁ କେବଳ ଅର୍ଥରେ ତୁଳିବାରେ ରୁଚି ରଖୁଛନ୍ତି। ଯେତେ ଆଧୁନିକ ସମାଜ ଧନୀ ହେଉଛି, ତଦ୍ରୁପରି ନିର୍ଦ୍ଦୟ ହେଉଛି। ଆମ ସଂସ୍କୃତି କେବଳ ଗୀତ, ନୃତ୍ୟ, ଆଚାର ନୁହେଁ — ଏହା ହେଉଛି ମଣିଷର ମନ ଓ ଚିତ୍ତର ଶୁଦ୍ଧତା। ଯେତେବେଳେ ଅର୍ଥ ମଣିଷ ମନକୁ କବଳିତ କରେ, ସେତେବେଳେ ସଂସ୍କୃତି ବିଲୁପ୍ତ ହେବାକୁ ବେଶୀ ସମୟ ଲାଗେ ନାହିଁ । ଆଧୁନିକ ମଣିଷର ଏହି ସ୍ୱାର୍ଥପରତା ଓ ଅସଭ୍ୟତା ତାର ଆତ୍ମଜ୍ଞାନର ଅଭାବ ଏବଂ ଚେତନାହୀନ ଦୁର୍ବଳତାରୁ ସମ୍ଭୂତ ହୋଇଛି। ସେ ପ୍ରକୃତି ଉପରେ ନିଜର କର୍ତ୍ତୃତ୍ୱ ଦେଖାଇବାରେ ଗର୍ବିତ ହେଉଛି ସିନା, କିନ୍ତୁ ସେ ଭୁଲିଯାଇଛି ଯେ ପ୍ରକୃତି ହେଉଛି ପ୍ରତ୍ୟେକ ଜୀବସତ୍ତାର ଜନନୀ; ଯାହା ବିନା ସକଳ ପ୍ରାଣୀ ଏପରିକି ମନୁଷ୍ୟ ବି ଅସ୍ତିତ୍ୱହୀନ। ଜଳ, ବାୟୁ,ମାଟି,ଏସବୁକୁ ପ୍ରଦୂଷିତ କରି ସେ ନିଜକୁ ହିଁ ଧ୍ୱଂସ ପଥର ଯାତ୍ରୀ ସଜାଉଛି। ଏହି କାରଣରୁ ଆଜି ପୃଥିବୀ କାନ୍ଦୁଛି, ପ୍ରକୃତି ପ୍ରତିଶୋଧ ନେଉଛି। ଏହା ସତ୍ୟ ଯେ, ଆଧୁନିକ ମଣିଷ ଅନେକ ନୂଆ ଜିନିଷ ତିଆରି କରିପାରିଛି, କିନ୍ତୁ ନିଜ ଭିତରେ ମାନବିକତା ସୃଷ୍ଟି କରିପାରି ନାହିଁ।

ଜୀବଜଗତର ସେବକ ଭାବେ ମଣିଷର ଦାୟିତ୍ୱ ଅପରିମିତ। ଏହି ପୃଥିବୀରେ ମନୁଷ୍ୟ କେବଳ ଶାସକ ହେବାକୁ ଚାହେଁ, କିନ୍ତୁ ଜାଣି ପାରୁନାହିଁ କି, ସେବକ ହେବା ଜରୁରୀ ମଧ୍ୟ। ଗଛ, ପଶୁ, ପକ୍ଷୀ, ଜଳଜୀବ — ସମସ୍ତେ ଏହି ସୃଷ୍ଟିର ଅଂଶ ବିଶେଷ । କିନ୍ତୁ ଆଧୁନିକ ମଣିଷ ଜୀବେ ଦୟା ନୁହେଁ, ସେ ସବୁକୁ ଲାଭର ଆଧାରରେ ଉପଯୋଗ କରୁଛି । ପଶୁ ପକ୍ଷୀଙ୍କ ହତ୍ୟାକରି ମାଂସ ଖାଉଛି, ଗଛ କାଟି ଜଙ୍ଗଲ ଧ୍ୱଂସ କରୁଛି, ସବୁଜିମା ନଷ୍ଟ କରୁଛି, ଜଳବାୟୁ ପ୍ରଦୂଷିତ କରି ନିଜ ଦାୟଦ ମାନଙ୍କ ଭବିଷ୍ୟତ ନଷ୍ଟ କରୁଛି। ଏପରି ମଣିଷକୁ ଆମେ କେତେ ସଭ୍ୟ କହିପାରିବା ? ସଂସ୍କୃତି କେବଳ ଶବ୍ଦରେ ନୁହେଁ, ସ୍ୱକୀୟ କର୍ମରେ ଥିବା ଦୟା ଓ ଜୀବନ ପ୍ରତି ଯଥେଷ୍ଟ ସମ୍ମାନ ପ୍ରଦର୍ଶନରେ ଥାଏ ବୋଲି ବିଚାରିବା ଉଚିତ୍ ।

ଆମେ ନିଜକୁ "ଆଧୁନିକ" କହି ଗର୍ବ କରିବା ପୂର୍ବରୁ ଏକ ଦର୍ପଣ ଆଗରେ ନିଜକୁ ଦେଖିବା ଆବଶ୍ୟକ — ଆମେ କେତେ ସଭ୍ୟ ଆଉ କେତେ ସଂସ୍କୃତି ସମ୍ପନ୍ନ ? ମଣିଷ ହୋଇ ମଣିଷର ହିଁ ଅହିତ କରୁଛୁ । ମିଥ୍ୟା, ଶଠତା, ପ୍ରବଞ୍ଚନା, ଘୃଣା, ଅସୂୟା, ହିଂସା ଓ ଦୁର୍ନୀତି ଦିନକୁ ଦିନ ତୀବ୍ରବେଗରେ ବୃଦ୍ଧି ପାଉଛି। ମଣିଷ ସମାଜକୁ ସଂସ୍କୃତି ସମ୍ପର୍ଣ୍ଣ କରିବାକୁ ହେଲେ ସବୁରି ହୃଦୟରେ ମିତ୍ରତା, ସେବା, ଦୟା ଓ ସତ୍ୟର ସ୍ଥାପନା ନିତାନ୍ତ ଆବଶ୍ୟକ । ସଭ୍ୟତାର ମୂଳ ଅର୍ଥ ହେଉଛି ନିଜ ମାନବିକତାକୁ ରକ୍ଷା କରିବା। ଆମେ ଯେତେ ଆଧୁନିକ ହେବୁ, ସେତେ ମାନବିକ ମୂଲ୍ୟବୋଧ ନିଜ ଭିତରେ ରଖିବା ଆବଶ୍ୟକ। ଯଦି ଆଧୁନିକ ଟେକ୍ନୋଲୋଜି ଆମ ଜୀବନ ଶୈଳୀକୁ ପ୍ରଭାବିତ କରି ସ୍ୱାଚ୍ଛନ୍ଦ୍ୟ ଆଡ଼କୁ ଅଗ୍ରଗାମୀ କରାଇପାରିଛି , ତେବେ ସେବା,ଦୟା ଓ ନୀତି ଆଦର୍ଶ ଆମକୁ ମଣିଷପଣିଆ ଶିଖାଇ ପରମ ଶାନ୍ତିର ଅନୁଭବ ଦେଇ ପାରିଛି ବୋଲି କୁହାଯାଇ ପାରେ । ଏହି ପୃଥିବୀରେ ସଭ୍ୟ ଓ ସଂସ୍କୃତି ସମ୍ପର୍ଣ୍ଣ ମଣିଷ ହେବା ପାଇଁ ଆମକୁ ବାହ୍ୟ ଚାକଚକ୍ୟ ଆଡମ୍ବରରୁ ନୁହେଁ, ବରଂ ଅନ୍ତଃକରଣରେ ପରିବର୍ତ୍ତନ ଆଣିବା ଦରକାର।

ସମାଜ ପ୍ରତି ଆହ୍ୱାନ — ଆମେ ମାଟିରୁ ଜନ୍ମନେଇଛୁ, ପ୍ରକୃତି ଆମ ମା, ମାନବିକତା ଆମର ଧର୍ମ। ସଦାଚାର, ଦୟା, କ୍ଷମା, ପ୍ରେମ ହେଉଛି ଆମର ସଂସ୍କୃତି। ଏହି ସତ୍ୟକୁ ମନରେ ରଖି ଆଗେଇ ପାରିଲେ ଆମେ ସଭ୍ୟ ହୋଇ ପାରିବା । ନଚେତ୍, ଆଧୁନିକ ଶରୀର ମଧ୍ୟରେ ଅସଭ୍ୟ ଅମାନୁଷିକ ଆତ୍ମା ହୋଇ ରହିଯିବା ହିଁ ସାର ହେବ । ଆସନ୍ତୁ, ଆମେ ଏହି ପୃଥିବୀକୁ ମାନବିକ ମୂଲ୍ୟବୋଧର ସୁଗନ୍ଧରେ ଭରିଦେବା, ଯେଉଁଠି ସଭ୍ୟତା ହେବ ଦୟା, ଧର୍ମ ଓ ପ୍ରେମର ନାମ ଆଉ ସଂସ୍କୃତି ହେବ ପ୍ରେମର ପରିଭାଷା।


+ସଂପାଦକ, ଉତ୍କଳୀୟ ସାହିତ୍ୟ
ସଂସ୍କୃତି ପରିଷଦ,
ପ୍ରଶାନ୍ତି ବିହାର,
ଭୁବନେଶ୍ୱର - ୨୪
ମୋ: ୯୯୩୭୫୩୭୯୭୪


# ବୃନ୍ଦାବନେ ବଂଶୀ କେ ବଜାଇଲା ବେଣୁ ଗୀତ

**ଅର୍ଜୁନୀ ଚରଣ ବେହେରା**

ବୃନ୍ଦାବନରେ ପ୍ରବେଶ କରିଛି, ମନୋହର ଶରତ ଋତୁ । ବନଭୂମି ଅପୂର୍ବ ଶୋଭା ବିମଣ୍ଡିତ । ନଦୀ, ପୁଷ୍କରିଣୀ ଜଳ ନିର୍ମଳ ହୋଇ ସେଥିରେ ପ୍ରସ୍ଫୁଟିତ ହୋଇଛି ରକ୍ତ, ଶ୍ୱେତ,ନୀଳ କୁମୁଦ ଓ କଇଁ ଫୁଲ ।

ଯମୁନା ଜଳ ନିର୍ମଳ ଓ ତହିଁରେ ମଧୁର କ୍ରୀଡ଼ା ରତ ମୀନମାନେ । ମନ୍ଦ ମନ୍ଦ ପ୍ରବାହିତ ହେଉଛି ମଳୟ ମାରୁତ । ପକ୍ଷୀ ମାନଙ୍କ କଳ କୂଜନରେ ବନଭୂମି ମୁଖରିତ ହେଉଛି । ବ୍ରଜସୁନ୍ଦର ଶ୍ରୀକୃଷ୍ଣ ଭାଇ ବଳରାମ ଓ ସଖା ଗୋପାଳ ବାଳକମାନଙ୍କ ସହ ଗାଈ ଚରାଉଚରାଉ ନିଜ ଅପୂର୍ବ ବଂଶୀଟି ହସ୍ତରେ ଧରି ବଜାଇବାକୁ ଲାଗିଲେ । ସେହି ମନ ମୋହକ, ଚିତ୍ତ ବଶକାରୀ ବଂଶୀସ୍ୱନ ଶୁଣି ଗୋପୀ ମାନଙ୍କ ହୃଦୟ ପ୍ରେମରେ ପରିପୂର୍ଣ୍ଣ ହୋଇଗଲା । ଅତିବଡ଼ି ଜଗନ୍ନାଥ ଦାସଙ୍କ ବର୍ଣ୍ଣନା ଅନୁସାରେ :-

ବନେ ବୁଲନ୍ତି ନନ୍ଦବାଳ ।
ପ୍ରବେଶ ଶରଦର କାଳ ।
ଶୁକଳମେଘ ଶୂନ୍ୟେ ଦିଶି ।
ସଧିରେ ପବନ ପ୍ରକାଶି ।

ବଂଶୀ ସ୍ୱନ ଶୁଣିବାକ୍ଷଣି ସେମାନଙ୍କର ଶ୍ରୀକୃଷ୍ଣଙ୍କ ପ୍ରେମ ପୂର୍ଣ୍ଣ କଥା, ତାଙ୍କ କଟାକ୍ଷ, ତାଙ୍କ ସୁମଧୁର ମୃଦୁହସ କଥା ମନେ ପଡ଼ିଗଲା । ସେମାନେ ବସି ସଖୀ ମାନଙ୍କ ସହ ଶ୍ରୀକୃଷ୍ଣଙ୍କ ରୂପ, ଗୁଣ, ଲୀଳା ବିଷୟକ କଥାସବୁ କୁହାକୁହି ହେବାକୁ ଲାଗିଲେ । ସେମାନଙ୍କ ମାନସ ପଟରେ ଭଗବାନଙ୍କ ସହିତ ମିଳନହେବା ଉତ୍କଣ୍ଠା ଆହୁରି ବଢ଼ିଗଲା । ତାଙ୍କର ମନ ଆଉ ନିଜ ଆୟତ୍ତରେ ରହିଲା ନାହିଁ । ମନେ ମନେ ସେମାନେ ଭଗବାନ ଶ୍ରୀକୃଷ୍ଣଙ୍କ ନିକଟରେ ପହଞ୍ଚି ଗଲେ । ତାଙ୍କ ମୁଖରୁ ଆଉ ବାଣୀ ସ୍ଫୁରିଲା ନାହିଁ । ମାନସ ନେତ୍ରରେ ସେମାନେ ଦେଖିଲେ, ଶ୍ରୀକୃଷ୍ଣ ଗୋପ ବାଳକ ମାନଙ୍କ ସହ ବୃନ୍ଦାବନ ମଧ୍ୟରେ ପ୍ରବେଶ କରୁଛନ୍ତି । ତାଙ୍କ ଶିର ଶୋଭିତ ମୟୁର ପୁଚ୍ଛରେ ଓ କର୍ଣ୍ଣରେ କନିଅରପୁଷ୍ପ ଶୋଭା ପାଉଛି । କଟି ତଟରେ ତାଙ୍କର ପିତାମ୍ବରୀ ପାଟ ଗଳାରେ ଲମ୍ବିଛି ପାଞ୍ଚ ପୁଷ୍ପର ବୈଜୟନ୍ତୀ ମାଳ । ଆହା କିସୁନ୍ଦର ସେ ମୋହନ ବେଶ ! ବଂଶୀ ରନ୍ଧ୍ର ଗୁଡ଼ିକ ତାଙ୍କ ଅଧରାମୃତ ପାନକରୁଛନ୍ତି । ବୈକୁଣ୍ଠଠାରୁ ମଧ୍ୟ ଶ୍ରେଷ୍ଠ ସେହି ବୃନ୍ଦାରଣ୍ୟରେ ଅଙ୍କିତ ହୋଇଛି ତାଙ୍କ ଚରଣର ଚିହ୍ନ । ଚେତନ ଜଡ଼ ସମସ୍ତଙ୍କ ମନ ଚୋରାଇ ନେଉଥିବା ତାଙ୍କର ସେ ବଂଶୀସ୍ୱନ ଶୁଣି ଗୋପୀମାନେ ତାଙ୍କ ଭିତରେ କଥା ହେଉଥିବାବେଳେ ଏତେ ତନ୍ମୟ ହୋଇଗଲେ ଯେ, ସେମାନେ କୃଷ୍ଣଙ୍କ ପ୍ରତ୍ୟକ୍ଷ ସାନ୍ନିଧ୍ୟ ଅନୁଭବ କରି, ତାଙ୍କୁ ଆଲିଙ୍ଗନ କରିବାକୁ ଲାଗିଲେ।

ଗୋପୀମାନେ କହିଲେ ଏହି ବେଣୁ ପୂର୍ବ ଜନ୍ମରେ ବହୁ ପୁଣ୍ୟ କରି ଥିଲା, ବହୁ ସାଧନ ଭଜନ କରି ଥିଲା ଯାହା ଫଳରେ ସେ ଏ ଜନ୍ମରେ ଶ୍ରୀକୃଷ୍ଣଙ୍କ ଅଧରାମୃତ ପାନ କରୁଛି । ଆରେ ଏ ବଂଶୀଟା ତ ଆମର ସମ୍ପତ୍ତି ହରଣ କରି ନେଉଛି । ଶ୍ରୀକୃଷ୍ଣଙ୍କ ବଂଶୀ ସ୍ୱନ ଶୁଣି ମୟୁର ମାନେ ନୃତ୍ୟ କରିବାକୁ ଆରମ୍ଭ କରି ଦେଇଛନ୍ତି, ସବୁ ଗାଈ ଗୋରୁମାନେ ମୁଖରେ ଘାସ ଧରି ଚିତ୍ର ବତ ଛିଡ଼ା ହୋଇଛନ୍ତି । ହରିଣୀମାନେ ତାଙ୍କ କୃଷ୍ଣସାର ମୃଗ ପତି ମାନଙ୍କୁ ଧରି ସେଠାକୁ ଚାଲି ଆସି ମୁଗ୍ଧ ନେତ୍ରରେ କୃଷ୍ଣଙ୍କୁ ଚାହିଁ ରହିଛନ୍ତି । ସେମାନଙ୍କ ଜୀବନ ଧନ୍ୟ, କିନ୍ତୁ ଆମେ ବୃନ୍ଦାବନର ଗୋପୀ ହୋଇ ମଧ୍ୟ ଆମର ସ୍ୱାମୀ ମାନେ ଆମକୁ ଜଗି ରହିଛନ୍ତି କ୍ଷ ଏ ହରିଣୀ ମାନଙ୍କ କଥା ଛାଡ଼, ସ୍ୱର୍ଗର ଦେବତା ମାନେ ମଧ୍ୟ ଏ ବଂଶୀ ମୂର୍ଚ୍ଛନାରେ ମୂର୍ଚ୍ଛିତହୋଇ ଯାଉଛନ୍ତି । ପକ୍ଷୀ ମାନେ ବୃକ୍ଷ ଡାଳରେ ବସି ଚକ୍ଷୁ ବନ୍ଦ କରି ସେହି ଧ୍ୱନୀ ଶୁଣୁଛନ୍ତି, ବ୍ରଜରାଜଙ୍କୁ କାଳେ ଗ୍ରୀଷ୍ମ ତାପରେ କଷ୍ଟ ଲାଗିବ, ସେଥିପାଇଁ ମେଘମାନେ ମଧ୍ୟ ଅମ୍ବର ଢାଙ୍କି ଦେଇ ଛାୟା କରି ଦେଇଛନ୍ତି । ବୃନ୍ଦାବନର ଶବରୀମାନେ ବି ଧନ୍ୟ, ସେମାନେ କୃଷ୍ଣଙ୍କ ଚରଣ ରେଣୁ ବୋଲି ହୋଇ ନିଜର କାମ ପୀଡ଼ାକୁ ଦୂର କରୁଛନ୍ତି । ନିଜ ବଂଶରେ ଭଗବତ ପ୍ରେମୀ ସନ୍ତାନ ଜନ୍ମ ହେଲେ ସମସ୍ତେ ଯେପରି ଆନନ୍ଦିତ ହୁଅନ୍ତି, ଯେଉଁ ବାଉଁଶ ବୁଦାର ବାଉଁଶରୁ ଶ୍ରୀକୃଷ୍ଣଙ୍କ ଏହି ବଂଶୀଟା ତିଆରି ହୋଇଛି, ସେ ବୃକ୍ଷକୁଳ କିପରି ଆନନ୍ଦିତ ହେଉଛନ୍ତି ଦେଖୁନା, ସଖି। ଏ ବୃନ୍ଦାବନ ମଧ୍ୟ ଧନ୍ୟ । ଏହା ବୈକୁଣ୍ଠ ପର୍ଯ୍ୟନ୍ତ ନିଜର କିର୍ତ୍ତୀ ବିସ୍ତାରିତ କରି ଦେଇଛି ।

ଏହିପରି ଶ୍ରୀକୃଷ୍ଣଙ୍କ ମୋହନ ବଂଶୀ ସ୍ୱନ ଶୁଣି ଜୀବ, ଜଡ଼ ସଭିଏଁ ତନ୍ମୟ ହୋଇ ଯାଉ ଥିଲେ । ଗୋପୀମାନେ ପୂର୍ଣ୍ଣ ପ୍ରାଣରେ ଭଗବାନ ଶ୍ରୀକୃଷ୍ଣଙ୍କୁ ସମର୍ପିତ ହୋଇ ଯାଇଥିଲେ। ଏହାର କିଛି କାଳ ପରେ ବୃନ୍ଦାବନରେ ସଙ୍ଘଟିତ ହୋଇଥିଲା ଦିବ୍ୟ ରସମୟ ରାସ କ୍ରୀଡ଼ା । ଶ୍ରୀମଦ୍ଭାଗବତର ଦଶମ ସ୍କନ୍ଧ ଦ୍ୱାବିଂଶ ଅଧ୍ୟାୟରେ ଏହି ବର୍ଣ୍ଣନ ବେଣୁଗୀତ ନାମରେ ବିଦିତ, 'ବେଣୁମୁଦ୍ଦିଶ୍ୟ ଗୋପୀଭିର୍ଗୀତଂ ଇତି ବେଣୁ ଗୀତମ୍। ଶ୍ରୀମଦ ଭାଗବତର ଏହି ଉପାଖ୍ୟାନକୁ ଉଦ୍ଦିଷ୍ଟ କରି ଭକ୍ତକବି ସାଲବେଗ ଲେଖିଛନ୍ତି :-

ବୃନ୍ଦାବନେ ବଂଶୀ କେ ବଜାଇଲା,
ଏକା ରାଧା ରାଧା ନାମ ରାଇଲା ।
ଛିଡ଼ିଲା ସେ ଛିଦ୍ର ଗଣ୍ଠି
ନୀବିବନ୍ଧ ଗଲା ଫିଟି,
ବସନ ପିନ୍ଧନ୍ତେ ତର ନୋହିଲା ।
!!! ଜୟ ଶ୍ରୀକୃଷ୍ଣ !!!


+ମୋ -୭୬୯୩୦୯୧୯୭୧


# ରାଜ୍ୟର ସବୁଠୁ ଶିକ୍ଷିତ ଜିଲ୍ଲାରେ ଯୁକ୍ତ ୨, ଡିଗ୍ରୀ କଲେଜରେ ସିଟ୍ ଖାଲି ପଡ଼ିବାର କାରଣ କଣ ?



**ସୁବ୍ରତ କର**

ନିଶ୍ଚିତ ଏହା ବାଲେଶ୍ୱର ବାସୀଙ୍କ ପାଇଁ ଦୁଃଖଦ ଖବର । ଗୋଟାଏ ସମୟ ଥିଲା ବାଲେଶ୍ୱରର ପିଲାମାନେ ଅନ୍ୟ ଜିଲ୍ଲାର କଲେଜମାନଙ୍କୁ ପାଠ ପଢ଼ିବାକୁ ଯାଉଥିଲେ କାରଣ ପିଲାଙ୍କ ପାଇଁ ଯଥେଷ୍ଟ ପରିମାଣର ସିଟ୍ ନଥିଲା । ଏବେ ସବୁ ବିଷୟରେ ଏବଂ କ୍ଷେତ୍ରରେ ହଜାର ହଜାର ସିଟ୍ ଖାଲି ପଡ଼ିଛି ଏବଂ ଏହା ପାଇଁ ପିଲା ମିଳୁ ନାହାନ୍ତି । ମୁଁ ଆପଣମାନଙ୍କ ପାଖରେ ସରକାରୀ ତଥ୍ୟ ଉପସ୍ଥାପନ କରୁଛି ଯେଉଁଥିରୁ ବୁଝିହେବ ଆମ ଜିଲ୍ଲାରେ ସରକାରୀ ଅନୁଷ୍ଠାନ ମାନଙ୍କରେ ସବୁ ଶିକ୍ଷାର ଅବସ୍ଥା କଣ । ୨୦୨୩-୨୪ ଶିକ୍ଷା ବର୍ଷରେ ସବୁ ଶିକ୍ଷାନୁଷ୍ଠାନ ମାନଙ୍କ ପାଖରେ ସବୁ ବିଭାଗକୁ ମିଶାଇ ପ୍ରାୟ ୩୪ହଜାର ୨୭୨ ସିଟ୍ ବ୍ୟବସ୍ଥା ଥିଲା । ଏଥିରୁ ସେହି ଶିକ୍ଷା ବର୍ଷରେ ୨୩ହଜାର ୩୩୮ ଜଣ ଛାତ୍ରଛାତ୍ରୀ ନାମ ଲେଖାଇଥିଲେ ଏବଂ ପ୍ରାୟ ୧୦ ହଜାର ୯୩୪ ସିଟ ପୂରଣ ହୋଇ ପାରିନଥିଲା । ସେହିଭଳି ତା ପର ବର୍ଷ ୨୦୨୪-୨୫ ଶିକ୍ଷା ବର୍ଷରେ ସିଟ୍ ସଂଖ୍ୟା ଥିଲା ୩୫ ହଜାର ୫୨୪ । ଏଥିରୁ ୨୫ ହଜାର ୬୯୪ ସିଟରେ ପିଲାମାନେ ନାମ ଲେଖାଇଥିଲେ ଏବଂ ୯ ହଜାର ୮୩୦ ସିଟ୍ ଖାଲି ପଡ଼ିଥିଲା । ପୁଣି ଏ ବର୍ଷ ୨୦୨୫-୨୬ ଶିକ୍ଷା ବର୍ଷରେ ୩୬ ହଜାର ୨୫୨ଟି ସିଟ୍‌ରୁ ୨୫ ହଜାର ୩୦୬ ଜଣ ଛାତ୍ରଛାତ୍ରୀ ନାମ ଲେଖାଇଥିଲେ ଏବଂ ପ୍ରାୟ ୧୦ ହଜାର ୯୪୬ ସିଟ୍ ଖାଲି ପଡ଼ିଛି । ଏହିପରି ଅବସ୍ଥା ଡିଗ୍ରୀ କଲେଜରେ ଦେଖିବାକୁ ମିଳିଛି । ୨୦୨୩-୨୪ ମସିହାରେ ୧୬ ହଜାର ୮୪ ଛାତ୍ରଛାତ୍ରୀ ମାନଙ୍କ ପାଇଁ ସରକାରୀ ସିଟ୍ ଅବସ୍ତା କରିଥିଲେ ମାତ୍ର ଏହି ସଂଖ୍ୟାରୁ ୧୧ ହଜାର ୬୧୩ଜଣ ପିଲା ନାମ ଲେଖାଇଥିଲେ ଏବଂ ପ୍ରାୟ ୪ ହଜାର ୪୧୭ସିଟ୍ ଖାଲି ପଡ଼ିଥିଲା । ୨୦୨୪-୨୫ରେ ମଧ୍ୟ ୧୫ ହଜାର ୮୨୦ ସିଟ୍‌ର ବ୍ୟବସ୍ଥା ଥିଲା ମାତ୍ର ୧୨ ହଜାର ୪୧ଜଣ ନାମ ଲେଖାଇଥିଲେ ଏବଂ ୩ ହଜାର ୭୭୯ସିଟ୍ ପାଇଁ ପିଲା ନଥିଲେ । ଏ ବର୍ଷ ପାଇଁ ୨୦୨୫-୨୬, ୧୬ ହଜାର ୮୪ଟି ସିଟ୍‌ର ବ୍ୟବସ୍ଥା ଥିଲା, ଏଥିରୁ ୧୧ ହଜାର ୬୧୩ ଜଣ ନାମ ଲେଖାଇଥିଲେ ଏବଂ ଖାଲି ପଡ଼ିଥିବା ସିଟ୍ ପ୍ରାୟ ୪ ହଜାର ୪୭୧ । ଏତେ କଥା ଲେଖିବାର କାରଣ ଆମ ଜିଲ୍ଲାରେ ହଜାରେ ହଜାରେ ସିଟ୍ ଖାଲି ପଡ଼ିଛି ସରକାର ବାହାଦୂରୀ କରୁଛନ୍ତି କଣ ? ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗର କାର୍ଯ୍ୟରତ ବାବୁମାନଙ୍କର ନଜରକୁ ଆସୁନାହିଁ ନା ଏଇଠି ମଧ୍ୟ ସିଟ୍ ସଂଖ୍ୟାକୁ ନ କମାଇ ଖାଲି ପଡ଼ିଥିବା ଜାଣି ମଧ୍ୟ କାର୍ଯ୍ୟାନୁଷ୍ଠାନ ନ ନେବାର କାରଣ କଣ ହୋଇପାରେ ? ଗୋଟାଏ ଜିଲ୍ଲାରେ ଏଭଳି ଅବସ୍ଥା ହେଲେ ଆଉ ୨୯ ଟି ଜିଲ୍ଲାର ଅବସ୍ଥା କଣ ହୋଇଥିବ ଏବଂ ସାରା ରାଜ୍ୟର ଅବସ୍ଥା ସତରେ କଣ ଉଚ୍ଚଶିକ୍ଷା ବିଭାଗ ସାଧାରଣ ଜନତାଙ୍କ ଜଣାଇବା ପାଇଁ ଚେଷ୍ଟା କରିବେ କି? ମୋ ମତରେ ସରକାର ଏକ ଉଚ୍ଚ ସ୍ତରୀୟ କମିଟି ଗଠନ ପ୍ରତି ଜିଲ୍ଲାର ଅବସ୍ଥା ଟିକିନିଖି ପରୀକ୍ଷା କରି ସିଟ୍‌କୁ ଦରକାର ମୁତାବକ ରଖି ଅଧିକା ସିଟ୍‌କୁ କମାଇ ଦେବା ନିଶ୍ଚିତ ଦରକାର । ଏଥିରେ କିଛି ହେଉ ନ ହେଉ ସରକାରଙ୍କ ଅର୍ଥ ତ କମିବ କାରଣ ସରକାର ଛାତ୍ରବୃତ୍ତିର ବ୍ୟବସ୍ଥା କରି ମଧ୍ୟ ଏପରି ଅବସ୍ଥା । ସରକାର ଏହା ଉପରେ ଅତିଶୀଘ୍ର କିଛି କରିବା ଉଚିତ ।




## ହେମନ୍ତ ଋତୁର ଆଗମନେ

**ରାହାସ କୁମାର ବେହେରା**



ହେମନ୍ତ ଋତୁର ଆଗମନେ ଦେଖ,
କଅଁଳ ଚିକଣ ଶୀତ,
ଗାଁ ଦାଣ୍ଡେ ବସି ଗୋଧୂଳି ସଂଜରେ,
ଗାଉଛି ଖୁସିର ଗୀତ।

ଶିଶିର ଟୋପାରେ ସୁରୁଜ କିରଣ,
ମୁକୁତାର ହାର ଗଢ଼ି,
ପ୍ରକୃତି ଗଳାରେ ଲମ୍ବାଇ ଦେଇଛି,
ଧରା ଶୋଭା ଯାଏ ବଢ଼ି।

ହାଲକା ଖରାରେ ସାପୁଆ ଜଳରେ,
ରୁପା ଶାଢ଼ୀ ପିନ୍ଧି ମିନ,
ଖୁସିରେ ଯାଉଛି ବାଲିଯାତ୍ରା ଦେଖି,
ନାଚେ ହୋଇ କନକନ।

ଗେଣ୍ଡୁ ଫୁଲ ଫୁଟି ବାସ ଚହଟାଏ,
ଭଅଁର ଲେଖୁଛି ଚିଠି,
ଭଲପାଏ ବୋଲି ଉଡିଆସି କହେ,
ଦେବାକୁ ପହିଲି ଭେଟି।

ଭସା ବାଦଲକୁ ଭରସା କରିଣ,
ଚାଷୀ ଭାଇ କାଟେ ଧାନ,
ବିଲମାଳେ ଦେଖି ପନି ପରିବାକୁ,
ପୂରିଯାଏ ତା'ର ମନ।

ରଙ୍ଗ ବେରଙ୍ଗର ନାନା ପକ୍ଷୀ କେତେ,
ଗାଆନ୍ତି ସ୍ୱାଗତ ଗୀତି,
ପ୍ରଜାପତି କେତେ ପର ଝାଡି ଦେଇ,
ପାଆନ୍ତି ଅପାର ଶାନ୍ତି।

ଉତ୍ତର ଦିଗରୁ ମୃଦୁ ଥଣ୍ଡା ବାୟୁ,
ଦେହ ମନ କରେ ଚୋରି,
ସୁଖ ବଜାରରେ ଦୁଃଖ ବିକିଦେଇ,
କବି ହସେ ଆତ୍ମା ଭରି।

ହେମନ୍ତ ଋତୁଟି ଅତି ମନୋରମ,
ସତେ ଅବା ନବ ବଧୂ,
ରୂପ ଚାତୁରୀରେ ଜନମନ ତୋଷେ,
ମସ୍ତକରେ ଆଙ୍କି ଇନ୍ଦୁ।

ଭାବୁକ ମନରେ ଭାବନାର ଗାଥା,
ଚିତ୍ରକର ହୁଏ ଖୁସି,
ଆଙ୍କେ ତୁଳି ଧରି ରଙ୍ଗର ମୁରୁଜ,
ଚାହିଁ ନିଜ ପ୍ରତିବେଶୀ।


+ବାଲ୍ୟମ୍ବା, ଭାପୁର
ଢେଙ୍କାନାଳ : ୭୫୯୦୧୫
ମୋ : ୯୪୩୮୧୧୪୩୬୮

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର,
୧୦ ନଭେମ୍ବର ସୋମବାର, ୨୦୨୫

# ଗଳ୍ପମାଳା

ସାପ୍ତାହିକ ଗଳ୍ପ ଫର୍ଦ୍ଦ

ଶ୍ରୀମାନି ପ୍ରିୟଦର୍ଶିନୀ ଦାସ



## ଅଭିଶପ୍ତ ରଙ୍ଗ



ଟେବୁଲ୍ ଉପରେ ଥୁଆ ହୋଇଥିବା ପୁରୁଣା ଆଲବମ୍ ଖେଳାଉ ଖେଳାଉ ଅନୁରାଧାର ନଜର ପଡିଲା ଦଶମ ଶ୍ରେଣୀରେ ଉଠାଯାଇଥିବା ସ୍କୁଲ ବ୍ୟାଚ୍ ଫଟୋ ଉପରେ । କ'ଣ ମନହେଲା କେଜାଣି ଫଟୋଟିକୁ ଧରି ଧାଇଁଗଲା ସେ ପୋଖରୀ କୂଳକୁ । ଗୋଟିଏ ଛୋଟିଆ ପଥରଟେ ପିଙ୍ଗିଲା ସେ ପୋଖରୀ ମଝିକୁ। ପୋଖରୀକୁ କଷ୍ଟ ହେଲା କି ନାହିଁ ସେଇଟା ପୋଖରୀ ନିଜେ ହିଁ ଜାଣେ । ତା' ଜୀବନ ଏବେ ଠିକ୍ ଏମିତି; ତାକୁ କଷ୍ଟ ହୁଏ କି ନାହିଁ ସେ ନିଜେ ଜାଣେ । ପୋଖରୀ ଆଉ ତା' ଭିତରେ ଫରକ୍ ବା କ'ଣ ? ଫଟୋର ପଛ ଧାଡ଼ିରେ ଠିଆ ହୋଇଥିବା ପୁଅ ମାନଙ୍କ ମଧ୍ୟରୁ ଜଣଙ୍କ ମୁହଁକୁ ଚାହିଁ ହସିଦେଲା ସେ । ରଙ୍ଗରେ ସେ ଏତେ କଳା ଥିଲା ଯେ ଫଟୋରେ ମଧ ଜଣା ପଡୁନାହିଁ । ଅତୀତର ଚିତ୍ର ସବୁ ତା' ଆଖି ଆଗରେ ଭସିବାକୁ ଲାଗିଲେ । ପୁରୁଣା ସ୍ମୃତି ସବୁ ଚାରିପଟେ ଚକାଭଉଁରୀ ଖେଳିବା ଆରମ୍ଭ କରିଦେଲେ ।

କାହିଁକି କେଜାଣି ସେ କଳାରଙ୍ଗକୁ ଢେର୍ ଘୃଣା କରୁଥିଲା । ଭୁଲ୍ ଏଇ ସମାଜର ମଣିଷମାନଙ୍କର । କିଛି ମଣିଷମାନେ କଳା ରଙ୍ଗର ଲୋକଙ୍କୁ ଏପରି ଚାହାଁନ୍ତି, ଯେମିତିକି ସେମାନଙ୍କ ରଙ୍ଗ ଗୋଟେ ଅଭିଶାପ । ଅନୁରାଧା କିନ୍ତୁ ଜାଣେ ବେଶୀ ଭୁଲ୍ ତା' ଜେଜେମାର, ଯାହା ପାଇଁ ସେ ସେଇ କଳା ରଙ୍ଗର ମଣିଷଟିକୁ ଅନେକବର୍ଷ ହେବ କଟୁ କଥା କହିଆସିଛି । ପ୍ରତ୍ୟୁଷ ! ଏତେ ସୁନ୍ଦର ନାଁ ତାକୁ କିଏ ଦେଇଥିଲେ କେଜାଣି । ହାଣ୍ଡିକଳାଠୁ ସେ ଦେଖିବାକୁ କଳା । ତା' ରଙ୍ଗ ଦେଖି କାଉ ବି ଲାଜେଇ ଯାଏ ବୋଲି ଅନେକ କୁହନ୍ତି। ସାଙ୍ଗମାନେ ତାକୁ ସବୁଦିନ ଚିଡାନ୍ତି ' କିରେ ଜେଜେମା ତୋ'ର ନଈପଠାରେ ନିତି ରବିବାର ବାସନଟେ ପରି ଏମିତି ମାଜି ଘଷି ଦେଉଛି । ଯେମିତି ସୋମବାରକୁ ସ୍କୁଲ ଆସିଲେ ଦେଖାଯାଉ ଗୋଟେ ସୁନ୍ଦର ରାଜକୁମାର ନୁହେଁ !' ପ୍ରତ୍ୟୁତ୍ତରରେ ସେ ହସିଦିଏ କେବଳ । ଏଥିପାଇଁ ସେ କେବେ ମନଦୁଃଖ କରିବା ଅନୁରାଧା ଦେଖିନି । ସାଙ୍ଗମାନେ ତା' ରଙ୍ଗକୁ ନେଇ ଥଟ୍ଟା ପରିହାସ କଲେ ମଧ ପ୍ରତ୍ୟୁଷର ପେଟ ପୂରିଯାଏ ସେମାନଙ୍କ ହସରେ। ସେଇବର୍ଷ ତାଙ୍କ ବିଦ୍ୟାଳୟରେ ଅଷ୍ଟମ ଶ୍ରେଣୀରେ ନାମ ଲେଖାଇଥିଲି ମୁଁ ଅନୁରାଧା ନାୟକ । ଏତୁଟା ମିଳାମିଶା ସ୍ୱଭାବର ନଥିଲି ବୋଲି ମଧ୍ୟାହ୍ନ ଭୋଜନ ପରେ ଏକେଲା କ୍ଲାସ୍ ରୁମ୍‌ରେ ବସି ପଢୁଥିଲି । ହାତରେ କୋଲିଖଟା ଧରି ସେ ମୋ ଆଗରେ ଠିଆ ହୋଇ କହିଲା 'ମଧୁଜେଜେଙ୍କ ହାତତିଆରି କୋଲିଖଟା ଆଗରେ ଏ ଦୁନିଆର ସମସ୍ତ ଖାଦ୍ୟ ଫିକା । ନେଏ ଖାଇଦେ । ମୁଁ ପ୍ରତ୍ୟୁଷ ପଟ୍ଟନାୟକ, ସମସ୍ତଙ୍କ ଭଳି ମୋତେ ଡାକିପାରୁ ପୁଟୁ । ଆଉ...' ସେ ଆଉ କିଛି କହିବା ପୂର୍ବରୁ ମୁଁ ଛିଃ... କହି ତା' ହାତରୁ କୋଲିଖଟା ସବୁ ଫିଙ୍ଗିଦେଲି । ମନକୁ ଯାହା ଆସିଲା ସବୁ କହି ଚାଲିଲି ସହପାଠୀ ମାନଙ୍କ ଆଗରେ । ସେ କ'ଣ ବୁଝିଲା କେଜାଣି ମୁଣ୍ଡ କୁଣ୍ଡେଇ କୁଣ୍ଡେଇ ନିଜ ସିଟ୍‌ରେ ଯାଇ ବସିଲା । ଆଉ ମୋତେ ଚାହିଁଲା ଅନେକ ସମୟ ଯାଏଁ।

ପୁଟୁକୁ ମୁଁ ଶତ୍ରୁ ଭାବି ନେଇଥିଲି କହିଲେ ଚଳେ। ରଙ୍ଗରେ କଳା ହେଲେ କ'ଣ ହେଲା ? ପ୍ରତି ପରୀକ୍ଷାରେ ଶ୍ରେଣୀର ପ୍ରଥମ ସ୍ଥାନରେ ରହୁଥିଲା ଆଉ ମୁଁ ଦ୍ୱିତୀୟ ସ୍ଥାନରେ । ମେରିଟ୍ ଲିଷ୍ଟରେ ମୋ ନାଁ ଉପରେ ତା' ନାଁ ଟା ଦେଖି ଲାଗୁଥିଲା ଗୋଟେ ବିଶାଳ ଅଜଗରଟେ ମୋ ମୁଣ୍ଡକୁ ଗୁଡ଼େଇ ଧରିଛି ଜୋରରେ, ଯେମିତିକି ମୁଁ ତାକୁ କେବେ ହରାଇ ପାରିବିନି । ଖେଳକୁଦ ଏବଂ ଅନ୍ୟାନ୍ୟ ପ୍ରତିଯୋଗିତାରେ ଜିତି ସେ ଗୁଡ଼ାଏ ପୁରସ୍କାର ପାଉଥିଲା । ଏସବୁ ମୋର ଦେହରେ ଯାଉନଥିଲା । ତାକୁ ହରେଇବା ପାଇଁ ମୁଁ ପ୍ରାଣପଣେ ଚେଷ୍ଟା କରୁଥିଲି ଏବଂ ତା' ସହ ପ୍ରତିଯୋଗିତା ଆରମ୍ଭ କରି ସାରିଥିଲି ତା' ଅଜାଣତରେ । ଶିକ୍ଷକମାନେ ସବୁବେଳେ ତା' ପରି ହେବା ପାଇଁ ଉପଦେଶ ଦେଉଥିଲେ। ସେଥିପାଇଁ ତାକୁ ନେଇ ମୋର ଖୁବ୍ ଈର୍ଷା ।

ଜୋକର୍ ନାମଟି ଶୁଣିଲେ ଯେଉଁ ଚେହେରାଟି ସର୍ବପ୍ରଥମେ ମୋ ଆଖି ସାମ୍ନାକୁ ଆସୁଥିଲା ସେ ଥିଲା ପୁଟୁ । ସତରେ ସେ ଗୋଟେ ବଡ ଜୋକର ହିଁ ଥିଲା । ସେ ଥିଲା ସମସ୍ତଙ୍କ ହସର ଖୋରାକ । ମଧ୍ୟାହ୍ନ ଭୋଜନ ପରେ ସେ ଏତେମାତ୍ରାରେ କୋଲିଖଟା ଖାଉଥିଲା ଯେ, ମୁଁ ନଖାଇ ମଧ ମୋର ଦାନ୍ତ ଖଟା ହେଇଯାଉଥିଲା ତାକୁ ଦେଖି । ମୁଁ ତାକୁ ଯେତିକି ଘୃଣା କରୁଥିଲି ସେ ଧିରେଧିରେ ମୋତେ ସେତିକି ଭଲ ପାଇବାକୁ ଲାଗିଥିଲା । ଏବେ ଏବେ ସମସ୍ତ ପରୀକ୍ଷା ଏବଂ ପ୍ରତିଯୋଗିତାରେ ଜିତୁଥିଲି । ବେଶ ଖୁସି ଥିଲି ପୁଟୁ ହାରୁଥିଲା ବୋଲି । ଅନେକ ଦିନ ପରେ ଜାଣିଥିଲି ସେ ହାରିବାର କାରଣ ଥିଲା ମୋ ଓଠର ଚେନାଏ ହସ । ମ୍ୟାଟ୍ରିକ ପରୀକ୍ଷା ପୂର୍ବରୁ ସ୍କୁଲରେ ହୋଇଥିବା ଭୋଜି ଦିନ ହିଁ ସେ ମୋ ହାତରେ କାଗଜଟିଏ ଧରାଇ ଦେଇଥିଲା, ଯେଉଁଥିରେ ଲେଖାଥିଲା ' ମୁଁ ତୋତେ ଭଲପାଏ ଅନୁ !' କାଳବିଳମ୍ବ ନକରି ପ୍ରଧାନ ଶିକ୍ଷକଙ୍କୁ ଜଣାଇ ଦେଇଥିଲି । ' ତୋ' ଠାରୁ ଏସବୁ ଆଶା ନଥିଲା ପ୍ରତ୍ୟୁଷ । ତୁ ଏତେ ଛୋଟ ପିଲା ହୋଇ..!' ସମସ୍ତ ଶିକ୍ଷକ ମାନଙ୍କ ଗାଳି ଶୁଣି ସେ ମୋ ଠୁଁ ଅନେକ କଥା ଶୁଣିଲା । ଯାହା ମୋର ତାକୁ ଶୁଣାଇବାର ନଥିଲା । ମୁଣ୍ଡପୋତି ଚାଲିଯାଇଥିଲା ସେ ନିଜ ଘରକୁ।

ମ୍ୟାଟ୍ରିକ ପରୀକ୍ଷା ପରଠାରୁ ତା'ର ଆଉ ଖୋଜ ଖବର ନଥିଲା । ତା' ସମ୍ପର୍କରେ ଜାଣିବା ପାଇଁ ମୋର ଆଗ୍ରହ ମଧ ନଥିଲା । ପ୍ରାୟ ପାଞ୍ଚ ବର୍ଷ ପରେ ଦିନେ ମୋତେ ଆଶ୍ଚର୍ଯ୍ୟଚକିତ କରି ଘରର ଗେଟ୍ ସାମ୍ନାରେ ଠିଆ ହୋଇ କଲିଂ ବେଲ୍ ବଜାଉଥିଲା । ଜେଜେମା ଗେଟ୍ ଖୋଲି ବଡ ବଡ ଆଖିରେ ପ୍ରଶ୍ନ କଲା

-' କିହୋ ପୁଅ ଖୋଜୁଚ କାହାକୁ ?'

-' ଶୁଣିଛି ଅନୁରାଧାର ବାହାଘର ହେବ !'

-' ସେଥିରେ ତୁମର କି କାମ ?'

-' ମୁଁ ଅନୁରାଧାକୁ ବିବାହ କରିବାକୁ ଚାହେଁ । ଏଇ ବର୍ଷ ହିଁ ମୁଁ ଚାକିରୀ କରିବି' । ନିର୍ଭୟରେ କୁହେ ପ୍ରତ୍ୟୁଷ ।

-' ଆଲୋ ବୋହୂ ଦେଖୁଛୁଟି ! ଆକାଶରୁ କଳା ବାଦଲ ଗୋଟେ ଓହ୍ଲାଇ ଆସିଛି ମୋ ଅପସରୀ ନାତୁଣୀ ପାଇଁ ପ୍ରସ୍ତାବ ନେଇ । କିରେ ଟୋକା ତୋ' ମୁହଁ ଆଇନାରେ ଥରେ ଦେଖ, ନିଜ ରୂପ ଦେଖିଲେ ଡରି ମରିବୁ । ପୂର୍ବେ ଆମ ବଉଁଶରେ ଯେତକ କଳାରଙ୍ଗରେ ବାହାହେଲେ ସବୁ ମଲେ । ଏ ରଙ୍ଗଟା ଆମ ପାଇଁ ଅଭିଶପ୍ତ ରଙ୍ଗ । ମୋର ଏକମାତ୍ର ନାତୁଣୀ ତୋ' ଦେହ ଛୁଇଁଲେ କଳା ପଡ଼ିଯିବ। କିଏ ଜାଣେ ସ୍ୱର୍ଗକୁ ବି ଚାଲିଯିବ । ଏ ବୁଢ଼ୀ ବଞ୍ଚି ଥାଉଥାଉ ଏସବୁ ନା କେବେ ହୋଇପାରିବ । ଯା'ରେ ଯେଉଁଠୁ ଆସିଥିଲୁ । ତୋ'ର ଏଇ ମୁହଁ ଯେମିତି ଆଉ ନଦେଖେ।'

ଚୁପଚାପ୍ ହୋଇ ଚାଲିଗଲା ପ୍ରତ୍ୟୁଷ । ପ୍ରଥମଥର ତା' ପାଇଁ ମୋ ମନ ତରଳିଗଲା । ଆହା ବିଚରା ଏତେ କଥା ଶୁଣିଲା । ଏଡ଼େ ମୂର୍ଖ ସେ କଣ ଜାଣେନା ; ଏକତରଫା ପ୍ରେମ କେବେ ସଫଳ ହୁଏନା । ଜେଜେମାର ବାକ୍ୟବାଣ ଭିତରେ ମୁଁ ଏସବୁ ତାକୁ କହିବାକୁ ଭୁଲିଗଲି । ଏତେଦିନପରେ କାହାକୁ କିଛି ନ ଜଣେଇ ସେ ଯେଉଁଠୁ ଆସିଥିଲା ସେଇଠିକି ଚାଲିଗଲା । ସେ ଯେ ମୋତେ ଏକତରଫା ପ୍ରେମ କରୁଛି ଦେଖି ମୁଁ ଆଉ ଥୟ ହୋଇ ବସି ପାରିଲିନି ।

ବିବାହ ପରେ ରାଜେଶଙ୍କ ସହ ସଂସାର ରଥ ସୁରୁଖୁରୁରେ ଗଡୁଥିଲା। ରାଜେଶ୍ କେବଳ ଭଲସ୍ୱାମୀ ନଥିଲେ, ସମସ୍ତ ସମ୍ପର୍କକୁ ସେ ବେଶ ଭଲ ଭାବେ ତୁଲାଉଥିଲେ । ଯେଉଁ ସମାଜ ତାଙ୍କୁ ଦିନେ ଉତ୍ତମ ପୁରୁଷ କହିବା ସହ ମୋତେ ଭାଗ୍ୟବାନ ସ୍ତ୍ରୀର ସମ୍ମାନ ଦେଇଥିଲା, ସେଇ ସମାଜର ଅନ୍ୟ ପାଖ ଧୀରେ ଧୀରେ ଜାଣିଲି ରଜେଶଙ୍କ ଦୁର୍ଘଟଣାରେ ମୃତ୍ୟୁ ପରେ । ତାଙ୍କ ମୃତ୍ୟୁର କିଛି ଦିନପରେ ପିତାଙ୍କ ମୃତ୍ୟୁ ମୋ ପାଇଁ ବୋଝ ଉପରେ ନଳିତା ବିଡା ସଦୃଶ୍ୟ ଥିଲା । ଅନେକଙ୍କ କଟୁ ବାକ୍ୟ ମୋ ଛାତିକୁ ତୀର ପରି ବିନ୍ଧ କରୁଥିଲା ।

- ' କି ପାପ କରିଥିଲା କେଜାଣି ଏତେ କମ ବୟସେ ବିଧବା !'

- 'ବୋହୂଟା ସୁନ୍ଦର କିନ୍ତୁ କିଛି ଖୁଣ ଥିଲା, ଯେଉଁଥିପାଇଁ ରାଜେଶଟା ଆମର ଅକାରଣେ ଚିନ୍ତାଗ୍ରସ୍ତ ହୋଇ ଗାଡ଼ି ଚଳାଉଥିବା ବେଳେ..'

ଏଇ ସମାଜଟା ଦିନେ ଶିଶୁ ଥିବାବେଳେ ଏତେ ସ୍ନେହ ଅଜାଡ଼ିଦିଏ ଯେ, ଧିରେ ଧିରେ ସେଇ ସ୍ନେହଟା ବଡ଼ ହେଲାପରେ ଭୟଙ୍କର ଈର୍ଷା ରୂପକ ବିଷରେ ପରଣିତ ହୋଇଯାଏ । ଭୂତଙ୍କୁ ମୋର ଯେତିକି ଭୟ ନଥିଲା ଏଇ ମଣିଷମାନଙ୍କୁ ମୋର ବେଶୀ ଭୟ ଥିଲା । ରାଜେଶଙ୍କ ମୃତ୍ୟୁର ମାସକ ପରେ ଜାଣିଲି ମୁଁ ସନ୍ତାନ ସମ୍ଭବା ,ମାସ ଛଅଟା ପରେ ସେ ଏ ପୃଥିବୀକୁ ଆସିବ । ଅନାଗତ ଶିଶୁର ଆଗମନ ପାଇଁ ମୋ ମୁହଁରେ ଟିକେ ହସ ନଥିଲା । ମୋ ଆତ୍ମସମ୍ମାନ ନଷ୍ଟ ପାଇଁ ଏ ସମାଜଟା ଦିନରାତି ଲାଗିଥିଲା । ଜାଣିନଥିଲି ମୋର ଭୁଲ୍ କେଉଁଠି । ଯେବେ ଜାଣିଲି ଏ ସମାଜ ଗର୍ଭସ୍ଥ ସନ୍ତାନକୁ ପାପଗର୍ଭ କହିବା ଆରମ୍ଭ କରିଛି ସେଇଦିନ ଶାଶୂଘରୁ ସମସ୍ତଙ୍କ କଟୁବାକ୍ୟ ସବୁକୁ ଉପେକ୍ଷା କରି ଫେରିଆସିଲି ବାପଘର । ଯଦି ମୁଁ ସେଠାରେ ରହିଥାନ୍ତି ତେବେ ସେଇଦିନ ବୋଧେ ପୃଥିବୀରେ ମୋର ଶେଷଦିନ ହୋଇଥାନ୍ତା । ଏଇ ଗର୍ଭରେ ବଢୁଥିବା ସନ୍ତାନଟି ରାଜେଶଙ୍କ ଅଂଶ। ତାଙ୍କ ଆବର୍ତ୍ତମାନରେ ହିଁ ତା'ର ପିତାମାତା ଉଭୟ କର୍ତ୍ତବ୍ୟ ମୁଁ କରିବି ଏକାଏକା।

ପୋଖରୀର ଆଞ୍ଜୁଲାଏ ଜଳରେ ନିଜର ଖାଲି ସୀମନ୍ତ ଦେଖି ସେଇ ପୋଖରୀକୁ ଫିଙ୍ଗିଦେଲା ଅନୁରାଧା । କାନ୍ଦିଲେ ସବୁକିଛି ସହଜ ହୁଏନାହିଁ। ଆଖିରୁ ଲୁହ ପୋଛି ଛିଡା ହେଲା। ସେ କର୍ମଫଳ ଭୋଗୁଛି । ରଙ୍ଗରେ କଳା ଥିଲେ ମଧ ସେ ଅଭିଶପ୍ତ ନୁହେଁ । ଜେଜେମାର ତୁଣ୍ଡରୁ ସେଇ ଶବ୍ଦ ସବୁ ଶୁଣି ସେ ଆଉ କେବେ ଅନୁରାଧାକୁ ମୁହଁ ଦେଖାଇନି । ସେ ଫେରନ୍ତା କି ଦିନେ, ତାକୁ କ୍ଷମା ମାଗି ନିଅନ୍ତି । କୁହନ୍ତି ଦେଖ ଏ ମୋ କର୍ମଫଳ । ତୋତେ ସାରା ଜୀବନ ଦେଇଥିବା କଷ୍ଟ ମୁଁ ଏବେ ଭୋଗୁଛି ; ଭୋଗିବାକୁ ଯୋଗ୍ୟ । ହଠାତ୍ ଚମକି ପଡ଼ିଲା ଅନୁରାଧା। ଏତେ ବର୍ଷ ଧରି ନିରୁଦ୍ଦିଷ୍ଟ ଥିବା ସେଇ ଚେହେରା ତା' ଆଖି ସାମ୍ନାରେ ଛିଡ଼ା ହୋଇଥିଲା । ଅଶ୍ରୁପୂର୍ଣ୍ଣ ଚକ୍ଷୁ ଦୁଇଟି ଯେମିତି କାହାର ସ୍ପର୍ଶ ଟିକେ ଚାହୁଁଥିଲା, ଛୁଇଁଦେଲେ ଲୁହ ସବୁ ଧାରଧାର ହୋଇ ବୋହିଯିବେ । ସେ କେତେ ଭିନ୍ନ ଲାଗୁଥିଲା ସତରେ !

ପାଦତଳେ ପଡ଼ିଗଲା ଅନୁରାଧା; ଆଖିର ଲୁହସବୁ ଛୋଟ ବନ୍ୟାର ଭ୍ରମ ସୃଷ୍ଟି କରିସାରିଥିଲେ । ଜଣାନଥିଲା କେତେବେଳୁ ସାହିପଡିଶା ଲୋକ ରୁଣ୍ଡ ହୋଇ ଗଲେଣି । ' ପୁଟୁ ତୋ ରଙ୍ଗଟା ଅଭିଶାପ ନଥିଲାରେ , ସବୁରଙ୍ଗ ଅଭିଶାପ ନୁହେଁ । ଅଭିଶାପ ଏମିତି ଏକ ବେରଙ୍ଗ ଜୀବନ ଜିଇଁବା । ଅଭିଶାପ ଏଇ ସମାଜରେ ମଣିଷଟେ ହୋଇ ଜନ୍ମନେବା। ଯେତେ କ୍ଷମା ମାଗିଲେ ସରିବନିରେ । ହୁଏତ ତୁ କ୍ଷମା କରିଦେଲେ ମୁଁ ଖୁସି ହୋଇଯାଇପାରେ; କିନ୍ତୁ ଏଇ ସମାଜରୁ ଅନେକ କଥା ଶୁଣି ମୁଁ ନିତି ମରି ମରି ବଞ୍ଚୁଥିବି କେବଳ ମୋର ଗର୍ଭସ୍ଥ ସନ୍ତାନ ପାଇଁ ।' ଅନୁରାଧା କଥା ଶୁଣି ସେ ହସିଲା, ବହୁତ୍ ସମୟ ଯାଏଁ ହସିଲା । ତା' ଦେଖାଦେଖି ଉପସ୍ଥିତ ଅନ୍ୟମାନେ ମଧ ହସିଲେ । ସେମାନଙ୍କ ହସ ଅନୁରାଧାକୁ ଅଣନିଃଶ୍ୱାସୀ କରିପକେଇବାରୁ ସେ ଘର ଭିତରକୁ ଚାଲି ଯିବାକୁ ଉଦ୍ୟମ କରିଥିଲା । ପ୍ରତ୍ୟୁଷ ଏବେ ଜୋରରେ ଭିଡ଼ି ଧରିଲା ଅନୁରାଧାର ହାତ ।

-' ଆଚ୍ଛା କହତ ଏଇ ସମାଜଟା ତୋ ସଫଳତାରେ କେବେ ଖୁସି ହୋଇଛି ?'

-'ନା......'

-' ଏଇ ସମାଜ ତୋର ଏଇ ଅବସ୍ଥାରେ ସାହାଯ୍ୟ କରିବାକୁ ଆଗେଇ ଆସିଛି ?'

-'ନା......'

-'ଏଇ ସମାଜ ତୁ ଏବେ କାନ୍ଦୁଥିବା ବେଳେ ତୋତେ ସାନ୍ତ୍ୱନା ଦେଇଛି ?'

-'ନା.....'

-'ଏଇ ସମାଜ କ'ଣ ବିଧବା ପୁନଃ ବିବାହକୁ ସ୍ୱୀକୃତି ଦେଉଛି ?'

ଅନୁରାଧା ଚାହିଁଲା ଏବେ ପ୍ରତ୍ୟୁଷ ମୁହଁକୁ । ଦେଖଣାହାରୀଙ୍କ ହସ ପ୍ରତ୍ୟୁଷର ଶେଷବାକ୍ୟରେ ଉଭେଇ ଯାଇଥିଲା । ସେ ପୁଣି କହିଲା ' ତୁ ଏଇ ସମାଜକୁ ଡରୁ, ଯେଉଁମାନେ ତୋ'ର ଦୁଃଖ ଦେଖି ଖୁସି ହୁଅନ୍ତି ! ରାଜେଶ ଫେରିଆସିଛନ୍ତି ; ଅନାଗତ ସନ୍ତାନଟି ତୋର ପିତୃହରା ବୋଲି କେବେ ଜାଣିବାକୁ ଦେବିନି । ଚାଲ୍ ଆମେ ଚାଲିଯିବା ଏଠୁ ଖୁବ୍ ଦୂରକୁ । ତୁ ମୋତେ ବିବାହ କରିବାକୁ ରାଜି ? ' ଉପସ୍ଥିତ ମଣିଷମାନେ କଣ କହିବେ କହିବେ ହୋଇ କହିପାରୁନଥିଲେ । ବୋଧହୁଏ ସେମାନେ ମଧ ସ୍ୱଳ୍ପ ସମୟରେ ଜାଣିସାରିଥିଲେ ସେମାନଙ୍କ 'ନା'ମତାମତଟି ପ୍ରତ୍ୟୁଷ କେବେ ଗ୍ରହଣ କରିବ ନାହିଁ । ଜେଜେମା କହିଥିବା ସେଇ ଅଭିଶପ୍ତ ରଙ୍ଗର ପୁଅ ପ୍ରତି ଘୃଣା ମୋର ଧିରେଧିରେ ପ୍ରେମରେ ପରଣିତ ହୋଇ ସାରିଥିଲା । ସ୍କୁଲରେ ଦିନେ ଜିତିବି ବୋଲି ଯିଏ ବାରମ୍ବାର ହାରୁଥିଲା ; ସେ ଏଥର ସମାଜ ସହ ପ୍ରତିଯୋଗିତା କରି ସମାଜକୁ ହିଁ ହରାଇ ସାରିଥିଲା ମୁଁ ଜିତିବି ବୋଲି...

+ଜଗନ୍ନାଥପୁର, କଟକ

## ଯୁଦ୍ଧ ହାରିସାରିଥିବା ସୁଭଦ୍ରା

ରବୀନ୍ଦ୍ର କୁମାର ପାତ୍ର



ଦଶ ବାର ବର୍ଷ ଦୁଇ ଭାଇ ଆଉ ବାପା ମାଆଙ୍କ ସହ ବେଶ ଖୁସିରେ କଟିଥିଲା ଶୁଭଦ୍ରାର ପିଲା ଦିନ। ବାପା ଗାଁ ମୁଣ୍ଡ ଛକରେ ଏକ ଛୋଟ ପାନ ଦୋକାନଟେ କରିଥିଲେ। ମା' ଜଣେ ଅଶିକ୍ଷିତ ସାଧାସିଧା ଭଲ ମଣିଷଟେ। ଛୋଟିଆ ପରିବାର ବାପା ସ୍ୱଳ୍ପ ରୋଜଗାରରେ ଅଳପବହୁତେ ଚଳି ଯାଉଥିଲେ। ଭାଇ ଦୁଇ ଜନ ସାନ ଥିଲେ ଆଉ ବାପାଙ୍କର ଗେହ୍ଲା ବି ଥିଲେ। ଦିନେ ଏକ ସଡ଼କ ଦୁର୍ଘଟଣାରେ ବାପ ଆର ପାରିକୁ ଚାଲିଗଲେ। ବାପାଙ୍କ କଥା ଭାବି ଭାବି ଆଉ ପରିବାର ବୋଝ ବୋହି ନ ପାରି ମାଆ ମଧ୍ୟ କିଛି ଦିନ ପରେ ବାପାଙ୍କ ରାସ୍ତା ବାଛି ନେଲା। ଏତେ ବଡ଼ ଦୁନିଆରେ ଶୁଭଦ୍ରା ଏକା ହେଇ ଗଲା। ଅର୍ଥ ଅଭାବ ଆଉ ଦୁଇ ଭାଇଙ୍କ ଦେଖା ଶୁଣା ପାଇଁ ନିଜ ପାଠ ପଢାରେ ସେଇ ଦିନ ଠାରୁ ଡୋରି ବନ୍ଧା ହେଲା। ବାପା ମାଆଙ୍କ ସ୍ୱପ୍ନ ଦୁଇ ଭାଇଙ୍କ ବିକଳ ଚାହାଣି ଶୁଭଦ୍ରାର ଆଖିର ନିଦ ହଜେଇ ଦେଇ ଥିଲା। ମାଆ ମରିବାକୁ କେଇ ଦିନ ଥାଏ ଦୁଇ ଭାଇ ତୋତେ ଲାଗିଲେ, ତୁ ସେମାନଙ୍କୁ ମଣିଷ କରିବୁ। ସେମାନେ କେବେ ବି ଆମ ଆବଶ୍ୟକତା ଯେମିତି ଅନୁଭବ ନ କରିବେ। ତୁ ତାଙ୍କର ବାପା ମାଆ ଆଉ ଭଉଣୀ ହୋଇ ସେମାନଂକୁ ଏକ ସୁନ୍ଦର ସ୍ୱପ୍ନ ରାଇଜକୁ ନେଇଯିବୁ। ସବୁ ଅଭାବ ଭିତରେ ବି ସେମାନଂକୁ ଆଖିରେ କେବେ ଲୁହ ଆସିବାକୁ ଦେବୁନାହିଁ, ଏମିତି ଅନେକ କିଛି କଥା ଶୁଭଦ୍ରା ତା ମାଆକୁ ଦେଇଛି।

ବାର ଚଉଦ ବର୍ଷରେ ସେ କଣ ବା କରିପାରିବ। ବାପା କରିଥିବା ଗାଁ ଦୋକାନକୁ ପୁନର୍ବାର ଖୋଲି ବେପାର ଆରମ୍ଭ କଲା ଶୁଭଦ୍ରା। ଗାଁ ଦୋକାନ କେତେ ବା ରୋଜଗାର ହେବ ତିନି ପ୍ରାଣୀ କୁଟୁମ୍ବ ଚଳିବେ। ରାତି ବେଳା ଏକ ସାହୁକାର ଘରେ ବାସନ ମଜା ଆଉ ରୋଷେଇ ବାସ କରି ରୋଜଗାରକୁ ଆଉ କିଛି ମାତ୍ରରେ ବଢ଼େଇଲା। ଏମିତି କିଛି ବର୍ଷ ଗଲା। ଦୁଇ ଭାଇଙ୍କର ପାଠ ପଢା ବି ଆରମ୍ଭ ହୋଇ ଯାଇଥାଏ। ଦୁଇ ଜଣ କ୍ଲାସରେ ବି ଭଲ ପାଠ ପଢୁଥାଆନ୍ତି। ସେମାନଙ୍କ ସ୍ୱପ୍ନ ଆଉ ଆଶାକୁ ପୂରଣ କରିବା ପାଇଁ ଶୁଭଦ୍ରା ରାତି ଦିନ ଏକାଠି କରି ଦେଇଥାଏ ଗାଁ ଥିବା ଛୋଟ ଦୋକାନରେ। ରୋଜଗାର ବି ବଢ଼ି ଥାଏ।

ଗାଁ ସ୍କୁଲରୁ ପାଠ ପଢା ସାରି ବିଦେଶକୁ ପଢିବା ପାଇଁ ଦୁଇ ଭାଇଙ୍କୁ ଯିବାକୁ ପଡିଲା। ଏକା ବେଳେ ଏତେ ଟଙ୍କା ସେ ବା କେଉଁଠୁ ଯୋଗାଡ଼ କରିବ। ଶେଷରେ ଯେଉଁ ଘରେ ସେମାନେ ମୁଣ୍ଡ ଗୁଞ୍ଜୁଥିଲେ ସେ ଘରକୁ ଶୁଭଦ୍ରା ବିକି ଦେଲା। ସେ ଟଙ୍କାରେ ଦୁଇ ଭାଇଙ୍କର ପାଠ ପଢା ଖର୍ଚ୍ଚ ଆଉ ଅନ୍ୟାନ ଖର୍ଚ୍ଚ ଶୁଭଦ୍ରା କରିଥିଲା। ସେ ଭାଭିଥିଲା ଦୁଇ ଭାଇ ତ ବିଦେଶକୁ ଯାଇ ପାଠ ପଢିବେ, ମୁଁ ତ ଏକୁଟିଆ ଦୋକାନରେ ଶୋଇଯିବି। ଘର ଆଉ କେଉଁ କାମକୁ ଆସିବ। ମୋ ଦୁଇ ଭାଇ ମୋ ଦୁଇ ଆଖି। ସେମାନେ ଯେବେ ପାଠ ପଢି ବଡ଼ ଚାକିରୀ କରିବେ ସେତେବେଳେ ସେ ତ ଆଉ ଗାଁକୁ ଆସିବେ ନାହିଁ, ଏ ଘର ଆଉ କେଉଁ କାମକୁ ଲାଗିବ। ମୁଁ ସେତେବେଳେକୁ ସେମାନଙ୍କ ପାଖରେ ମୁଣ୍ଡ ଗୁଞ୍ଜି ଦେବୀ। ଏଇ କଥା ଭାବି ଶୁଭଦ୍ରା ଘର ବିକି ଦୁଇ ଭାଇଙ୍କ ପଢା ଖର୍ଚ୍ଚ କରିଥିଲା। ସେତେବେଳେକୁ ଶୁଭଦ୍ରାର ବୟସ ପାଖାପାଖି ତିରିଶି ବତିସୀ ବର୍ଷ ହେଇ ସାରିଥାଏ। ସେ ନିଜ କଥା ଚିନ୍ତା ନ କରି ଦୁଇ ଭାଇଙ୍କ ଭବିଷ୍ୟତ କଥା ଭାବି ପରେ ଘରେ କାମ କରି ଆଉ ଗାଁ ଦୋକାନରେ ସମୟ ଦେଇ ରୋଜଗାରକୁ ଦୁଇ ଗୁଣା କରି ଦେଇଥିଲା। ସେ ଯାହା ହେଉ ଶୁଭଦ୍ରାର ପରିଶ୍ରମ ଆଉ ଦୁଇ ପାଇଁଙ୍କ ନିଷ୍ଠା ବଳରେ ବାପା ମାଆଙ୍କ ସ୍ୱପ୍ନକୁ ଶୁଭଦ୍ରା କିଛି ମାତ୍ରାରେ ପୂରଣ କରି ସାରିଥାଏ। ଦୁଇ ଭାଇ ସରକାରୀ ଘରେ ବଡ଼ ବଡ଼ ପଦବିରେ ଚାକିରୀ କରି ସାରିଥାଆନ୍ତି।

ସମୟ ଗଡ଼ିଯିବା ସହିତ ଦୁଇ ଭାଇ ମଧ ବିବାହ ହୋଇ ସାରିଥାଆନ୍ତି। ଶୁଭଦ୍ରାର ବୟସ ଏବେ ପଚାଶ ଛୁଇଁ ସାରିଥାଏ। ନିଜର ପିଲା ଓ ଯୌବନ ସମୟ ଦୁଇ ଭାଇ ପାଇଁ କେମିତି ଯେ କଟି ଗଲା ଆଜି ତାର ହିସାବ ପାଉନାହିଁ ଶୁଭଦ୍ରା। ଦୋକାନ ଆଉ ଟେନସନ ସହିତ ଲଢ଼ି ଲଢ଼ି ଶୁଭଦ୍ରା ଆଜି ମାନସିକ ଆଉ ଶାରୀରିକ ଭାବେ ଦୁର୍ବଳ ହୋଇ ସାରିଥାଏ। ବାପା ମାଆର ସ୍ୱପ୍ନ ପାଇଁ ନିଜ ସ୍ୱପ୍ନକୁ ମାରି ଦେଇଥିଲା ଶୁଭଦ୍ରା। ନିଜର ବିବାହ ନିଜର ସଂସାର ଆଉ ନିଜର ପରିଚୟ ନ ଭାବି ଦୁଇ ଭାଙ୍କ ଆଶା ଆଉ ଭରସା ହୋଇ ଆଜି ଶୁଭଦ୍ରା ଥକି ପଡିଛି। ନା ଆଉ ଫେରିବ ତାର ସେହି ଯୌବନ ନା ପିଲା ଦିନ। ଏକ ସଂଘର୍ଷ ଆଉ ଅପବାଦର ଜୀବନ ଜିଇଁ ଜିଇଁ ଶୁଭଦ୍ରା ଏବେ ଅଣନିଶ୍ୱାସୀ ହେଇଯାଇଛି। ଆଖିରେ ଲୁହ ଆଉ ଛାତିରେ ପୁଳା ପୁଳା ଯନ୍ତ୍ରଣା ଚାପି ତାକୁ ଜିଇଁବାକୁ ପଡୁଛି।

ଭାଇଙ୍କ ବିବାହ ପରେ ଶୁଭଦ୍ରା ଧୀରେ ଧୀରେ ଭାଇଙ୍କଠାରୁ ଦୁରେଇବା ଅନୁଭବ କରିଛି। ବେଳେ ବେଳେ ଭାଉଜଙ୍କଠାରୁ ବି ଶୁଭଦ୍ରା ଅପମାନ ଆଉ ଅପଦସ୍ତ ହେବା ବି ଲକ୍ଷ୍ୟ କରିଛି। ଭାଇଙ୍କ ସୁଖ ସଂସାରରେ କିଛି ଗୋଟେ ଅଶାନ୍ତ ହେଉ କିମ୍ବା ଝଡ଼ ସୃଷ୍ଟି ହେଉ କେବେ ବି ଚାହିଁନି ଶୁଭଦ୍ରା। ସବୁବେଳେ ନିଜକୁ ଏକ ସୁବିଧା ସ୍ଥିତିରେ ରଖି ଏକ ସୁସ୍ଥ ବାତାବରଣ ଘରେ ସୃଷ୍ଟି କରିବାକୁ ଚାହିଛି ଶୁଭଦ୍ରା। କିନ୍ତୁ ସମୟ ଆଉ ପରିସ୍ଥିତି ଶୁଭଦ୍ରାର ସାତ ଦେଇ ନାହିଁ। କିଛି ଦୋଷ ନ ଥାଏ ମଧ ଘରର ଅଶାନ୍ତ ପରିବେଶ ପାଇଁ ଶୁଭଦ୍ରାକୁ ଦାୟୀ କରାଯାଇଛି। ଏମିତି ବି ସମୟ ଆସିଛି ଯେଉଁ ଭାଇ ପାଇଁ ନିଜ ପରିଚୟ ଭୁଲିବାକୁ ପଡ଼ିଥିଲା ଆଜି ଶୁଭଦ୍ରା ନିଜ ପରିଚୟ ଖୋଜିବାକୁ ପଡିଛି।

ଭାଇ ଭାଉଜଙ୍କ କଟୁ କଥା ଏତେ ଅସହ୍ୟ ଥିଲା ଶେଷରେ ଶୁଭଦ୍ରାକୁ ଘର ଛାଡିବାକୁ ପଡ଼ି ଥିଲା। ଏକ ଜରାଶ୍ରମରେ ଶେଷ ଜୀବନ କାଟିବାକୁ ପଡିବ ଏ କଥା କେବେ ବି ସ୍ୱପ୍ନରେ ଭାବି ନ ଥିଲା ଶୁଭଦ୍ରା। ନିଜ ଜୀବନର ଡାଏରୀ ଲେଖିଲା ବେଳେ ଶୁଭଦ୍ରାର ବଳିଦାନ ଆଉ ତ୍ୟାଗ ସବୁଦିନ ପାଇଁ ମନେ ରହିବ।

ସେଇଥି ପାଇଁ ତ ନାରୀ ମହାନ। ନାରୀ ମାଆ।

ଜୀବନର ଶେଷ ସମୟ ବି ଶୁଭଦ୍ରା ପାଇଁ ବେଶ କଷ୍ଟକର ଆଉ ଦୁଃଖ ପୁର୍ଣ୍ଣ ଥିଲା। ଦୁଇ ଭାଇଙ୍କ ପଢା ଖର୍ଚ୍ଚ ପାଇଁ ଅର୍ଥ ଅଭାବ ପୂରଣ କରିବାକୁ ଯାଏ ଶୁଭଦ୍ରା ନିଜର ଗୋଟିଏ କୀଡୀନ ବିକି ଦେଇ ଥିଲା। ସମୟ ବଦଳିବା ସହିତ ସମସ୍ତେ ବଦଳି ଯାଇଥିଲେ। ଶୁଭଦ୍ରା କିନ୍ତୁ ସେହି ପୁରୁଣା ଅତୀତକୁ ଆଜି ମନେ ମନେ ଖୋଜୁଥିଲା। ଆଖିରେ ଆଖିଏ ଲୁହ ଆଉ ପୁଳା ପୁଳା ଛାତିରେ କୋହ ଚାପି ଶୁଭଦ୍ରା ତାର ଶେଷ ଜୀବନ ଏକ ବୃଦ୍ଧାଆଶ୍ରମ କଟିଥିଲା।

+ଗୁଲନଗର କେନ୍ଦ୍ରାପଡ଼ା
ମୋ: ୯୯୩୭୦୭୮୯୧୬

# ଜିଲ୍ଲାସ୍ତରୀୟ ଆଦର୍ଶ ସଂସଦ କାର୍ଯ୍ୟକ୍ରମ

■ଲୋକସଭାରେ ବିରୋଧୀଙ୍କ ହଟ୍ଟଗୋଳ
■ହଟ୍ଟଗୋଳ ପାଇଁ ଗୃହକୁ ୩.୩୦ ପର୍ଯ୍ୟନ୍ତ ମୁଲତବୀ ରଖିଲେ ବାଚସ୍ପତି
■ମାତ୍ର ୧ ଘଣ୍ଟା ଚାଲିଥିଲା ପ୍ରଶ୍ନକାଳ
■ବିଲ ପାସ୍ କରିବାରେ ବିଳମ୍ବନା

ବାଲେଶ୍ୱର,୯/୧୧ (ନି.ପ୍ର): ଜିଲ୍ଲା ପ୍ରକଳ୍ପ କାର୍ଯ୍ୟାଳୟ, ସମଗ୍ର ଶିକ୍ଷା ତରଫରୁ ସ୍ଥାନୀୟ ପିଏମଶ୍ରୀ ଜିଲ୍ଲା ସ୍କୁଲ, ବାଲେଶ୍ୱର ଠାରେ ଜିଲ୍ଲା ସ୍ତରୀୟ ଆଦର୍ଶ ସଂସଦ-୨୦୨୫ ଏବଂ କଳା ପ୍ରଦର୍ଶନୀ କାର୍ଯ୍ୟକ୍ରମ ତା-୦୮.୧୧.୨୦୨୫ ରିଖରେ ଅନୁଷ୍ଠିତ ହୋଇଛି । ଜିଲ୍ଲା ଶିକ୍ଷାଧିକାରୀ ଡ. ବସନ୍ତ କୁମାର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ଶ୍ରୀ ସୂର୍ଯ୍ୟବଂଶୀ ମୟୂର ବିକାଶ (ଭା.ପ୍ର. ସେ) ସମାରୋହକୁ ଉଦ୍‌ଘାଟନ କରି ପ୍ରତିଯୋଗୀ ଛାତ୍ରଛାତ୍ରୀମାନଙ୍କୁ ସଂସଦ ବିଷୟରେ ଧାରଣା ପ୍ରଦାନ କରିବା ସହିତ ସେମାନଙ୍କର ବୈଷୟିକ ଜ୍ଞାନ କୌଶଳର ଉନ୍ନତି ବିଷୟରେ ଜାଣିବା ପାଇଁ ଉତ୍ସାହିତ କରିଥିଲେ । ଜିଲ୍ଲାର ୧୮ଟି ପିଏମଶ୍ରୀ ସ୍କୁଲରୁ ୮୦ଜଣ ଛାତ୍ରଛାତ୍ରୀଙ୍କୁ ନେଇ ଅଧିବେଶନଟି ଅନୁଷ୍ଠିତ ହୋଇଥିଲା । ଏହି ଅଧିବେଶନରେ ବିରୋଧି ଦଳ ଓ ଶାସକଦଳ ମଧ୍ୟରେ ଏକ ବିତର୍କ ପ୍ରଶ୍ନଉତ୍ତର, ଆକ୍ଷେପ ଅଭିଯୋଗ ଏବଂ ବିଲ୍ ପାସ୍ ବିଷୟରେ ଗୃହରେ ଦେଖିବାକୁ ମିଳିଥିଲା । ବିରୋଧୀ ଦଳର ସଭ୍ୟମାନେ ଗୃହରେ ହଟ୍ଟଗୋଳ କରି ଗୃହକୁ କିଛି ସମୟ ପାଇଁ ମୁଲତବି ରଖିଥିଲେ । ଏହି ପ୍ରତିଯୋଗିତାରେ ବିଚାରକ ଭାବେ ସହକାରୀ ପ୍ରଫେସର ସଂଦୟସ, କେକେଏସ୍ ମହିଳା ମହାବିଦ୍ୟାଳୟ ଏବଂ ସହକାରୀ ପ୍ରଫେସର ସୁବ୍ରତ ବିଶ୍ୱାଳ, ଏଫ୍ ଏମ୍ ସ୍ୱୟଂଶାସିତ ମହାବିଦ୍ୟାଳୟ ବାଲେଶ୍ୱର ଯୋଗ ଦେଇଥିଲେ । ଆଦର୍ଶ ସଂସଦ କାର୍ଯ୍ୟକ୍ରମ ଶେଷ ପରେ ଦୁଇଜଣ ଛାତ୍ରଛାତ୍ରୀଙ୍କୁ ରାଜ୍ୟସ୍ତରୀୟ ମଡେଲ୍ ୟୁନାଇଟେଡ୍ ନେସନ୍ (ଏମ୍‌ୟୁଏନ୍)ରେ ପ୍ରତିଦ୍ୱନ୍ଦ୍ୱୀ କରିବା ପାଇଁ ସ୍ଥିରୀକୃତ କରାଯାଇଥିଲା । ଏବଂ ସମସ୍ତ ପ୍ରତିଯୋଗୀଙ୍କୁ ଟ୍ରଫି ସହିତ ସମ୍ବର୍ଦ୍ଧନା କରାଯାଇଥିଲା । ଏହି କାର୍ଯ୍ୟକ୍ରମଟିକୁ ସୁଚାରୁରୂପେ ସଂପାଦନ କରିବାରେ ଶ୍ରୀଯୁକ୍ତ ଯଜ୍ଞେଶ୍ୱର ଜେନା, ଗୋଷ୍ଠୀ ଶିକ୍ଷାଧିକାରୀ, ସଦର ଆଦିକନ୍ଦ ରାଉତ, ଭାରାପ୍ରାପ୍ତ ପ୍ରଧାନ ଶିକ୍ଷକ, ପିଏମ୍‌ଶ୍ରୀ ଜିଲ୍ଲା ସ୍କୁଲ, ଶ୍ରୀ ଖଗେଶ୍ୱର ମହାରଣା, ଜିଲ୍ଲା ଯୋଜନା ସଂଯୋଜକ ସହଯୋଗ କରିଥିଲେ ଏବଂ ଡ. କୌଶିକ କୁମାର ଦାସ ଭାରାପ୍ରାପ୍ତ ପ୍ରଧାନ ଶିକ୍ଷକ କେ.ସି ଜଏଶ୍ରୀ ଉଚ୍ଚ ବିଦ୍ୟାଳୟ ନିଳଗିରି ମଞ୍ଚ ପରିଚାଳନାରେ ସହଯୋଗ କରିଥିଲେ ।

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ମାତୃ କର୍ମଶାଳା

ଧର୍ମଶାଳା,୯/୧୧ (ନି.ପ୍ର): ଯାଜପୁର ଜିଲା ଯାଜପୁର ଜିଲା ଧର୍ମଶାଳା ବ୍ଲକ ଅନ୍ତର୍ଗତ କାଏମାସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଆଜି ଶିଶୁବାଟିକା ବିଭାଗର ମାତୃ କର୍ମଶାଳା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ସହ ସଂପାଦକ ସୁକାନ୍ତ କୁମାର ପଣ୍ଡା ଙ୍କ ସଭାପତିତ୍ୱରେ ଉକ୍ତ ଉତ୍ସବରେ ବିଶିଷ୍ଟ ସାହିତ୍ୟିକ ସଂଯୁକ୍ତା ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭ ଉଦଘାଟନ କରିଥିଲେ । ଏଥିସହ ଶିଶୁଙ୍କର ଉନ୍ନତି ପାଇଁ ମାଆ ମାନଙ୍କର ଭୂମିକା ଓ କର୍ତବ୍ୟ ସମ୍ବନ୍ଧରେ ସେ ଆଲୋକପାତ କରିଥିଲେ । ବିଦ୍ୟାମନ୍ଦିର ର ପ୍ରଧାନ ଆଚାର୍ଯ୍ୟା ରୀତାରାଣୀ ସ୍ୱାଇଁ ସ୍ୱାଗତ ଭାଷଣ ସହିତ ଅତିଥି ପରିଚୟ ପ୍ରଦାନ କରିଥିଲେ । ସମ୍ପାଦକ ଧ୍ରୁବ ଚରଣ ପୃଷ୍ଟି ମୁଖ୍ୟ ଅତିଥିଙ୍କୁ ଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଯାଜପୁର ଜିଲ୍ଲା ଶିଶୁବାଟିକା ପ୍ରମୁଖ ପ୍ରକାଶ ଚନ୍ଦ୍ର ପୃଷ୍ଟି କାର୍ଯ୍ୟକ୍ରମ ର ଆଭିମୁଖ୍ୟ ପ୍ରଦାନ କରିବା ସହିତ ଶିଶୁର ବିକାଶରେ ମାଆଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ମତବ୍ୟକ୍ତ କରିଥିଲେ । ବରିଷ୍ଠ ଅଚାର୍ଯ୍ୟା ରିତାଞ୍ଜଳି ନାୟକ, ସ୍ମୃତିରେଖା ସାମଲ, ଲକ୍ଷ୍ମିଲତା ଜେନା, ସସ୍ମିତା ଦାସ, ମାମିନା ରାଉତ,ଚନ୍ଦନାବତି ରାଉତ, ଗୀତାଞ୍ଜଳି ଦାସ,ରିତାଞ୍ଜଳି ପୃଷ୍ଟି ଙ୍କ ଦ୍ୱାରା ବାରଟି ଶୈକ୍ଷିକ ବ୍ୟବସ୍ଥା ର କାଳାଂଶ ନିଆଯାଇଥିଲା । ଉକ୍ତ ଉତ୍ସବରେ ମୋଟ ୧୩୦ ଜଣ ମାଆ ଉପସ୍ଥିତ ଥିଲେ । ଉକ୍ତ କାର୍ଯ୍ୟକ୍ରମରେ ପରିଚାଳନା ସମିତିର କୋଷାଧକ୍ଷ ନିଗମାନନ୍ଦ ମାହାଣା,ତୁଳସୀ ଦେଈ ତଥା ପୂର୍ବତନ ସଂପାଦକ ଚିତ ରଂଜନ ମଲ୍ଲିକ ଓ ବିଦ୍ୟାଧର ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ଶେଷରେ କୁନି କୁନି ଶିଶୁ ମାନଙ୍କ ଦ୍ୱାରା ନାଟକ ପରିବେଷଣ କରାଯାଇଥିଲା । ବିଦ୍ୟାଳୟର ବରିଷ୍ଠ ଆଚାର୍ଯ୍ୟା କଳ୍ପନା କୁମାରୀ କର ଧନ୍ୟବାଦ ଅର୍ପଣ କରିଥିଲେ । ଅନୁଷ୍ଠାନର ବରିଷ୍ଠ ଆଚାର୍ଯ୍ୟ ଅଜିତ୍ କୁମାର ରାଉତ, ଆଚାର୍ଯ୍ୟା ବୈଜୟନ୍ତୀ ସ୍ୱାଇଁ ତଥା ସମସ୍ତ ଗୁରୁଜୀ ଗୁରୁମା,ସେବକ ଓ ସେବିକା ଙ୍କ ପୂର୍ଣ୍ଣ ସହଯୋଗରେ କାର୍ଯ୍ୟକ୍ରମଟି ସଫଳ ହୋଇଥିଲା ।

# ଦୁଇ ବଖରା ଜଳିଗଲା

କୋରେଇ,୯/୧୧ (ନି.ପ୍ର): ପାଣିକୋଇଲି ପଂଚାୟତ ଅନ୍ତର୍ଗତ ପାଣିକୋଇଲି ଗ୍ରାମରେ (ନମଟିକିରି ଛକ ପାଖ) ସନାତନ ଜେନାଙ୍କ ଘରେ ଶୁକ୍ରବାର ରାତ୍ରୀରେ ଅଗ୍ନିକାଣ୍ଡ ଘଟିଥିଲା । ଫଳରେ ଗୁହାଳ ସମେତ ଦୁଇବଖରା ଘର ଓ ଆସବାସପତ୍ର ଜଳିପୋଡି ନଷ୍ଟ ହୋଇଯାଇଛି । ଦମକଳ ବାହିନୀ ପହଂଚି ନିଆଁକୁ ଆୟତ କରିଛି । ପ୍ରକାଶ ଯେ, ସନାତନଙ୍କ ଗୁହାଳ ଘରୁ ପ୍ରଥମେ ନିଆଁ ଲାଗିଥିଲା । ବିଦ୍ୟୁତ ସର୍ଟ ସର୍କିଟ ବା ମଶା ପାଇଁ ଗୋରୁଙ୍କୁ ଦିଆଯାଇଥିବା ଧୂଆଁରୁ ନିଆଁ ଲାଗିଥିଲା ତାହା ସ୍ପଷ୍ଟ ହୋଇନାହିଁ। ଗୁହାଳରେ ନିଆଁ ଲଗିବା ପରେ ତାହା ଅନ୍ୟ ଘରକୁ ବ୍ୟାପିଥିଲା । ଫଳରେ ଘରେ ଥିବା ଚାଉଳ ସମେତ ବିଭିନ୍ନ ଆସବାବପତ୍ର ପୋଡି ଯାଇଥିଲା । ସ୍ଥାନୀୟ ଲୋକମାନେ ନିଆଁକୁ ଆୟତ କରିନପାରିବାରୁ ଦମକଳକୁ ଖବର ଦେଇଥିଲେ । ଯାଜପୁରରୋଡ ଅଗ୍ନିଶମ ବାହିନୀ ପହଂଚି ନିଆଁକୁ ଆୟତ କରିଥିଲେ । ବିପନ୍ନ ସନାତନଙ୍କ ପରିବାରକୁ ସରକାରୀ ସାହାଯ୍ୟ ଯୋଗାଇଦେବାକୁ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହୋଇଛି।

# ଜଙ୍ଗଲରୁ ୪ କୁଇଂଟାଲ ୫୦ କେଜି ଗଞ୍ଜେଇ ଜବତ

ମାଲକାନଗିରି,୯/୧୧ (ନି.ପ୍ର): କାଲିମେଳା ବ୍ଲକ ଏମଭି ୭୯ ଥାନା ଅନ୍ତର୍ଗତ ଜାକଲକୁଣ୍ଡି ଜଙ୍ଗଲ ନିକଟରୁ ପୋଲିସ ୪ କୁଇଂଟାଲ ୫୦ କେଜି ଗଞ୍ଜେଇ ଜବତ କରିଥିବା ବେଳେ ଘଟଣାସ୍ଥଳରୁ ଅଭିଯୁକ୍ତ ଫେରାର ହୋଇଯାଇଥିବା ଜଣାପଡିଛି । ସୂଚନା ମୁତାବିକ, ଗତକାଲି ସନ୍ଧ୍ୟା ସମୟରେ ଏମଭି ୭୯ ପୁଲିସର ଏକ ଟିମ ଆଇଆଇସି ଚନ୍ଦ୍ରକାନ୍ତ ତାଣ୍ଡିଙ୍କ ନେତୃତ୍ୱରେ ଶ୍ରୀଚନ୍ଦନ ବେହେରାଙ୍କ ସହ ଏକ ୬ ଜଣିଆ ଟିମ ପେଟ୍ରୋଲିଙ୍ଗ କରୁଥିବା ସମୟରେ ଜାକଲକୁଣ୍ଡି ଗ୍ରାମ ନିକଟସ୍ଥ ପାହାଡ଼ ନିକଟରେ କିଛି ଲୋକ ପୋଲିସ ଗାଡି ଦେଖି ଦୌଡ଼ି ପଳାଇଯାଇଥିଲେ । ପୋଲିସ ପହଂଚି ଦେଖିଲା ପରେ ଗଞ୍ଜେଇ ପେକିଙ୍ଗ ହେଉଥିବାର ଦେଖିବାକୁ ପାଇଥିଲେ । ସଙ୍ଗେ ସଙ୍ଗେ ପୋଲିସ କାଲିମେଳା ବିଡ଼ିଓ ପ୍ରଦୀପ କୁମାର କରଙ୍କ ଉପସ୍ଥିତିରେ ଓଜନ କରି ଗଞ୍ଜେଇ ବସ୍ତାକୁ ଜବତ କରିଥିଲେ । ଗଂଜେଇ ଓଜନ କରିବା ପରେ ୪ କୁଇଂଟାଲ ୫୦ କେଜି ହୋଇଥିବା ବେଳେ ବଜାରରେ ଏହାର ଆନୁମାନିକ ମୂଲ୍ୟ ୧୩ ଲକ୍ଷ ୫୯ ହଜାର ହେବ । ଏମଭି ୭୯ ପୋଲିସ ୧୬୬/୨୫, ଅଣ୍ଡର ସେକ୍ସନ ୨୦ବି, ଆଇ ଆଇ ସି ରେ ଏଣ୍ଡି ପିଏସ କେସ ରୁଜୁ କରି ତଦନ୍ତ ଚଳାଇଛନ୍ତି।

# ଅଜୟ ପଣ୍ଡାଙ୍କ ପୁସ୍ତକ 'ଏ ମାଟିର କୃଷ୍ଣସାରମାନେ' ଉନ୍ମୋଚିତ



ବାସୁଦେବପୁର,୯/୧୧ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ରକ୍ତତୀର୍ଥ ଇରମ ଠାରେ ରାଜୀବ ଗାନ୍ଧୀ ସେବା କେନ୍ଦ୍ର ପରିସରରେ ଓଡ଼ିଶାର ବିଶିଷ୍ଟ ଐତିହାସିକ ଓ ଗବେଷକ ଡକ୍ଟର ଅଜୟ କୁମାର ପଣ୍ଡାଙ୍କ ରଚିତ ପୁସ୍ତକ ଏମାଟିର କୃଷ୍ଣସାର୍ ମାନେ ଉନ୍ମୋଚିତ ହୋଇ ଯାଇଛି। ଏହି ଉତ୍ସବରେ ବିଶିଷ୍ଟ ଶିକ୍ଷାବିତ୍ ଦୁଃଶାସନ ରାଉତ ସଭାପତିତ୍ୱ କରିଥିଲେ। ଶହୀଦ ତୀର୍ଥଯାତ୍ରୀ ସଂଘର ପ୍ରତିଷ୍ଠାତା ବୈଲୋଚନ ଜେନା, ବାସୁଦେବପୁର କୋଣାର୍କ ବରଫ କାରଖାନାର ପ୍ରୋପାଇଟର ଶିଳ୍ପପତି ମହେଶ ଚନ୍ଦ୍ର ଦାସ, ଶିକ୍ଷାବିତ୍ ଗଙ୍ଗାଧର ଘଡେଇ, ରତିକାନ୍ତ ପତି,ରତିକାନ୍ତ ରାୟ, ଅଧ୍ୟାପକ ବିଦ୍ୟାଧର ପରିଡ଼ା ପ୍ରମୁଖ ବିଶେଷ ଅତିଥି ଭାବେ ଯୋଗ ଦେଇଥିଲେ ଏବଂ ଏହି ପୁସ୍ତକ ଉନ୍ମୋଚନ କରିବା ସହିତ ପୁସ୍ତକଟିକୁ ଉଚ୍ଚ ପ୍ରଶଂସା କରିଥିଲେ। ଅଧ୍ୟାପକ ବିଦ୍ୟାଧର ପରିଡ଼ା ତାଙ୍କ ବକ୍ତବ୍ୟରେ କହିଲେ ୧୯୪୨ ମସିହା ସେପ୍ଟେମ୍ବର ୧୭ ତାରିଖରେ ନଇ ଘେରଦ ୬ ଟି ପଞ୍ଚାୟତର ୧୯ ବର୍ଗ ମାଇଲ ଅଞ୍ଚଳକୁ ନେଇ ଜାତୀୟ କବି ବାଞ୍ଛାନିଧି ମହାନ୍ତିଙ୍କ ନାମରେ ବାଞ୍ଛାନିଧି ଚକଲା ଗଠନ ହୋଇଥିଲା। ବାଞ୍ଛାନିଧି ଚକଲା ସମେତ ଏ ମାଟିର ଅନେକ ଅନାଲୋଚିତ ପ୍ରତିଭା ଙ୍କୁ ଏହି ପୁସ୍ତକରେ ଐତିହାସିକ ଓ ଗବେଷକ ଅଜୟ ପଣ୍ଡା ଆଲୋଚନା କରିଛନ୍ତି ଓ ଉପଯୁକ୍ତ ସମ୍ମାନ ଜଣାଇଛନ୍ତି। ଏହି ପୁସ୍ତକର ଲେଖକ ଡକ୍ଟର ପଣ୍ଡା ନିଜର ଅଭିବ୍ୟକ୍ତି ବାଢ଼ିଥିଲେ। ଅବସରପ୍ରାପ୍ତ ଅଧ୍ୟକ୍ଷ ଭାଗୀରଥି ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିଲେ। ସମାଜସେବୀ ଗଗନ ବିହାରୀ ସେଠି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଭଂଜପୁର ଜଗଦ୍ଧାତ୍ରୀ ମେଳାର ୭ମ ସନ୍ଧ୍ୟାରେ କୃତୀ ପ୍ରତିଯୋଗୀ ପୁରସ୍କୃତ



ବାରିପଦା ,୯/୧୧ (ନି.ପ୍ର): ସ୍ଥାନୀୟ ଭଂଜପୁର ଠାରେ ଉତ୍ତର ଓଡିଶାର ପ୍ରସିଦ୍ଧ ଜଗଦ୍ଧାତ୍ରୀ ମେଳାର ୭ମ ସନ୍ଧ୍ୟାରେ ପ୍ରଥମେ ଜାତୀୟ ସ୍ତରୀୟ ପ୍ରତିଯୋଗୀ ପ୍ରକାଶ ବେହେରା ଓ ଦେବାଶିଷ ବାରିକ ଚମତ୍କାର ଯୋଗାସନ ପରିବେଷଣ କରିଥିଲେ ଓ ପରେ ପରେ ସ୍କୁଲ ଅଫ ଆର୍ଟ ଏଣ୍ଡ କ୍ରାଫ୍ଟର କଳାକାର ମାନେ ଓଡ଼ିଶୀ, ନୃତ୍ୟ ପରିବେଷଣ କରିଥିଲେ ଓ ବିଦ୍ୟାଳୟ ସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଶ୍ରେୟାଂଶି ପାତ୍ର, ମହାବିଦ୍ୟାଳୟ ସ୍ତରରେ ତନୀଷା ଗିରି, ସଂଗୀତ ସବ ଜୁନିୟରରେ ସୁଦୀପ୍ତା ବାରିକ, ଜୁନିୟରରେ କୋସ୍ତବ ଶାଶ୍ୱତ ସାହୁ, ସିନିୟରରେ ପ୍ରିୟାଂଶି ହୋତା ଓ ମହାବିଦ୍ୟାଳୟ ସ୍ତରରେ ଅଙ୍କିତା ଜେନା ପ୍ରଥମ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ ଓ ତତସହିତ ୨ୟ ଓ୍ ୩ୟ ସ୍ଥାନ ଅଧିକାର କରିଥିବା କୃତୀ ଛାତ୍ରଛାତ୍ରୀ ମାନଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା ଓ କାର୍ଯ୍ୟକାରୀ ସଭାପତି ନଗରପାଳ କୃଷ୍ଣଓନନ୍ଦ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବାରିପଦା ଉପ ଜିଲ୍ଲାପାଳ ଡଃ ଦୟାସିନ୍ଧୁ ପରିଡା କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିବା ସହ ମେଳାର ସଫଳତା ପାଇଁ ଆୟୋଜକ କମିଟିର ପ୍ରଶଂସା କରିଥିଲେ ଓ ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟ ସାଧାରଣ ସମ୍ପାଦକ ଦର୍ପ ନାରାୟଣ ପାଲ, ମେଳା ସମ୍ପାଦକ ପ୍ରସନ୍ନଜିତ ମହାନ୍ତି ଉପସ୍ଥିତ ଥିଲେ ଓ ଶେଷରେ ସୁନାମଧନ୍ୟ କଣ୍ଠଶିଳ୍ପୀ ଅସୀମା ପଣ୍ଡା ଓ୍ ସାଥି ଙ୍କ କାର୍ଯ୍ୟକ୍ରମରେ ଦର୍ଶକ ଝୁମିଥିଲେ ଇ ସାଂସ୍କୃତିକ ସମ୍ପାଦକ କିଶୋର ପଲେଇଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମକୁ ଗଣମାଧ୍ୟମ ସଂଯୋଜକ ସୋମନାଥ ସିଂହ ତଥା ପ୍ରିତମ ପଣ୍ଡା, ଆଲୋକ ବାରିକ ଓ ପ୍ରତୀକ ବାରିକ ପରିଚାଳନା କରିଥିଲେ ଓ ଆସନ୍ତାକାଲି ନଂ ୧ ଡ୍ୟାନ୍ସ ଗ୍ରୁପ, ଇସ୍ପାୟାର ଡ୍ୟାନ୍ସ ଗ୍ରୁପ, ରୟାଲ କିଙ୍ଗଡ଼ମ କାର୍ଯ୍ୟକ୍ରମ ପରେ ମାରିସାର ଆଦିବାସୀ ନୃତ୍ୟ ଗୀତ କାର୍ଯ୍ୟକ୍ରମ ରହିଛି ବୋଲି ସାଂସ୍କୃତିକ ସମ୍ପାଦକ ଶ୍ରୀ ପଲେଇ ଜଣାଇଛନ୍ତି ।

# ସାନ୍ତାଳବ୍ରଦର୍ସ ସ୍ପୋର୍ଟିଂକ୍ଲବ ପକ୍ଷରୁ ତିନଦିନିଆ ଫୁଟବଲ ଖେଳ ଉଦ୍‌ଯାପିତ




ନୀଳଗିରି,୯/୧୧ (ନି.ପ୍ର):,୯/୧୧ (ନି.ପ୍ର): ନୀଳଗିରି ବ୍ଲକ ତେଲିପାଳ ପଂଚାୟତରେ ପ୍ରତ୍ୟେକବର୍ଷଭଳି ଚଳିତବର୍ଷ ମଧ ୩ଦିନଧରି ସାନ୍ତାଳବ୍ରଦର୍ସ ସ୍ପୋର୍ଟିଂକ୍ଲ ପକ୍ଷରୁ ୨୮ତମ ଫୁଟବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଖେଳରେ ଜିଲ୍ଲା ଓ ଜିଲ୍ଲାବାହାରୁ ୨୪ଟି ଦଳ ଭାଗନେଇଥିଲେ ।ଶନିବାର ଫାଇନାଲ ମ୍ୟାଚ ରକେଟ ଇଲେଭେନ୍ ଟିମ ଓ ପୋହଳ ପଶୁଦା ଟିମ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଖେଳରେ ରକେଟ ଇଲେଭେନ ୧-୦ ଗୋଲରେ ବିଜୟୀ ହୋଇ ଚଳିତବର୍ଷ ଚମ୍ପିୟାନ ହୋଇଛି । ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅଥିତିଭାବେ ସିମୁଳିଆର ପୂର୍ବତନ ବିଧାୟକ ତଥା ପୂର୍ବତନମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ନୀଳଗିରିର ପୂର୍ବତନ ବିଧାୟକ ଇଂ ସୁକାନ୍ତ ନାୟକ, ସମ୍ମାନିତଅତିଥି ଭାବେ ନୀଳଗିରି ବ୍ଲକ ଅଧକ୍ଷା ଶୁଭଲକ୍ଷ୍ମି ମାଝୀ, ତେଲିପାଳ ସରପଞ୍ଚ ଶ୍ରୀମତୀ ବହାମଣି ମାରାଣ୍ଡି, ଆରବନ୍ଧ ସରପଞ୍ଚ କୁଳମଣି ନାୟକ, ସମାଜସେବୀ ଗଙ୍ଗାଧର ମିଶ୍ର, ଉପେନ୍ଦ୍ର ଦାସ ,ମାନମୁର୍ମୁ, ବିଦ୍ୟାଧର ଦଳେଇ,ପୂର୍ବତନ ସରପଞ୍ଚ ସୁରେଶ ଶଙ୍ଖୁଆ ଉପସ୍ଥିତରହି ବିଜୟୀ ଓ ରନର୍ସଅପ୍ ଦଳକୁ ଟ୍ରଫି ସହ ଅର୍ଥରାଶି ପ୍ରଦାନ କରିଥିଲେ। ହରିବା ଜିତିବା ମନୋଭାବକୁ ଭୁଲି ଖେଳୁଆଡ଼ ମନୋଭାବ ରଖି ଖେଳଖେଳିଲେ ଭବିଷ୍ୟତରେ ଜଣେ ସୁଦକ୍ଷ ଖେଳାଳି ହୋଇପାରିବେ ବୋଲି ଅତିଥିମାନେ କହିଥିଲେ। ଉକ୍ତ କାର୍ଯ୍ୟକ୍ରମରେ କ୍ଲବ ସମସ୍ତସଦସ୍ୟ ଉପସ୍ଥିତ ରହି ସହଯୋଗ କରିଥିଲେ।

# ଜଳେଶ୍ୱର ସୀମାନ୍ତ ଗ୍ରାମୀଣ ମହୋତ୍ସବ ଓ ଉତ୍କଳ ବଙ୍ଗ ମୈତ୍ରୀ ଉତ୍ସବ ପାଇଁ ପ୍ରସ୍ତୁତି ବୈଠକ



ଜଳେଶ୍ୱର, ୯/୧୧ (ନି.ପ୍ର): ୧୧ଦିନ ବ୍ୟାପି ଜଳେଶ୍ୱର ସୀମାନ୍ତ ଗ୍ରାମୀଣ ମହୋତ୍ସବ ଓ ଉତ୍କଳ ବଙ୍ଗ ମୈତ୍ରୀ ଉତ୍ସବ ପାଇଁ ପ୍ରସ୍ତୁତି ବୈଠକ ଆଜି ସନ୍ଧ୍ୟାରେ ଶୋଭା କଲ୍ୟାଣ ମଣ୍ଡପ ପରିସରରେ ସଭାପତି କମଳ ଚକ୍ରବର୍ତ୍ତୀଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି ।ଆସନ୍ତା ଡ଼ିସେମ୍ବର ୨୧ ତାରିଖ ଠାରୁ ୩୧ ତାରିଖ ପର୍ଯ୍ୟନ୍ତ ଏହି ମହୋତ୍ସବ ଜାତୀୟ ରାଜପଥ ସନ୍ନିକଟ ତାରିଣୀ ବାଇପାସ ଠାରେ ଅନୁଷ୍ଠିତ ହେବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ଭାରତ ସରକାରଙ୍କ ସଂସ୍କୃତି ବିଭାଗ ଓ ଜଳେଶ୍ୱର ବିକାଶ ପରିଷଦର ସହଯୋଗରେ ଏହି ଉତ୍ସବ ଅନୁଷ୍ଠିତ ହେବ ବୋଲି ଶ୍ରୀ ଚକ୍ରବର୍ତ୍ତୀ ସୂଚନା ଦେଇଥିଲେ। ଚଳିତ ବର୍ଷ ପାଇଁ ସର୍ବସମ୍ମତ କ୍ରମେ ସଭାପତି ରୂପେ ବିଶିଷ୍ଟ ଶିକ୍ଷାବିତ୍ ତଥା ପୂର୍ବତନ ଅଧକ୍ଷ କାର୍ତ୍ତିକ ଚନ୍ଦ୍ର ଦାସ, କାର୍ଯ୍ୟକାରୀ ସଭାପତି ରୂପେ ସୁନିଲ କୁମାର ନାୟକ, ଉପସଭାପତି ରୂପେ ଦ୍ୱାରିକେଶ ପଟ୍ଟନାୟକ, ନବ କୁମାର ମହାପାତ୍ର, କପିଳେଶ୍ୱର ମହାନ୍ତି, ବନମାଳୀ ଧଳ ଓ ସଞ୍ଜୀବ କୁମାର ପାତ୍ର,ସାଧାରଣ ସମ୍ପାଦକ ରୂପେ ମନୋରଂଜନ ଦାସ,ସମ୍ପାଦକ ରୁପେ ଶିବ ନାରାୟଣ ମହାପାତ୍ର, ଦୁର୍ଗା ଶଙ୍କର ଭୂୟାଁ,ସୁଜୟ କୁମାର ଗିରି,ରାକେଶ ବାରିକ ଓ ସୁଦାମ ଚରଣ ପାତ୍ର, କୋଷାଧକ୍ଷ ରୂପେ ସୌଭିକ କୁମାର ଜେନାକୁ ନିର୍ବାଚିତ କରାଯାଇଥିଲା।ଏହି କାର୍ଯ୍ୟକ୍ରମରେ ଶରତ ଚନ୍ଦ୍ର ପରିଡା, ମଧୁସୂଦନ ଦତ୍ତ,ସର୍ବେଶ୍ୱର ଜେନା, କେଦାର ଗିରି,ତପନ ମହାନ୍ତି, ବ୍ରଜେଶ୍ୱରୀ ସାହୁ, ଦେବଜାନୀ ଅଣ୍ଡିଆ, ଦୂର୍ଗାଶଙ୍କର ଆଶ, କବିତାବାଳା ମାନ୍ଧାତା, ସୁଧୀର କର, ଅକ୍ଷୟ ମିଶ୍ର, କ୍ଷୀତିଶ ବ୍ରହ୍ମ,ତାରାଶଙ୍କର ଦୀକ୍ଷିତ, ଚନ୍ଦନ କୁମାର ଦାସ, ରାକେଶ କୁମାର ଜାନା,ଅଶୋକ ଦାସ,ସୁକୁମାର ରଣା ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଶେଷରେ ରବୀନ୍ଦ୍ର ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

# ରାଜ୍ୟସ୍ତରୀୟ ସନ୍ତରଣ ପ୍ରତିଯୋଗିତା: ତନୁଜା ମହାନ୍ତଙ୍କୁ ରୌପ୍ୟ ପଦକ, ରାଜଲକ୍ଷ୍ମୀ ନାଏକ ଓ ରାନୀ ମାରାଣ୍ଡିଙ୍କୁ ବ୍ରୋଞ୍ଜ ପଦକ



ମୟୂରଭଞ୍ଜ,୯/୧୧ (ନି.ପ୍ର): ଓଡିଶା ରାଜ୍ୟସ୍ତରୀୟ ସନ୍ତରଣ ପ୍ରତିଯୋଗିତା ଚଳିତ ନଭେମ୍ବର ମାସ ୬ ରୁ ୮ତାରିଖ ପର୍ଯ୍ୟନ୍ତ ସମ୍ବଲପୁର ଜିଲ୍ଲା ସ୍ଥିତ ଡା. ଝସକେତନ ସାହୁ ସନ୍ତରଣାଗାର ଠାରେ ଅନୁଷ୍ଠିତ ହୋଇଯାଇଛି । ମୟୂରଭଞ୍ଜ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ମାର୍ଗଦର୍ଶନରେ ଓ ଜିଲ୍ଲା ଶାରୀରିକ ଶିକ୍ଷା ପରିଦର୍ଶକ ଭାଗିରଥି ମଲ୍ଲିକଙ୍କ ତତ୍ତ୍ୱବଧାନରେ, ଜେନେରାଲ ମ୍ୟାନେଜର ଭାବେ ସରକାରୀ ଉଚ୍ଚ ବିଦ୍ୟାଳୟ, ଦୁର୍ଗାପୁର ର ପିଇଟି ହେମନ୍ତ କୁମାର ଜେନା,ବାଳକ ଟିମ ମ୍ୟାନେଜର ଭାବେ ରାଜାବସା ଉଚ୍ଚ ବିଦ୍ୟାଳୟ ର ପିଇଟି ପରୀକ୍ଷିତ ହେମ୍ବ୍ରମ ଓ ବାଳିକା ଟିମ ମ୍ୟାନେଜର ଭାବେ ମା ଦୁର୍ଗା ବାଳିକା ଉଚ୍ଚ ବିଦ୍ୟାଳୟ,ଲାଲଗଞ୍ଜ ର ପିଇଟି ଜ୍ୟୋତିର୍ମୟୀ ଦାସ ମହାପାତ୍ରଙ୍କ ନେତୃତ୍ୱ ରେ ମୟୂରଭଞ୍ଜ ଜିଲ୍ଲାରୁ ସନ୍ତରଣ ପ୍ରତିଯୋଗୀମାନେ ଯୋଗ ଦେଇଥିଲେ । ରାଜ୍ୟସ୍ତରୀୟ ସନ୍ତରଣ ପ୍ରତିଯୋଗିତାରେ ମହାରାଣୀ ତଖତ କୁମାରୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ବାରିପଦାର ଛାତ୍ରୀ ତନୁଜା ମହାନ୍ତ ଫ୍ରି ଷ୍ଟାଇଲ ଷ୍ଟ୍ରୋକ ୫୦ ମିଟର ରେ ଦ୍ୱିତୀୟ ସ୍ଥାନ ଅଧିକାର କରି ରୌପ୍ୟ ପଦକ, ଜଗବନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟ, ବାଲିଯୋଡ଼ା ର ଛାତ୍ରୀ ରାଜଲକ୍ଷ୍ମୀ ନାଏକ ବେକ ଷ୍ଟ୍ରୋକ ୧୦୦ ମିଟର ରେ ତୃତୀୟ ସ୍ଥାନ ଅଧିକାର କରି ବ୍ରଞ୍ଜ ପଦକ ଓ ବାଲିଯୋଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ର ଛାତ୍ରୀ ରାନୀ ମାରାଣ୍ଡି ବାଟାରଫ୍ଲାଏ ୫୦ ମିଟର ରେ ତୃତୀୟ ସ୍ଥାନ ଅଧିକାର କରି ବ୍ରଞ୍ଜ ପଦକ ହାସଲ କରି ଓଡିଶା ରାଜ୍ୟରେ ମୟୂରଭଞ୍ଜ ଜିଲ୍ଲାକୁ ଗୌରାବାନ୍ୱିତ କରିଛନ୍ତି । ମୟୂରଭଞ୍ଜ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ, ବାରିପଦା ଓ ବିଜୁ ପଟ୍ଟନାୟକ ସନ୍ତରଣାଗାର, ତକତପୁରସ୍ଥିତ ର ସମସ୍ତ ସନ୍ତରଣ ପ୍ରଶିକ୍ଷକ ପ୍ରଶିକ୍ଷିକା, କର୍ମଚାରୀମାନେ କ୍ରୀଡ଼ାବିତ ମାନଙ୍କୁ ଶୁଭେଚ୍ଛା ଜଣେଇଛନ୍ତି ।

# ସମ୍ବଲପୁରର ବିକାଶ ଓ ସମସ୍ୟା ନିରାକରଣ ପାଇଁ ହେବ ସିଡ଼ିପି

ସମ୍ବଲପୁର,୯/୧୧ (ନି.ପ୍ର): ସମ୍ବଲପୁର ସହରର ସମନ୍ୱିତ ବିକାଶ ପାଇଁ ଯୋଜନା ପ୍ରଣୟନ ଉପରେ କେନ୍ଦ୍ର ସରକାର ଯୋର ଦେଇଛନ୍ତି। ପ୍ରଧାନମନ୍ତ୍ରୀଙ୍କ ପରାମର୍ଶଦାତା ତରୁଣ କପୁର ଗତ ଅଗଷ୍ଟ ମାସରେ ସମ୍ବଲପୁର ଗସ୍ତରେ ଆସି ବିଭିନ୍ନ ସ୍ଥାନ ପରିଦର୍ଶନ କରିଥିଲେ । ଶ୍ରୀ କପୁରଙ୍କ ରିପୋର୍ଟ ଏବଂ ପରାମର୍ଶକ୍ରମେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମଓ) ପକ୍ଷରୁ ଓଡ଼ିଶା ରାଜ୍ୟ ସରକାରଙ୍କୁ ସମ୍ବଲପୁର ନଗରୀର ବିକାଶ ଓ ଜ୍ୱଳନ୍ତ ସମସ୍ୟା ର ନିରାକରଣ ନିମନ୍ତେ ସମନ୍ୱିତ ବିକାଶ ଯୋଜନା ପ୍ରଣୟନ ପାଇଁ କୁହାଯାଇଛି। ଏହି ଯୋଜନାରେ ସ୍ଥାନୀୟ ଶିଳ୍ପ ସଂସ୍ଥା ଗୁଡିକୁ ସାମିଲ କରିବା ଉପରେ ଗୁରୁତ୍ୱ ଦିଆଯାଇଛି । ଶିଳ୍ପ ଓ ଶିକ୍ଷା କେନ୍ଦ୍ର ହେବା ସହିତ କଳା ଓ ସଂସ୍କୃତି କ୍ଷେତ୍ରରେ ଉନ୍ନତ ଅଞ୍ଚଳ ହୋଇଥିଲେ ମଧ୍ୟ ଭିତ୍ତିଭୂମି ର ଅଭାବରେ ସମ୍ବଲପୁର ଅଞ୍ଚଳ ଗୁରୁତର ପ୍ରଦୂଷଣ, ଟ୍ରାଫିକ ଓ ଅନ୍ୟ ସମସ୍ୟା ଦ୍ୱାରା ପ୍ରଭାବିତ । ଏହି ସମସ୍ୟା ର ନିରାକରଣ ଦିଗରେ ଅଗ୍ରାଧିକାର ଭିତ୍ତିରେ କାର୍ଯ୍ୟ କରିବାକୁ ଯୋଜନା ପ୍ରଣୟନ ସକାଶେ କୁହାଯାଇଛି । ସମ୍ବଲପୁର ଆଧୁନିକ ନଗରୀୟ ସୁବିଧା ଓ ଭିତ୍ତିଭୂମି ରୁ ବଞ୍ଚିତ ହୋଇ ରହିଥିବା ବିଷୟକୁ ପିଏମଓ ଗୁରୁତ୍ୱର ସହିତ ଉଲ୍ଲେଖ କରିଛି । ସେହିପରି ଡେବ୍ରିଗଡକୁ ଆଧାର କରି ବିଶେଷ ଯୋଜନା, ସମ୍ବଲପୁର - ରାୟପୁର ଓ ସମ୍ବଲପୁର - ରାଞ୍ଚି ମାର୍ଗରେ ବନ୍ଦେ ଭାରତ ଏକ୍ସପ୍ରେସ ଟ୍ରେନ ର ପ୍ରବର୍ତ୍ତନ ଆଦି ପାଇଁ ପ୍ରସ୍ତାବ ଦିଆଯାଇଛି।

# ଚହଟା ଗ୍ରାମରେ ଅବାଧ ନିଶା କାରବାର: ଥାନାରେ ଅଭିଯୋଗ

ଧର୍ମଶାଳା,୯/୧୧ (ନି.ପ୍ର): ଯାଜପୁର ଜିଲା ଧର୍ମଶାଳା ଥାନା ଚହଟା ପଂଚାୟତ ଚହଟା ଗ୍ରାମରେ ଦିନକୁ ଦିନ ନିଶା କାରବାର ବୃଦ୍ଧି ପାଇବା ଫଳରେ ଯୁବ ସମାଜ ପଥଭ୍ରଷ୍ଟ ହେଉଥିବା ଗ୍ରାମବାସୀମାନେ ଅଭିଯୋଗ କରିଛନ୍ତି । ଏହି ଗ୍ରାମ ଗୋଚ୍ଛାୟତ ସାହିରେ ନିଶା କାରବାର ଦିନ ଦ୍ୱିପହରରେ ଚାଲୁଥିବା ନେ଼ଇ ଗ୍ରାମବାସୀମାନେ ଥାନାରେ ଅଭିଯୋଗ କରିଛନ୍ତି । ଏହାର ଏକକିତା ନକଲ ମୁଖ୍ୟମନ୍ତ୍ରୀ, ଯାଜପୁର ଜିଲ୍ଲାପାଳ ଓ ଏସପିଙ୍କ ନିକଟକୁ ପଠାଇଥିବା ଅଭିଯୋଗ ଫର୍ଦ୍ଦରେ ଦର୍ଶାଇଛନ୍ତି । ଗ୍ରାମବାସୀଙ୍କ କହିବା ମୁତାବକ, ଚହଟା ଗ୍ରାମ ଗୋଛୟତ ସାହିର ସ୍ୱର୍ଗତ ଉଦୟ ଗୋଛାୟତଙ୍କ ଝିଅ ମମତା ଗୋଛାୟତ ଓ ଚିନୁ ସାହୁ ଉଭୟ କିଛିବର୍ଷ ହେଲା ଅବକାରୀ ଦ୍ରବ୍ୟ ବିକ୍ରୟ କରୁଥିବା ନେଇ ଅଭିଯୋଗ ହୋଇଆସୁଛି । ବାରମ୍ବାର ଅଭିଯୋହ ସତ୍ୱେ ପୁଲିସ ଏ ସଂକ୍ରାନ୍ତରେ କୌଣସି ପଦକ୍ଷେପ ଗ୍ରହଣ ନକରିବାରୁ ତାହା ବ୍ୟାପକ ହେବା ସହିତ ଦିନ ଦ୍ୱିପହରରେ ଗଞ୍ଜେଇ, ବ୍ରାଉନ ସୁଗାର ଓ ଅବକାରୀ ଦ୍ରବ୍ୟ କାରବାର ବଢୁଥିବା ନେଇ ଗ୍ରାମବାସୀମାନେ ଅଭିଯୋଗ କରିଛନ୍ତି । ଏହି ଦ୍ରବ୍ୟକୁ ଯୁବକମାନେ ସେବନ କରି ଅନେକ ସମୟରେ ରାସ୍ତା ଘାଟରେ ଗଣ୍ଡଗୋଳ କରିବା ସହ ଗ୍ରାମର ଝିଅ ବୋହୂଙ୍କୁ କମେଟ କରିଥାନ୍ତି । ନିଶା ସେବନ ଫଳରେ ଦୁର୍ଘଟଣା ବଢ଼ିବାରେ ଲାଗିଛି । ଏହା ଫଳରେ ଚହଟା ଗ୍ରାମର ବିଭିନ୍ନ ସାହି ପ୍ରଭାବିତ ହେଉଛନ୍ତି । ଏହାର ପ୍ରତିବାଦରେ ଚହଟା ଗ୍ରାମର କିଛି ଯୁବକ ଥାନା ଅଧିକାରୀ ରଞ୍ଜନ କୁମାର ମାଝିଙ୍କୁ ଜଣାଇଛନ୍ତି ।

# ପ୍ରତିଶ୍ରୁତି ରଖିଲେ ପୂର୍ବତନ ସାଂସଦ: ଗାନ୍ଧିଜୀ ଗ୍ରାମୀଣ କ୍ରୀଡା ପରିସରରେ ଜଳିଲା ଲାଇଟ

ବଡସାହି, ୯/୧୧ (ନି.ପ୍ର): ପ୍ରତିଶ୍ରୁତି ଦେଇ ପ୍ରତିଶ୍ରୁତି ରଖିଛନ୍ତି ପୂର୍ବତନ ସାଂସଦ ରବିନ୍ଦ୍ର ଜେନା । ଗତ ୫ତାରିଖ କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ବଡସାହି ବ୍ଲକ ଅଧିନ ଭୀମଦା ପଞ୍ଚାୟତ ଚେଙ୍ଗୁଆମଙ୍ଗଳପୁର ମହାତ୍ମାଗାନ୍ଧୀ ଗ୍ରାମୀଣ କ୍ରୀଡା ପରିସରରେ ଚାଲିଥିବା ଅନ୍ତଃରାଜ୍ୟ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ସେ ମୂଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ଏହି ସମୟରେ ଗାନ୍ଧିଜୀ ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତାମାନେ ପରିସରରେ ଦୀର୍ଘଦିନ ଧରି ଖରାପ ହୋଇ ପଡିଥିବା ଏକ ହାଇମାକ୍ସ ଲାଇଟକୁ ମରାମତି କରି କାର୍ଯ୍ୟକ୍ଷମ କରିବାକୁ ଅନୁରୋଧ କରିଥିଲେ । କାରଣ ଏହି ଆଲୋକ ବ୍ୟବସ୍ଥା ଷ୍ଟାଡିୟମର ସୌନ୍ଦର୍ଯ୍ୟ ବଢାଇବା ସହିତ ପିଲାମାନଙ୍କର ଖେଳ କୁଦ, ବ୍ୟାୟାମ ଓ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ପାଇଁ ବେଶ ସହାୟକ ହେଉଥିଲା । ମାତ୍ର ଏହା ଦୀର୍ଘଦିନ ଧରି ଖରାପ ହୋଇ ପଡିବା ଫଳରେ କାର୍ଯ୍ୟକର୍ତ୍ତାମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିଲେ । କାର୍ଯ୍ୟକର୍ତ୍ତାମାନଙ୍କର ସମସ୍ୟାକୁ ହୃଦବୋଧ କରି ଏହାର ମରାମତି ଖୁବଶୀଘ୍ର କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ । ଫଳରେ ଶ୍ରୀ ଜେନା ବାଲେଶ୍ୱରରୁ ନୂତନ ଲାଇଟ ସହିତ ଟେକନିଆନ ପଠାଇ ଏହି ଲାଇଟକୁ ପୁନଃ କାର୍ଯ୍ୟକ୍ଷମ କରିଛନ୍ତି । ଏହାକୁ ନେଇ ସଂଗଠନ ଓ ସ୍ଥାନୀୟ ଲୋକଙ୍କ ପକ୍ଷରୁ ଶ୍ରୀ ଜେନାଙ୍କୁ ଧନ୍ୟବାଦ ଜ୍ଞାପନ କରାଯାଇଛି । ପ୍ରକାଶ ଥାଉକି, ୨୦୨୧- ୨୨ରେ ଏହି ଲାଇଟଟି ବିଧାୟକଙ୍କ ହାତପାଣ୍ଠିରୁ ୨ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ସ୍ଥାପନ କରାଯାଇଥିଲା । ମାତ୍ର ଦୀର୍ଘଦିନ ଧରି ଖରାପ ହୋଇ ପଡି ଥିବା ବେଳେ ବାରମ୍ବାର ଦୃଷ୍ଟି ଆକର୍ଷଣ ପରେ ମଧ୍ୟ ଏହା କାର୍ଯ୍ୟକ୍ଷମ ହୋଇ ପାରୁ ନ ଥିଲା ।



## ଭୁବନ ଥାନା ତରଫରୁ ସାଇବର ସୁରକ୍ଷା ଅଭିଯାନ

ଭୁବନ, ୯/୧୧ (ନି.ପ୍ର): ଭୁବନ ଥାନା ତରଫରୁ ସାଇବର ସୁରକ୍ଷା ଅଭିଯାନ ଅନୁଷ୍ଠିତ ହୋଇଯାଇଛି । ପୂର୍ତ୍ତ ବିଭାଗ ଡାକ ବଙ୍ଗଳା ସମ୍ମୁଖରେ ଆୟୋଜିତ କାର୍ଯ୍ୟକ୍ରମରେ ପଥ ପ୍ରାନ୍ତ ନାଟକ ମାଧ୍ୟମରେ ଲୋକ ମାନଙ୍କୁ ସାଇବର ଠକେଇ ନେଇ ସଚେତନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ କାମାକ୍ଷା ନଗର ଏସଡିପିଓ ରଜନୀକାନ୍ତ ସାମଲଙ୍କ ସମେତ ଭାରପ୍ରାପ୍ତ ଥାନାଧିକାରୀ ସୁବ୍ରତ କୁମାର ସାହୁ, ଦୀପକ ମର୍ଦ୍ଦରାଜ ଭୂୟାଁ, ମାନସ ନାୟକ, ଜ୍ୟୋତି ସିଂ, ବରିଷ୍ଠ ନାଗରିକ ଟ୍ରଷ୍ଟ ସଭାପତି ରଥ ସେଠୀ, ଦୂର୍ଗା ପ୍ରସାଦ ପୃଷ୍ଟି ପ୍ରମୁଖ ଯୋଗଦେଇ ଅଜଣା ଫୋନ୍ କଲ୍ ରୁ ଦୂରେଇ ରହିବ, କାହାକୁ ଓଟିପି ନ ଦେବା, ଅଜଣା ଆପ୍ ରେ କୌଣସି ତଥ୍ୟ ନ ଦେବା, ଭିଡିଓ କଲ୍ ମାଧ୍ୟମରେ ନିଜର ଅନ୍ତରଙ୍ଗ ଫଟୋ ଠାରୁ ଦୂରେଇ ରହିବା ଭଳି ସଚେତନତା ବାର୍ତ୍ତା ଦେଇଥିଲେ ଓ ସଚେତନତା ହିଁ ସୁରକ୍ଷା ବୋଲି ମତବ୍ୟକ୍ତ କରିଥିଲେ ।

# ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ବାଲେଶ୍ୱରକୁ ସରକାରୀ ଅବହେଳାର ଅଭିଯୋଗ: ଡିସେମ୍ବର ୧୪ ବାର୍ଷିକ ସମ୍ମିଳନୀ ପରେ ଆନ୍ଦୋଳନ

ବାଲେଶ୍ୱର, ୯/୧୧ (ନି.ପ୍ର): ସ୍ୱାସ୍ଥ୍ୟସେବା ଓ ଅନ୍ୟାନ୍ୟ ବହୁ କ୍ଷେତ୍ରରେ ବାଲେଶ୍ୱର ଜିଲ୍ଲାକୁ ସରକାରୀ ଅବହେଳା ସଂପର୍କରେ ମେଡିକାଲ୍ କଲେଜ୍ ପ୍ରତିଷ୍ଠା କ୍ରିୟାନୁଷ୍ଠାନ ପକ୍ଷରୁ ଆହୁତ ପ୍ରମୁଖ ସାମାଜିକ ସଂଗଠନ ଓ ଗଣସଂଗଠନମାନଙ୍କର ଶନିବାର ଦିନ ଅପରାହ୍ନ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଛି । କ୍ରିୟାନୁଷ୍ଠାନ କମିଟିର ସଭାପତି ନିରଞ୍ଜନ ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସାଧାରଣ ସଂପାଦକ ପ୍ରଦୀପ ଦାସଙ୍କର ଏହି ଅଭିଯୋଗ ପ୍ରସ୍ତାବ ଉପରେ ବୈଠକରେ ବିଭିନ୍ନ ସଂଗଠନର ପ୍ରତିନିଧିମାନେ ଆଲୋଚନାରେ ଅଂଶଗ୍ରହଣ କରି ଏହି ଅଭିଯୋଗ ଉପରେ ସେମାନେ ସହମତି ପ୍ରକାଶ କରିଥିଲେ । ଫକୀରମୋହନ ମେଡିକାଲ୍ କଲେଜ୍ ହସ୍‌ପିଟାଲ୍ ସମେତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ଜିଲ୍ଲାର ସମସ୍ତ ସରକାରୀ ସ୍ୱାସ୍ଥ୍ୟସେବା କେନ୍ଦ୍ରମାନଙ୍କରେ ଆବଶ୍ୟକୀୟ ଡାକ୍ତର, ନର୍ସ ଓ ସ୍ୱାସ୍ଥ୍ୟକର୍ମୀ ପଦବୀଗୁଡ଼ିକ ବର୍ଷବର୍ଷ ଧରି ଖାଲିପଡ଼ିଛି । ମେଡିକାଲ୍ କଲେଜ୍‌ରେ ସମସ୍ତ ବିଭାଗରେ ପ୍ରଫେସର, ସହକାରୀ ପ୍ରଫେସର ପ୍ରଭୃତି ପଦବୀ ପୂରଣ ହେଉନାହିଁ । ମେଡିକାଲ୍ କଲେଜ୍ ହସ୍‌ପିଟାଲରେ ଅନେକ ସମୟରେ ଲାଇଟ୍, ପାଣି, ଶୌଚାଳୟ, ଲିଫ୍ଟ ପ୍ରଭୃତି ଅଭାବରୁ ବହୁ ରୋଗୀ ହତାଶ ହେଉଛନ୍ତି । ମେଡିକାଲ୍ କଲେଜ୍ ହସ୍‌ପିଟାଲକୁ ଆମ୍ବୁଲାନ୍ସଗୁଡ଼ିକ ଯିବା ଆସିବାରେ ରାସ୍ତାର ସଂକୀର୍ଣ୍ଣତା ଓ ଅବରୋଧ ପାଇଁ ବିଳମ୍ବ ହେଉଛି । ଗମନାଗମନ ପାଇଁ ନିୟମିତ ଯାନବାହନର କୌଣସି ସୁବ୍ୟବସ୍ଥା ନାହିଁ । ସ୍ୱାସ୍ଥ୍ୟସେବା କ୍ଷେତ୍ରରେ କେବଳ ନାହିଁ ନାହିଁର ସ୍ୱର ଶୁଭୁଛି । ଜାତୀୟ ରାଜପଥରୁ ମେଡିକାଲ୍ କଲେଜ୍‌କୁ ପ୍ରସ୍ତାବିତ ସଂଯୋଗ ରାସ୍ତା ପାଇଁ କୋଟିକୋଟି ଟଙ୍କା ବ୍ୟୟରେ ଜମି ଅଧିଗ୍ରହଣ ପରେ ବି ରାସ୍ତାକାମ ଆରମ୍ଭ ହୋଇନାହିଁ । ମେଡିକାଲ୍ କଲେଜ୍‌ରେ ହୃଦ୍‌ରୋଗ, ସ୍ନାୟୁରୋଗ ଓ ମୁତ୍ରାଶୟଜନିତ ଗୁରୁତର ରୋଗର ବିଭାଗ ଖୋଲାଯାଇ ପାରୁନାହିଁ । ଅତୀତ ଓ ବର୍ତ୍ତମାନର ରାଜ୍ୟସରକାରଙ୍କୁ ବହୁବାର ଅଭିଯୋଗ କଲେବି କିଛି ସୁଫଳ ମିଳୁନାହିଁ । ସେହିପରି ଏମ୍ସ ସାଟେଲାଇଟ୍ ସେଣ୍ଟରର ସୁଉଚ୍ଚ ପ୍ରାସାଦ ନିର୍ମାଣ ହୋଇଛି କିନ୍ତୁ ଏହାର ବହିର୍ବିଭାଗ ସପ୍ତାରେ ମାତ୍ର ଦୁଇଦିନ ଖୋଲୁଛି । ପରୀକ୍ଷା ନିରୀକ୍ଷା ପାଇଁ ସେଠାରେ କୌଣସି ବ୍ୟବସ୍ଥା ନାହିଁ । ଏମ୍ସରେ ଚିକିତ୍ସା ପାଇଁ ଆସୁଥିବା ରୋଗୀମାନେ ହତାଶ ହେଉଛନ୍ତି । ଦିନକୁ ଦିନ ଏଠାରେ ରୋଗୀସଂଖ୍ୟା ହ୍ରାସ ପାଉଛି । ତେଣୁ ଏମ୍ସ ସାଟେଲାଇଟ୍ ସେଣ୍ଟର ଅନ୍ୟ ଜିଲ୍ଲାକୁ ସ୍ଥାନାନ୍ତର ହେବାର ଗୁଜବ ପ୍ରଚାର ହେଉଛି । ଅନ୍ୟପକ୍ଷରେ ଆୟୁଷ ହସପିଟାଲ୍ ନିର୍ମାଣ କାମ ମନ୍ଥର ଗତିରେ ଚାଲୁଥିଲାବେଳେ ନର୍ସିଂ କଲେଜ୍ ପ୍ରତିଷ୍ଠା କାଗଜପତ୍ରରେ ରହିଛି । ଦୀର୍ଘବର୍ଷ ଧରି କୃଷି ମହାବିଦ୍ୟାଳୟ ପାଇଁ ବାଲେଶ୍ୱରବାସୀଙ୍କ ଦାବି ଥିବାବେଳେ ଅନ୍ୟ ଜିଲ୍ଲାରେ ଏହି କୃଷି ଶିକ୍ଷାନୁଷ୍ଠାନ ଖୋଲିବା ଘୋଷଣା ବାଲେଶ୍ୱରବାସୀଙ୍କୁ ବିସ୍ମିତ କରିଛି । ବାଲେଶ୍ୱର ଜିଲ୍ଲା ସର୍ବଦା ବିକାଶ କ୍ଷେତ୍ରରେ ଅବହେଳାର ଶୀକାର ହେଉଛି । ଯାହାବି ବିକାଶ ହେଉଛି ତାହା ଜିଲ୍ଲବାସୀଙ୍କ ଆନ୍ଦୋଳନ ଯୋଗୁଁ ସମ୍ଭବ ହୋଇପାରିଛି ବୋଲି ବହୁ ବରିଷ୍ଠ ବ୍ୟକ୍ତି ମତ ଦେଇଥିଲେ । ଆସନ୍ତା ଡିସେମ୍ବର ୧୪ ତାରିଖ ଦିନ କ୍ରିୟାନୁଷ୍ଠାନ କମିଟିର ଜିଲ୍ଲା ସମ୍ମିଳନୀରେ ଏହିସବୁ ସମସ୍ୟା ନେଇ ବିଶଦ ଆଲୋଚନା ପରେ ଆସନ୍ତା ବିଧାନସଭା ଅଧିବେଶନ ସମୟରେ ଭୁବନେଶ୍ୱରରେ ଗଣଧାରଣା ପାଇଁ ପ୍ରସ୍ତାବ ଗୃହୀତ ହୋଇଛି । ଏଥିପାଇଁ ବ୍ଲକ୍ ଓ ପଞ୍ଚାୟତ ସ୍ତରରେ ଥିବା ଶାଖା କମିଟି ଏବଂ ବିଭିନ୍ନ ଗଣସଂଗଠନମାନେ ନିଜସ୍ୱ ବୈଠକରେ ଜନସାଧାରଣଙ୍କ ଦାବି ଓ ସରକାରୀ ଅବହେଳା ସଂପର୍କରେ ପ୍ରସ୍ତାବ ଗ୍ରହଣ କରିବାକୁ ବୈଠକରେ ଆହ୍ୱାନ ଦିଆଯାଇଛି ।

ଏହି ସ୍ୱତନ୍ତ୍ର ବୈଠକରେ ବିଭିନ୍ନ ସଂଗଠନ ଓ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ସର୍ବଶ୍ରୀ ବିପ୍ଳବ କୁମାର ମହାନ୍ତି, ଦାମୋଦର ନାୟକ, ଅର୍ଚ୍ଚନା ନନ୍ଦୀ, ଡ. କେଶବ ଚରଣ ପଣ୍ଡା, ଦେବାଶିଷ ମହାନ୍ତି, ଡ. କ୍ଷିତୀଶ୍ୱର ଦାଶ, ମହେଶ୍ୱର ବେହେରା, ରାଜକିଶୋର ଲେଙ୍କା, ରମେଶ ଚନ୍ଦ୍ର ଜେନା, ପ୍ରଭାସ ଚନ୍ଦ୍ର ପ୍ରଧାନ, ନିରଞ୍ଜନ ରାଉତ, ଡା. ତାରାକାନ୍ତ ନନ୍ଦ, ଶ୍ୟାମସୁନ୍ଦର ଜେନା, ଅଭୟ ଚନ୍ଦ୍ର ମିଶ୍ର, ବିରେନ୍ଦ୍ର ପ୍ରହରାଜ, ମମତା ଦାସ, ସଚୀନ୍ଦ୍ର ଦାସ, ଆଇନଜୀବୀ କେଶବ କୁମାର ଆଚାର୍ଯ୍ୟ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଗୌରାଙ୍ଗ ପାଣିଗ୍ରାହୀ ଆଗାମୀ ଆନ୍ଦୋଳନ ପାଇଁ ଆଗତ କରିଥିବା ପ୍ରସ୍ତାବ ସର୍ବସମ୍ମତିକ୍ରମେ ଗୃହୀତ ହୋଇଥିଲା । ଶ୍ୟାମସୁନ୍ଦର ଜେନା ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।

## ତରୁଣ ପ୍ରଜ୍ଞା ଭାରତୀର ଚତୁର ପର୍ଯ୍ୟାୟ ପ୍ରତିଯୋଗିତା ଅନୁଷ୍ଠିତ

ଜୟପୁର, ୯/୧୧ (ନି.ପ୍ର): ଅନୁଷ୍ଠାନ ତରଫରୁ ଚତୁର୍ଥ ପର୍ଯ୍ୟାୟ ପ୍ରତିଯୋଗିତା ଯଥା ଓଡିଶୀ, ଲୋକନୃତ୍ୟ ଓ ଝୋଟି ପ୍ରତିଯୋଗିତା ଜୟପୁର ତାରିଣୀ ଛକ ନିକଟ ବିଜ୍ଞାନ ପ୍ରାଥମିକ ବିଦ୍ୟାଳୟ ପରିସରରେ ଆଜି ଅନୁଷ୍ଠିତ ହୋଇଥିଲା । ଏଥିରେ ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ନୃତ୍ୟ ପରିବେଷଣ କରି ଦର୍ଶକଙ୍କ ମନ ମୋହିଥିଲେ ତତ୍ ସହ ମୁରୁଜ ଝୋଟି ପ୍ରତିଯୋଗିତାରେ ସାଧାରଣ ବର୍ଗର ମହିଳାମାନେ ବହୁସଂଖ୍ୟାରେ ଅଂଶ ଗ୍ରହଣ କରି ବିଜେତା ହୋଇଥିଲେ । ଅନୁଷ୍ଠାନର ଉପସଭାପତି ରାମ ଶଙ୍କର ଷଡଙ୍ଗୀଙ୍କ ଉପସ୍ଥିତିରେ ସମ୍ପାଦକ ଅଜୟ କୁମାର ମଲିକ, କୋଷାଧକ୍ଷ ରବୀନ୍ଦ୍ର ମହାରଣାଙ୍କ ସହ ଜାନକୀ ପାଣିଗ୍ରାହୀ, ସବିତା ତ୍ରିପାଠୀ, ସବିତା ଶତପଥୀ, ଲିପିକା ଦଳାଇ, ଜି.ମହେଶ, ତପସ୍ୱିନୀ କୁମାରୀ ସାହୁ, ଜଗନ୍ନାଥ ପାଣିଗ୍ରାହୀ, ବିପିନ ପାତ୍ର, କ୍ଷେତ୍ର ମୋହନ ନାୟକ ପ୍ରମୁଖ ସଦସ୍ୟ ଓ ସଦସ୍ୟା ସମସ୍ତ ପ୍ରତିଯୋଗିତା ପରିଚାଳନା କରିଥିଲେ ।

# କଳିଙ୍ଗ ବାଲିଯାତ୍ରାର ଷଷ୍ଠ ସନ୍ଧ୍ୟା: ଅନନ୍ୟା ଶ୍ରୀତମ ନନ୍ଦଙ୍କ ସଂଗୀତ ଶ୍ରୋତାଙ୍କୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ବାନ୍ଧି ରଖିଲା

### ଖଚାଖଚ ଭିଡ ସାଙ୍ଗକୁ କୋରାପୁଟର ଢେମ୍ସା ନୃତ୍ୟ ଓ ଆନ୍ଧ୍ରପ୍ରଦେଶର କୁଚିପୁଡି ନୃତ୍ୟ ଦର୍ଶକଙ୍କ ମନ ମୋହିଲା

ପାରାଦୀପ, ୯/୧୧ (ନି.ପ୍ର): ଆଜି ଥୀଲା କଳିଙ୍ଗ ବାଲିଯାତ୍ରାର ଷଷ୍ଠ ସନ୍ଧ୍ୟା । ଆଉ ଗୋଟିଏ ଦିନ ବାକି ଥିବା ବେଳେ ଦିନ ୩ ଟାରୁ ଧୀରେ ଧୀରେ ଭିଡ ହୋଇ ଆସୁଥିବା ବେଳେ ସନ୍ଧ୍ୟା ବେଳକୁ ପାରାଦୀପ ବିଜୁ ମଇଦାନରେ ଖଚାଖଚ ଭିଡ ଦେଖିବାକୁ ମିଳିଥିଲା ।ଶେଷ ଦିନ ପୂର୍ବରୁ ତଥା ରବିବାର ଦିନ ଦର୍ଶକଙ୍କ ସମାଗମ ଅସତୀତ୍ୱ ଠାରୁ ଅଧିକ ଥିଲା । ଷଷ୍ଠ ସନ୍ଧ୍ୟା ରେ ଆୟୋଜିତ ସାଂସ୍କୃତିକ ସଭାରେ ନିରଞ୍ଜନ ବେହେରା ଅତିରିକ୍ତ ଜିଲ୍ଲାପାଳ ପାରାଦ୍ୱୀପ ତଥା ଉପସଭାପତି କଳିଙ୍ଗ ବାଲି ଯାତ୍ରା କମିଟିଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ଅଶୋକ କୁମାର ସାହୁ, ଆର୍ଥିକ ପରାମର୍ଶଦାତା ତଥା ମୁଖ୍ୟ ହିସାବ ଅଧିକାରୀ ପାରାଦ୍ୱୀପ ବନ୍ଦର, ସମ୍ମାନିତ ଅତିଥି ଭାବେ ଅଭିଷେକ ପଣ୍ଡା, ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ପାରାଦ୍ୱୀପ ପୌର ପରିଷଦ, ଅନ୍ୟ ତମ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସ୍ମୃତି ରଞ୍ଜନ କର ପ୍ରମୁଖ ଯୋଗ ଦେଇ ଉତ୍କଳୀର ନୌ ବାଣିଜ୍ୟ ଓ ପରମ୍ପରା କୁ ବଜାଇ ରଖିବା ଆମର ଦାୟିତ୍ୱ ଓ କର୍ତ୍ତବ୍ୟ ବୋଲି କହିଥିଲେ । ଏହି ବାଲିଯାତ୍ରାର କଲେବାର ଓ କାୟା ବୃଦ୍ଧି ପାଇବରେ ସମସ୍ତଙ୍କ ସହଯୋଗ କାମନା କରିଥିଲେ । ଆଜି ମଞ୍ଚାସିନ ଅତିଥି ମାନଙ୍କ ଦ୍ୱାରା ରତିକାନ୍ତ ନାୟକ ମୁଖ୍ୟ ପରିଚାଳକ କପରେଟ ସମ୍ପର୍କ ଏବଂ ଯୋଗାଯୋଗ ଅଧିକାରୀ ପାରାଦ୍ୱୀପ ବନ୍ଦର, ବିଶ୍ୱ ଭୂଷଣ ପଟ୍ଟନାୟକ ପରିଚାଳକ, ପବ୍ଲିକ ରିଲେସନ ଅଧିକାରୀ, ଜେ ଏସ ଡ଼ବ୍ଲୁ, ପାରାଦ୍ୱୀପ, ପାରାଦ୍ୱୀପ ଏନ ସି ସି ଆଲୁମୁନି, ବାଲିଯାତ୍ରାର ଘୋଷିକା ଜୟଶ୍ରୀ ପତିଙ୍କୁ ବିଭିନ୍ନ କ୍ଷେତ୍ରରେ ଉତ୍କୃଷ୍ଟ ସେବା ପାଇଁ ଉତ୍ତରୀୟ ଓ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା । ଆଜି ସକାଳ ଅଫିସର କ୍ଲବ ପରିସରରେ କବି ସମିଳନୀ ଅନୁଷ୍ଠିତ ହୋଇଥିଲା । ଆସନ୍ତା କାଲି ଉଦଯାପନୀ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ଓଡିଶାର ମହାମହିମ ରାଜ୍ୟପାଳ ଡ଼ ହରି ବାବୁ କମ୍ଭମ୍ ପାଟି ଯୋଗ ଦେବାର କାର୍ଯ୍ୟକ୍ରମ ଅଛି ଏବଂ ଏଥି ସହିତ ବଲ୍ଲିଉଡ଼ ସଂଗୀତଜ୍ଞ ଅଙ୍କିତ ତିୱାରୀ ନିଜର ସ୍ୱରରେ ସମସ୍ତଙ୍କୁ ମତୁଆଲା କରିବାକୁ ଆସୁଛନ୍ତି । ଯେହେତୁ ଆଜି ରବିବାର ସମସ୍ତ ଙ୍କ ନଜର ଆମିଷ ଖାଦ୍ୟ ଉପରେ ଥିଲ, ତେଣୁ ସପରିବାର କଳିଙ୍ଗ ବାଲିଯାତ୍ରା ବୁଲିବା ସହ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଦେଖିବା ଓ ଆମିଷ ଖାଇବାର ମଜା ନେଇଥିଲେ । ପିଲାଙ୍କ ମନୋରଞ୍ଜନ ପାଇଁ ଦୋଳି ଓ ବିଭିନ୍ନ ପ୍ରକାରର ଖେଳ ପଡ଼ିଥିବାରୁ ପିଲାମାନେ ତାର ଫାଇଦା ଉଠାଇଥିଲେ । ଓରମାସ ଷ୍ଟଲ ରେ ଆଜି ଲୋକଙ୍କ ଭିଡ ଦେଖିବାକୁ ମିଳିଥିଲା ।ଆଜି ଯାତ୍ରାରେ ବ୍ୟବସାୟୀ ଙ୍କର ଭଲ ବ୍ୟବସାୟ ହୋଇଥିବା ଜଣାପଡିଛି । ଆଜିର ମୁଖ୍ୟ ଆକର୍ଷଣ ଅନନ୍ୟା ଶ୍ରୀତମ ନନ୍ଦଙ୍କ ଓ ସାଥୀଙ୍କ ସଂଗୀତ ଶ୍ରୋତାଙ୍କୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ବାନ୍ଧି ରଖିଥିଲା । ପ୍ରଶାସନ ଶାନ୍ତି ଶୃଙ୍ଖଳା ଉପରେ ତୀକ୍ଷ୍ଣ ନଜର ରଖିଛି ।



# ରାମକୃଷ୍ଣ ବିଦ୍ୟା ନିକେତନରେ ମାତୃ ପ୍ରଶିକ୍ଷଣ ଶିବିର

ବାସୁଦେବପୁର, ୯/୧୧ (ନି.ପ୍ର): ବାସୁଦେବପୁର ସହର ସ୍ଥିତ ଆଦର୍ଶ ଶିକ୍ଷା ଅନୁଷ୍ଠାନ ରାମକୃଷ୍ଣ ବିଦ୍ୟା ନିକେତନରେ ମାତୃ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇ ଯାଇଛି । ଏହି ଉତ୍ସବରେ ସଭାପତିତ୍ୱ କରିଥିଲେ ବିଦ୍ୟା ନିକେତନର ପ୍ରଧାନ ଆଚାର୍ଯ୍ୟ ଧୀରେନ୍ଦ୍ର କୁମାର ବାରିକ୍ । ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ଅଟଳ ବିହାରୀ ମହା ବିଦ୍ୟାଳୟର ସଂସ୍କୃତ ବିଭାଗର ଅଧ୍ୟାପକ ବିଜୟ କୁମାର ଅଗସ୍ତି । କବି ବିକାଶ କୁମାର ଶତପଥୀ ଓ ପୂର୍ବତନ ସି ଆର୍ ସି ସି ମନୋଜ କୁମାର ଦୀକ୍ଷିତ ପ୍ରମୁଖ ବିଶେଷ ଅତିଥି ଭାବେ ଯୋଗ ଦେଇଥିଲେ ଏବଂ ବକ୍ତବ୍ୟ ପ୍ରଦାନ କରିଥିଲେ । ବର୍ତ୍ତମାନ ମାଆ ମାନେ ଆଦର୍ଶ ନାରୀ ପରି ସେମାନଙ୍କ ପିଲା ମାନଙ୍କୁ ପ୍ରତ୍ୟେକ କ୍ଷେତ୍ରରେ ଗଠନ କରିବା ଉଚିତ । ସମସ୍ତ ଅତିଥି ଓ ବକ୍ତା ସୁନ୍ଦର ବକ୍ତବ୍ୟ ପ୍ରଦାନ କରିଥିଲେ । ରାମକୃଷ୍ଣ ବିଦ୍ୟା ନିକେତନର ପ୍ରଧାନ ଆଚାର୍ଯ୍ୟ ଧୀରେନ୍ଦ୍ର କୁମାର ବାରିକ୍ ସମସ୍ତଙ୍କୁ ଅଭିନନ୍ଦନ ଜଣାଇବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ । ଛାତ୍ର ଛାତ୍ରୀ ଓ ବିଦ୍ୟାଳୟର ଗୁରୁଜୀ ଗୁରୁମା ଏହି ଉତ୍ସବରେ ଯୋଗ ଦେଇଥିଲେ ।




## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ଶ୍ରୀମନ୍ଦିର ଦଳାଚକଟା...

ଉପରିସ୍ଥ ଅଧିକାରୀଙ୍କ ଅବହେଳା ଯୋଗୁଁ ଦଳଚକଟା ହୋଇଛି ବୋଲି ବିରୋଧୀ ଅଭିଯୋଗ ଆଣିଛନ୍ତି । ଗୋଟିଏ ପଟେ ଏଆଇ ବ୍ୟବସ୍ଥା ଫେଲ ମାରିଲା । ସେପଟେ ଭିଡ଼ ନିୟନ୍ତ୍ରଣ ପାଇଁ ଯେଉଁ ବରିଷ୍ଠ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଥିଲା ସେମାନେ ଠିକ ଭାବେ କାମ କରିନଥିଲେ । ଦ୍ୱାରଫିଟା ସମୟରେ ନୀତି ଅଧିକାରୀ ମଧ ଉପସ୍ଥିତ ନଥିଲେ । ବିନା ସୂଚନାରେ ରଥ ଉପରେ ଦ୍ୱାରଫିଟା ଯୋଗୁ ହିଁ ଦଳାଚକଟା ହୋଇଥିଲା । ଅର୍ଥାତ୍ ଶ୍ରୀମନ୍ଦିର ପ୍ରଶାସନ ମଧ ଜାଣି ନଥିଲା କି କେତେବେଳେ ଦ୍ୱାରଫିଟା ହେବ । ଏହାଛଡା ନନ୍ଦିଘୋଷ ସମ୍ମୁଖରେ ଚାରମାଳ ଗଦା ହୋଇଥିବାରୁ ଭକ୍ତମାନେ ବାହାରି ପାରିନଥିଲେ । ଶ୍ରୀମନ୍ଦିର ପ୍ରଶାସନର ଅଧିକାରୀମାନେ ଏ ନେଇ କାହାକୁ ଅବଗତ କଲେନାହିଁ । ଫଳରେ ଦଳଚକଟା ହେଲା ।

### ଭିଡିଓ ବାର୍ତ୍ତାରେ ...

ବେଇମାନ, ଭୋଟ ଚୋରି ଭଳି ଶସ୍ତା କଥା କହି ପ୍ରସଙ୍ଗକୁ ଡ଼ାଇଭର୍ଟ କରୁଥିବା ମନମୋହନ ଅଭିଯୋଗ ଆଣିଛନ୍ତି । ସେ ଆହୁରି ମଧ କହିଛନ୍ତି, ବିଜେଡି କାହାକୁ ବେଇମାନ କହିବା ପୂର୍ବରୁ ପ୍ରଥମେ ମାର୍ଚ୍ଚ ୭, ୨୦୦୯ ମସିହାକୁ ସ୍ମରଣ କରିବା ଉଚିତ । ସେମାନେ ବ୍ୟକ୍ତିଗତ ଭାବେ ଆକ୍ଷେପ କରୁଛନ୍ତି । ବିଜେଡି ୨୪ ବର୍ଷରେ କ'ଣ କରିଛି ତାହା କହୁ । ବ୍ୟକ୍ତିଗତ ଆକ୍ଷେପ କରିବା ବନ୍ଦ କରୁ । ଏ ଅଞ୍ଚଳ ଏକ ନମ୍ବର ଅଞ୍ଚଳ ହେବ, ଏ ନମ୍ବର ଜିଲ୍ଲା ହେବ, ଏ କଥା ଆମ ମୁଖ୍ୟମନ୍ତ୍ରୀ କହିଛନ୍ତି । ଆଜି ଆମ ସରକାର ସବୁ କାମ କରିବା ପାଇଁ ଏବଂ ରାଜ୍ୟର ବିକାଶ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ । ନୂଆପଡ଼ା ଉପନିର୍ବାଚନର ପ୍ରଚାରର ଆଜି ଶେଷ ଦିନ, ଭୋଟରମାନେ ଯେଉଁ ପ୍ରକାର ସହଯୋଗ କଲେ, ସେମାନଙ୍କ ଉତ୍ସାହ ଆଉ ଶାନ୍ତିପୂର୍ଣ୍ଣ ପରିସ୍ଥିତି ଯୋଗୁଁ ଧନ୍ୟବାଦ । ଏହା ବ୍ୟକ୍ତିଗତ ଲଢ଼େଇ ନୁହେଁ, ବିଚାରଧାରାର ଲଢ଼େଇ । ଆମର ଲକ୍ଷ୍ୟ ନୂଆପଡ଼ାର ବିକାଶ ହେଉ । ଓଡ଼ିଶାର ଜନସାଧାରଣ ଆମକୁ ୨୦୨୪ ନିର୍ବାଚନରେ ଜିତାଇଥିଲେ ଏବଂ ବିଧାନସଭାରେ ସରକାର ଗଢ଼ିବାରେ ସୁଯୋଗ ଦେଲେ । ସେବେଠାରୁ ଭାରତୀୟ ଜନତା ପାର୍ଟି ଗୋଟି ଗୋଟି ସବୁ କରିଥିବା ସଂକଳ୍ପ ପୂରଣ କରୁଛି ବୋଲି କହିଛନ୍ତି ରାଜ୍ୟ ବିଜେପି ସଭାପତି ।

### ପୂର୍ବରୁ ସରକାର...

ଓଡ଼ିଶାର ଆଦିବାସୀ ଭାଇଭଉଣୀମାନଙ୍କୁ ସେମାନଙ୍କର ଅଧିକାର ଦିଆଯିବାର ଆବଶ୍ୟକତା ଅଛି । ନୂଆପଡ଼ା ଉପନିର୍ବାଚନରେ ଦଳୀୟ ପ୍ରାର୍ଥୀଙ୍କ ପାଇଁ ଜନସଭାକୁ ଉଦ୍‌ବୋଧନ ଦେବା ଅବସରରେ ସମାଜବାଦୀ ପାର୍ଟି (ସପା)ର ସଭାପତି ଅଖିଳେଶ ଯାଦବ ରବିବାର ଅପରାହ୍ଣରେ ଏହା କହିଛନ୍ତି । ଆମେ ଜାଣିବାକୁ ପାଇଲୁ ଯେ, ୧ କୋଟି ୨୦ ଲକ୍ଷ ଟଙ୍କାର ବେଆଇନ ମଦ ଓ ଗଂଜେଇ ଜବତ କରାଯାଇଛି । ଏଠାରେ ଡବଲ୍ ଇଂଜିନ ସରକାର କ'ଣ କରୁଛି । ଏହାର ଅର୍ଥ କ'ଣ ଗୋଟିଏ ଇଂଜିନ ଗଂଜେଇ ଏବଂ ଅନ୍ୟ ଏକ ଇଂଜିନ ମଦ ଦାୟିତ୍ୱ ନେଇଛି ? ଅଖିଳେଶ ପୂର୍ବତନ ସରକାରଙ୍କୁ ମଧ ଟାର୍ଗେଟ୍ କରିଛନ୍ତି । ସେ କହିଛନ୍ତି ଉତ୍ତରପ୍ରଦେଶରେ ଆମ ସରକାର ସମୟରେ ସମସ୍ତଙ୍କୁ ଲ୍ୟାପଟପ୍ ଦେଇଥିଲୁ । ଓଡ଼ିଶାରେ ମଧ ପୂର୍ବତନ ସରକାର ଲ୍ୟାପଟପ୍ ଦେଇଥିଲେ । କିନ୍ତୁ ସମସ୍ତଙ୍କୁ ନଦେଇ କିଛି ଲୋକଙ୍କୁ ଦେଇଥିଲେ । ୪୦ ବର୍ଷ ବୟସ୍କଙ୍କୁ ଆମେ ଯୁବାପିଢ଼ି ମନେ କରୁଛୁ । ରାଜ୍ୟର ସଡ଼କ ଉନ୍ନତ ହେଲେ ବିକାଶ ହେବ । ଏହା ଦ୍ୱାରା ଚାଷୀମାନେ ମଧ ଉପକୃତ ହୋଇପାରିବେ । ଚାଷୀମାନେ ମଣ୍ଡିକୁ ନିଜର ଫସଲ ସହଜରେ ନେଇପାରିବେ । ଦରଦାମ ନିୟନ୍ତ୍ରଣ ରହୁନି । ପେଟ୍ରୋଲ ଓ ଡିଜେଲ ଦର ବଢ଼ି ଚାଲିଛି । ବିସ୍କୁଟ ପ୍ୟାକେଟର ଆକାର ଦିନକୁ ଦିନ ଛୋଟ ହେଉଛି । ଆମକୁ ଥରଟିଏ ସୁଯୋଗ ଦିଅନ୍ତୁ । ସମାଜବାଦୀ ପାର୍ଟିର ପ୍ରାର୍ଥୀ ରମାକାନ୍ତ ହାତୀଙ୍କୁ ନୂଆପଡ଼ା ଉପନିର୍ବାଚନରେ ବିଜୟୀ କରାନ୍ତୁ । ଆମେ ଝିଅମାନଙ୍କୁ ମାଗଣାରେ ପାଠ ପଢ଼ାଇବୁ । ଅଖିଳେଶ ଯାଦବ କହିଛନ୍ତି, ଆଗାମୀ ଦିନରେ ଓଡ଼ିଶାରେ ସମାଜବାଦୀ ପାର୍ଟି ନିର୍ବାଚନ ଲଢ଼ିବ । ରାଜ୍ୟର ସମସ୍ତ ଲୋକସଭା ଏବଂ ବିଧାନସଭା ଆସନରେ ପ୍ରାର୍ଥୀ ଦେବ । ଏଥି ପାଇଁ ପ୍ରଥମେ ଦଳ ଯୁବପିଢ଼ିଙ୍କୁ ଦଳରେ ସାମିଲ କରିବ । ନୂଆପଡ଼ା ନିର୍ବାଚନରେ ଆମେ ପଛରେ ଅଛୁ ସତ, କିନ୍ତୁ ଆମେ ଦୁର୍ବଳ ନୋହୁଁ ।

### ଧରାପଡ଼ିଲେ ଦୁର୍ଦ୍ଧାନ୍ତ...

ଗୁଜରାଟ ଏଟିଏସ୍ର ସୂଚନା ଅନୁଯାୟୀ, 'ରାୟଜିନ' ସାୟନାଇଡ୍ ଠାରୁ ବି ଅଧିକ ଘାତକ । ଅଳ୍ପ ରାୟଜିନ ବହୁ ଲୋକଙ୍କ ଜୀବନ ନେଇପାରେ । ତେବେ ଗିରଫ ଆତଙ୍କବାଦୀମାନେ 'ରାୟଜିନ'ର ବ୍ୟବହାର କେଉଁ ଭଳି ଭାବେ କରିଥା'ନ୍ତେ, ସେ ନେଇ ତଦନ୍ତ ଜାରି ରହିଥିବା ଏଟିଏସ୍ ପକ୍ଷରୁ କୁହାଯାଇଛି । ଜେରା ବେଳେ ଅହମଦ ମୋହିଉଦ୍ଦୀନ ସୈୟଦ କହିଛି ଯେ ବନ୍ଧୁକ ଓ ଉକ୍ତ ତରଳ ରସାୟନିକ ପଦାର୍ଥକୁ ସେ ରାଜସ୍ଥାନର ହନୁମାନଗଡ଼ରୁ ମଗାଇଥିଲା । ତେବେ କେଉଁ ନେଟଓ୍ୱର୍କ ସହାୟତାରେ ଏହି ବନ୍ଧୁକ ଓ ତରଳ ରସାୟନିକ ପଦାର୍ଥ ତା' ପାଖକୁ ଆସିଲା ଓ ଏଥିରେ ଆଉ କେଉଁମାନେ ସାମିଲ ଅଛନ୍ତି, ଗୁଜରାଟ ଏଟିଏସ ତା'ର ତଦନ୍ତ କରୁଛି ।

### ଶେଖ ହସିନାଙ୍କୁ ...

ଚୌଧୁରୀ ବ୍ୟାଖ୍ୟା କରିଥିଲେ ଯେ ୨୦୨୪ରେ ହସିନା ସରକାରଙ୍କ ପତନ ଦୁର୍ଘଟଣାଜନିତ ନୁହେଁ, ବରଂ ଏକ 'ସତର୍କିତ ଯୋଜନା'ର ଏକ ଅଂଶ ଥିଲା । ୫ ଅଗଷ୍ଟ, ୨୦୨୪ରେ ଏକ ଭିଡ଼ ଢାକାରେ ତାଙ୍କ ବାସଭବନ ଉପରେ ଆକ୍ରମଣ କରିବାର କିଛି ମିନିଟ୍ ପୂର୍ବରୁ ଶେଖ୍ ହାସିନା ଦେଶ ଛାଡି ପଳାଇ ଯାଇଥିଲେ । ସେ ବର୍ତ୍ତମାନ ଦିଲ୍ଲୀରେ ରହୁଛନ୍ତି ।

### ପୁଲିସ ବିରୋଧରେ ସାଂଘାତିକ...

ବାପାଙ୍କୁ ଥାନାରେ ବସାଇ ପୁଲିସ ନାବାଳକଙ୍କୁ ଥାନା ପଛପଟକୁ ନେଇ ପିଟିଥିବା ଅଭିଯୋଗ ହୋଇଛି । ମାଡ଼ ଖାଇଥିବା ନାବାଳକଙ୍କ ଅଭିଯୋଗ ଅନୁଯାୟୀ ନିଜେ ଆଇଆଇସି ତାଙ୍କୁ ପିଟିଥିଲେ । ଏମିତିକି ତାଙ୍କ ଛାତିକୁ ଗୋଇଠା ମଧ ମାରିଥିଲେ । ତାଙ୍କ ସହ ଆଉ ଜଣେ ପୁଲିସ ତାଙ୍କୁ ପିଟି ଥିଲେ । ମାଡ଼ ଖାଇ ସେ ତଳେ ପଡ଼ିଯିବା ପରେ ତାଙ୍କୁ ଜଣେ ପୁଲିସ କର୍ମଚାରୀ ୨ ଶହ ଟଙ୍କା ଦେଇ କହିଲେ ନେ ବିରିୟାନୀ ଖାଇଦେବୁ, କାହାକୁ କିଛି କହିବୁନି । ଥାନା ଭିତରେ ସିସିଟିଭି ଲାଗିଥିବାରୁ ଥାନା ପଛପଟକୁ ନେଇ ତାଙ୍କୁ ମାଡ଼ ମରାଯାଇଥିଲା । ପୁଲିସ ମାଡ଼ରେ ଆହତ ହୋଇ ଭଦ୍ରକ ମେଡିକାଲରେ ଚିକିତ୍ସା ହେଲା ପରେ ଏବେ ମୁହଁ ଖୋଲିଛି ସଂପୃକ୍ତ ନାବାଳକ । ମୋବାଇଲ ଚୋରି ଭଳି ମିଛ ଅଭିଯୋଗରେ ପୁଲିସ ଥାନାକୁ ନେଇ ମାଡ଼ ମାରିଥିବାରୁ ମାନସିକ ଭାବେ ଭାଙ୍ଗି ପଡ଼ିଛନ୍ତି ନାବାଳକ ଜଣଙ୍କ । ଅନ୍ୟପକ୍ଷରେ ଏଭଳି ଅମାନୁଷିକ କାର୍ଯ୍ୟ ପାଇଁ ଆଇଆଇସି ଏବଂ ଅନ୍ୟ ସମସ୍ତ ପୁଲିସ କର୍ମଚାରୀଙ୍କ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି ସଂପୃକ୍ତ ନାବାଳକଙ୍କ ବଡ଼ ଭାଇ ଓ ମା' । ଅନ୍ୟପକ୍ଷରେ ଏହି ଅଭିଯୋଗକୁ ମିଛ ବୋଲି କହିଛନ୍ତି ପୀରହାଟ ଥାନା ଆଇଆଇସି ରୋଜାଲିନ ବେହେରା । ସେ କହିଛନ୍ତି, ଥାନାରେ ସବୁଆଡ଼େ କ୍ୟାମେରା ଲାଗିଛି । ଆମେ ସେଭଳି କିଛି କରିନୁ । ଆମେ ତାକୁ ଥାନାକୁ ଆଣିନଥିଲୁ, ତା' ବାପା ତାକୁ ସାଥିରେ ଆଣି ଆସିଥିଲେ । ଯାହା ଅଭିଯୋଗ ଆସିଛି ସବୁ ମିଛ । ଥାନାରେ ଥାର୍ଡ ଡିଗ୍ରୀ ନେଇ ପୋଲିସ ନାଁରେ ବାରମ୍ବାର ଅଭିଯୋଗ ଆସୁଛି । ଏସବୁ ଏଡାଇବା ପାଇଁ ସିସିଟିଭି ଲାଗିବା ବ୍ୟବସ୍ଥା ହୋଇଥିଲେ ବି ଏଭଳି ଏକ ଅଭିଯୋଗ ଚିନ୍ତାର ବିଷୟ ହୋଇଛି ।

# ବଡ଼ି ବିଲ୍ଡିଂରେ କୃତିତ୍ୱ

ବାଲେଶ୍ୱର, ୯/୧୧ (ନି.ପ୍ର): ସ୍ୱାସ୍ଥ୍ୟ ହିଁ ସମ୍ପଦ ଉକ୍ତିକୁ ଚରିତାର୍ଥ କରି ବଡିବିଲ୍ଡିଂପ୍ରତିଯୋଗିତାରେ ସୁନହଟ ଅଞ୍ଚଳର ମନୋଜ ବିହାରୀ ଦାସ ବିଭିନ୍ନ ରାଜ୍ୟରେ ସଫଳତା ହାସଲ କରିପାରିଛନ୍ତି । ବଡ଼ି ବିଲ୍ଡିଂ କ୍ଷେତ୍ରରେ ଅପୂରଣୀୟ କୃତିତ୍ୱ ପାଇଁ ନୂତନ ପରିଚୟ ସାରା ରାଜ୍ୟରେ ସୃଷ୍ଟି କରିପାରିଛନ୍ତି । ଛତିଶଗଡ ରାଜ୍ୟରେ ଅନୁଷ୍ଠିତ ମିଷ୍ଟର ଇଣ୍ଡିଆ ବଡ଼ି ବିଲିଂ ପ୍ରତିଯୋଗିତାରେ ବ୍ରୋଞ୍ଜ ପଦକ ହାସଲ କରିଥିବା ବେଳେ , ଥାଇଲାଣ୍ଡର ବ୍ୟାଙ୍କକ ଠାରେ ଅନୁଷ୍ଠିତ ମିଷ୍ଟର ଏସିଆନ ବଡିବିଲ୍ଡିଂ ପ୍ରତିଯୋଗିତାରେ ୨୨ଜଣ ପ୍ରତିଯୋଗୀଙ୍କୁ ହରାଇ ବ୍ରୋଞ୍ଜ ପଦକ ହାସଲ କରିପାରିଛନ୍ତି । ତାଙ୍କର ଏପରି କୃତିତ୍ୱତା ପାଇଁ ଜିଲ୍ଲାର ଅଗ୍ରଣୀ ଆ.କା.ମା.ବୈ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ବୈଇତ ବନ୍ଦାଣ ଉତ୍ସବରେ ସମ୍ବର୍ଦ୍ଧିତ କରାଯାଇଛି । ଏଥିପାଇଁ ଅନୁଷ୍ଠାନର ସ୍ୱେଚ୍ଛାସେବୀ ସଭାପତି ଅଭିଜିତ୍ ପଣ୍ଡା, ସଂପାଦକ ବିକାଶ କୁମାର ପାଢୀଙ୍କ ସମେତ ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ ।ସେହିପରି ବହୁ ପୁରାତନ ସୁନହଟ ବୋଇତ ବନ୍ଦାଣ ଉତ୍ସବ ପକ୍ଷରୁ ମନୋଜ ବିହାରୀ ଦାସଙ୍କୁ Mr.Sunhat ସମ୍ମାନରେ ସମ୍ମାନୀତ କରାଯାଇଥିଲା ।ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ସ୍ୱେଚ୍ଛାସେବୀ ସଭାପତି ଶାନ୍ତନୁ କୁମାର ଦାସ, ସଂପାଦକ ଆଇନଜୀବି ଗୌତମ ଦାସଙ୍କ ସମେତ ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ । ଏଥିପାଇଁ ଉଭୟ ଅନୁଷ୍ଠାନର ସମସ୍ତ କର୍ମକର୍ତ୍ତାଙ୍କୁ ଶ୍ରୀ ଦାସ ଆନ୍ତରିକ କୃତଜ୍ଞତା ଜ୍ଞାପନ କରିଛନ୍ତି ।



ସୋମବାର, ନଭେମ୍ବର ୧୦, ୨୦୨୫

# ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

## ଖୋର୍ଦ୍ଧା ଜିଲ୍ଲା ଆନ୍ତଃସ୍କୁଲ କ୍ରିକେଟ ଗ୍ରୀନ ଏକାଦଶ ବିଜୟୀ

ଖୋର୍ଦ୍ଧା , ୯/୧୧ (ନି.ପ୍ର): ଓଡିଶା କ୍ରିକେଟ ଆସୋସିଏସନ୍ ଆନୁକୂଲ୍ୟରେ କ୍ରିକେଟ ଆସୋସିଏସନ୍ ଅଫ୍ ଦି ଡିଷ୍ଟ୍ରିକ୍ ଖୋର୍ଦ୍ଧା ଦ୍ୱାରା ପରିଚାଳିତ ଖୋର୍ଦ୍ଧା ଜିଲ୍ଲା ସ୍କୁଲ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଉଦଘାଟନୀ ମ୍ୟାଚରେ ଖୋର୍ଦ୍ଧା ସ୍କୁଲ ସମୁହ ଗ୍ରୀନ ଦଳ ବ୍ଲୁ ଦଳକୁ କ୍ରିକେଟରେ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଛି ?। ବ୍ଲୁ ଦଳ ପ୍ରଥମେ ବ୍ୟାଟିଂ କରି ଇନ୍ଦୁରୁ ବର୍ଦ୍ଧନଙ୍କ ୫୮ ରନ ଏବଂ କୈଶିକ ମହାନ୍ତି ଙ୍କ ୨୨ ରନ ସହାୟତାରେ ୪୦ ଓଭରରେ ସମସ୍ତ ୱିକେଟ ହରାଇ ୧୭୬ ରନ କରିଥିଲେ। ଗ୍ରୀନ ପକ୍ଷରୁ ଜଗନ୍ନାଥ ବେହେରା ହ୍ୟାଟ୍ରିକ ୱିକେଟ ସହିତ ୩୪ ରନର ? ବିଜୟରେ ସର୍ବାଧିକ ୪ଟି ଏବଂ ଓମ୍ ପ୍ରକାଶ ସାହୁ ୧୪ ରନରେ ୩ଟି ୱିକେଟ ଅକ୍ତିଆର କରିଥିଲେ। ପ୍ରତ୍ୟୁତ୍ତରରେ ଦେବାଶୁଂ ଜେନାଙ୍କ ୬୨ ରନ ସାଇ ସ୍ମୃତି ଙ୍କ ୨୯ ରନ ୩୩.୧ ଓଭରରେ ୪ ଟି ୱିକେଟ ହରାଇ ସଂଗ୍ରହ କରି ନେଇଥିଲେ। ପ୍ରାରମ୍ଭରେ ଆସୋସିଏସନର ଯୁଗ୍ମ ସମ୍ପାଦକ ସମୀର ବଳିୟାରସିଂହ ଏବଂ କୋଷାଧକ୍ଷ ଚଣ୍ଡୀ ପ୍ରସାଦ ଆଚାର୍ଯ୍ୟ ଟୁର୍ଣ୍ଣାମେଣ୍ଟର ଶୁଭ ଉଦ୍ଘାଟନ କରିଥିଲେ। ଖେଳ ଟିକୁ ପରିଚାଳନା କରୁଥିଲେ ଚନ୍ଦ୍ର ମୋହନ ବରାଳ ଏବଂ ଅବଦୁଲ ରହିମ୍ ଖାଁ ସ୍କୋରର ଦାୟିତ୍ୱରେ ସୁଶିଲ ସୁନ୍ଦରାୟ ଏବଂ ମ୍ୟାଚ ରେଫରୀ ଦାୟିତ୍ୱ ସରୋଜ ପାତ୍ର ତୁଲାଇଥିଲେ ।



## ‘ଆଜୀବନ ସଂଗ୍ରାମୀ ନିରାକାର’ ସ୍ମୃତି ସଂସଦ ବୈଠକ

ଭଦ୍ରକ, ୯/୧୧ (ନି.ପ୍ର): ଭଦ୍ରକ ଓଡିଶା ଲାଲ ଆକାଶର ଅନ୍ୟତମ ଶ୍ରେଷ୍ଠ ତାରକା ତଥା ଭଦ୍ରକ ଓକିଲ ସଂଘର ପୂର୍ବତନ ସଭାପତି ବରିଷ୍ଠ ଅଧିବକ୍ତା ନିରାକାର ଜେନା ଙ୍କ ସ୍ମୃତି ଉଦ୍ଦେଶ୍ୟରେ ଗଠିତ ‘ଆଜୀବନ ସଂଗ୍ରାମୀ ନିରାକାର ସ୍ମୃତି ସଂସଦ ‘ର ଏକ ଗୁରୁତ୍ୱପୂର୍ଣ୍ଣ ସାଧାରଣ ବୈଠକ ଭଦ୍ରକ ବ୍ଲକ କଲୋନୀ ଅଧିନସ୍ଥ ଭଦ୍ରକ ପୌରପାଳିକା ପାଠାଗାର ପରିସରରେ ସ୍ମୃତି ସଂସଦ ଉପସଭାପତି ବରିଷ୍ଠ ଅଧିବକ୍ତା ଦିବ୍ୟସିଂହ ନାୟକ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଆସନ୍ତା ଡିସେମ୍ବର, ୫ ରେ ଅନୁଷ୍ଠିତ ହେବାକୁ ଥିବା ସଂଗ୍ରାମୀ ନିରାକାର ଜେନା ଙ୍କ ପ୍ରଥମ ସ୍ମୃତି ବାର୍ଷିକ ପାଳନ ଓ ତାଙ୍କ ପ୍ରତିମୂର୍ତ୍ତି ସ୍ଥାପନ ସଂପର୍କରେ ଆଲୋଚନା ହୋଇଥିଲା । ତତ୍କାଳୀନ ଭଦ୍ରକ ବିଜ୍ଞାପିତ ଅଞ୍ଚଳ ପରିଷଦ ର ଅଧ୍ୟକ୍ଷ ଥିବା ସମୟରେ ସଂଗ୍ରାମୀ ନିରାକାର ଙ୍କ ବିକାଶ ମୂଳକ କାର୍ଯ୍ୟ ସଂପର୍କରେ ଆଲୋଚନା ହୋଇଥିଲା । ଆଗାମୀ ଯୁବପିଢି ଙ୍କୁ ନିରାକାର ଜେନା ଗ୍ରହଣ କରିଥିବା ‘ସମାଜବାଦ’ ଓ



‘ସାମ୍ୟବାଦ‘ ଆଦର୍ଶରେ ଆଦର୍ଶିତ କରିବା ପାଇଁ ବିଭିନ୍ନ ଯୋଜନା ଗ୍ରହଣ କରାଯାଇଥିଲା ।ଏହି ସାଧାରଣ ବୈଠକରେ ‘ଆଜୀବନ ସଂଗ୍ରାମୀ ନିରାକାର ସ୍ମୃତି ସଂସଦ‘ ର ସଭାପତି ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ସ୍ମୃତି ସଂସଦର ସଂପାଦକ ବରିଷ୍ଠ ଅଧିବକ୍ତା ଗିରିଧାରୀ ନାଥ, ଭଦ୍ରକ ପୌରପାଳିକା ଅଧକ୍ଷା ଗୁଲମକ୍କି ଦଲୱାଜି ହବିବ୍, ସମାଜସେବୀ ଅଜୟ ନାୟକ, ସ୍ମୃତି ସଂସଦ ଯୁଗ୍ମ ସଂପାଦକ ଯୁବ ଆଇନଜୀବୀ ବିକାଶ ନାଥ, ସ୍ମୃତି ସଂସଦ ଉପସଭାପତି ପ୍ରଫେସର ଅଟଳ ବିହାରୀ ନାୟକ, ଅଧିବକ୍ତା ଅଗଣି ଚରଣ ଜେନା, ଭଦ୍ରକ ଜିଲ୍ଲା ହାଇସ୍କୁଲର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଗୟାଧର ପଣ୍ଡା, ଭଦ୍ରକ ଓକିଲ ସଂଘ ସଭାପତି ବରିଷ୍ଠ ଅଧିବକ୍ତା ସନ୍ତୋଷ କୁମାର ଆଚାର୍ଯ୍ୟ, ଭଦ୍ରକ ଓକିଲ ସଂଘ ଉପସଭାପତି ଅଶୋକ କୁମାର ନାୟକ, ସ୍ମୃତି ସଂସଦ ର ଅନ୍ୟତମ ଯୁଗ୍ମ ସଂପାଦକ ବିଜୟ କୁମାର ରାଉତ, ଅଧ୍ୟାପକ ଶାନ୍ତନୁ ରାଉତ, ଭାବଗ୍ରାହୀ ପାଠାଗାର ସଂପାଦକ ଚିତ୍ର ଭାନୁ ଦାସ, ବରିଷ୍ଠ ଆଇନଜୀବୀ ସେକ୍ ଅବଦୁଲ ଇସ୍ତାର, ଭଦ୍ରକ ଓକିଲ ସଂଘ ପୂର୍ବତନ ସଭାପତି ବିଷ୍ଣୁ ମୋହନ ମହାପାତ୍ର, ବରିଷ୍ଠ ସାମ୍ବାଦିକ ପ୍ରମୋଦ ରାୟ, ସାମ୍ବାଦିକ ନବକିଶୋର ସ୍ୱାଇଁ, ଓଡିଶା ରାଜ୍ୟ ବାର୍ କାଉନସିଲ ର ପୂର୍ବତନ ସଭ୍ୟ ତଥା ବରିଷ୍ଠ ଅଧିବକ୍ତା ପବନ କୁମାର ଶର୍ମା, ବିଶିଷ୍ଟ ଆଇନଜୀବୀ ବିଜନ ଜେନା, ଆଇନଜୀବୀ ସୌରଭ କୁମାର ଦେ, ବରିଷ୍ଠ ଆଇନଜୀବୀ ରଞ୍ଜନ କୁମାର ନାୟକ, ସର୍ବୋଦୟ ନେତା ଅମର କୁମାର ପାଣିଗ୍ରାହୀ, ସ୍ମୃତି ସଂସଦ ର ସଭ୍ୟ ରାମଚନ୍ଦ୍ର ନାୟକ, ଯୁବ ଆଇନଜୀବୀ ବିଜୟ ଦାଶ, ପ୍ରଫେସର କମଳାକାନ୍ତ ସ୍ୱାଇଁ, ଯୁବନେତା ନାସିରୁଦ୍ଦିନ ଖାନ୍, ଯୁବ ସମାଜସେବୀ ଜାହିର ଖାନ୍, ଯୁବ ଆଇନଜୀବୀ ଚନ୍ଦନ ସ୍ୱାଇଁ, ଯୁବ ସମାଜସେବୀ ରମାକାନ୍ତ ପାକଳ, ସେକ୍ ରୁସ୍ତମ ପ୍ରମୁଖ ଯୋଗଦେଇଥିଲେ ।

## ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଉତ୍ତରାଖଣ୍ଡ ସ୍ଥାପନା ଦିବସରେ ଜଣାଇଲେ ଶୁଭେଚ୍ଛା

ଭୁବନେଶ୍ୱର, ୯/୧୧ (ନି.ପ୍ର): ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଦେବଭୂମି ଉତ୍ତରାଖଣ୍ଡର ୨୫ତମ ସ୍ଥାପନା ଦିବସ ଅବସରରେ ରାଜ୍ୟବାସୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି। ସେ ସୋସିଆଲ ମିଡିଆ ମାଧ୍ୟମରେ ଉତ୍ତରାଖଣ୍ଡର ସମୃଦ୍ଧ ସାଂସ୍କୃତିକ ଐତିହ୍ୟ ଓ ଉଲ୍ଲେଖନୀୟ ଅଗ୍ରଗତିକୁ ପ୍ରଶଂସା କରିଛନ୍ତି। ମୁଖ୍ୟମନ୍ତ୍ରୀ ମାଝୀ ଲେଖିଛନ୍ତି, ଯେ, ଦେବଭୂମି ଉତ୍ତରାଖଣ୍ଡର ସ୍ଥାପନା ଦିବସ ଅବସରରେ ସେଠାକାର ଜନସାଧାରଣଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ।

## ବିଶ୍ୱବିଦ୍ୟାଳୟରେ କୌଶଳ ବିକାଶ କାର୍ଯ୍ୟଶାଳା

ବାରିପଦା , ୯/୧୧ (ନି.ପ୍ର): ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜ ଦେଓ ବିଶ୍ୱବିଦ୍ୟାଳୟ ପ୍ରାଣୀ ବିଜ୍ଞାନ ବିଭାଗର ସେମିନାର ସହିତ ସ୍ଥୁଳୀୟ କୀଟଜନ୍ତୁର ସଂଗ୍ରହ, ସଂରକ୍ଷଣ ଓ ଡକ୍ୟୁମେଣ୍ଟେସନ ବିଷୟରେ ଏକ ଦୁଇ ଦିନିଆ କୌଶଳ ବିକାଶ କାର୍ଯ୍ୟଶାଳା ବିଶ୍ୱବିଦ୍ୟାଳୟ ଜୁଲୋଜି ଏଲମୁନାଇ ଏସୋସିଏସନ ସହଯୋଗରେ ଆୟୋଜିତ ହୋଇଯାଇଛି। ବିଭାଗୀୟ ମୁଖ୍ୟ ପ୍ରଫେସର ହେମନ୍ତ କୁମାର ସାହୁ ସ୍ୱାଗତ ଭାଷଣ ଦେଇଥିବା ବେଳେ, ସେମିନାରର ଶିକ୍ଷକ-ଇଞ୍ଚାର୍ଜ ଡ଼। କୁକୁ ମହାପାତ୍ର ବାର୍ଷିକ ଭାବେ ଆୟୋଜିତ ସେମିନାର କାର୍ଯ୍ୟକଳାପ ବିଷୟରେ ଅବଗତ




କରାଇଥିଲେ। ଏହି ସେମିନାରରେ ମୁଖ୍ୟ ଅତିଥି ଭାବରେ ପ୍ରସିଦ୍ଧ ହର୍ପେଟୋଲୋଜିଷ୍ଟ ପ୍ରଫେସର ସୁଶିଳ କୁମାର ଦତ୍ତ ଯୋଗଦେଇ ଜୈବ ବିବିଧତାକୁ ବୁଝିବା ଏବଂ ସଂରକ୍ଷଣ କରିବାରେ ବର୍ଗୀକରଣର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିଥିଲେ। ପ୍ରାଣୀ ବିଜ୍ଞାନ ବିଭାଗର ସହାୟକ ପ୍ରଫେସର ଡ଼। ଗାର୍ଗୀ ମହାନ୍ତି, ଜନ୍ତୁ ଡେରାଡୁନ ବନ୍ୟଜୀବ ସଂସ୍ଥାର ପ୍ରକଳ୍ପ ବିଜ୍ଞାନୀ, ଡ଼। ବିବେକ ସର୍କାର ଦୁଇଦିନ ଧରି ପ୍ରଶିକ୍ଷଣ ଦେଇଥିଲେ। ବିଭାଗର ଅଧ୍ୟାପକ ପ୍ରଫେସର ପୁଷ୍ପାଞ୍ଜଳି ପରିଡ଼ା, ଡ଼। ପ୍ରିୟରଞ୍ଜନ ଦେବତା, ମିସ ସାଏଦା ଫୌଜିଆ ମାନୋୱାର, ଡ଼। ଜ୍ୟୋତିପ୍ରଗ୍ୟାନ ମାଝି କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ।

## ମାଗଣା ଚକ୍ଷୁପରୀକ୍ଷା ଓ ଚଷମା ଗୃହିତା ନିର୍ଦ୍ଧାରଣ ଶିବିର

ନୀଳଗିରି , ୯/୧୧ (ନି.ପ୍ର): ନୀଳଗିରି ବାଲିଗୋହିରିସ୍ଥିତ ରତ୍ନାକର ଟାଉନ ଉଚ୍ଚବିଦ୍ୟାଳୟ ପରିସରରେ ଆରଟିଏଚଏସ ରାଧାକୃଷ୍ଣ ଚ୍ୟାରିଟେବଲ୍ ଫାଉଣ୍ଡେସନ ଓ ଦାନ୍ତନ୍ ମାନବକଲ୍ୟାଣ କେନ୍ଦ୍ର ପଶ୍ଚିମବଙ୍ଗର ମିଳିତ ଉଦ୍ୟମରେ ଏବଂ ଓଡ଼ିଶା ଗ୍ରାମ୍ୟବ୍ୟାଙ୍କ ସହାୟତାରେ ରତ୍ନାକର ଟାଉନ ଉଚ୍ଚବିଦ୍ୟାଳୟ ଓ ସରସ୍ୱତୀ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଛାତ୍ର ଓ ଛାତ୍ରୀ ମାନଙ୍କର ମାଗଣା ଚକ୍ଷୁପରୀକ୍ଷା ଶିବିର ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ବାଲେଶ୍ୱର ସାଂସଦଙ୍କ ବ୍ୟକ୍ତିଗତ ସହାୟକ ଚନ୍ଦ୍ରବିନ୍ଦୁ ଦାସ ଓ ଟ୍ରଷ୍ଟର ଚେୟାରମେନ ତଥା ପୂର୍ବତନ ପ୍ରଧାନଶିକ୍ଷକ ବିନୋଦ ବିହାରୀ ପଣ୍ଡା ଉଦ୍ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଦାନ୍ତନ ମାନବକଲ୍ୟାଣ କେନ୍ଦ୍ରର




ସମ୍ପାଦକ ନୀଳକଣ୍ଠ ପାତ୍ର , ଗ୍ରାମ୍ୟ ବ୍ୟାଙ୍କର ରିଜିଓନାଲ ମ୍ୟାନେଜରଙ୍କ ପ୍ରତିନିଧି ରୂପେ ଆଞ୍ଚଳିକଶାଖାର ମ୍ୟାନେଜର ପ୍ରଶାନ୍ତ ବେହେରା ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଟ୍ରଷ୍ଟର ମ୍ୟାନେଜିଂ ଟ୍ରଷ୍ଟି ସତ୍ୟ ଗୋପାଳ ମହାପାତ୍ର, ଟ୍ରଷ୍ଟ ସଦସ୍ୟ ଭାବରେ ସତ୍ୟନାରାୟଣ ମିଶ୍ର, ସ୍ଫୁର୍ତ୍ତି ସାମଲ , ସମିର ରାୟ, ସତ୍ୟ ନାରାୟଣ ମହାପାତ୍ର , ଚନ୍ଦ୍ରଶେଖର ମହାଳିକ, ଟ୍ରଷ୍ଟର ସ୍ୱେଚ୍ଛାସେବୀ ତାପସ ରଂଜନ ପ୍ରଧାନ, ସରୋଜ ସାହୁ , ଦୀପକ ଦାସ, ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଦାମୋଦର ପଣ୍ଡା ଓ ଉଭୟ ବିଦ୍ୟାଳୟର ଶିକ୍ଷକଶିକ୍ଷୟିତ୍ରୀ ଏବଂ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ । ଉକ୍ତ ଶିବିରରେ ୧୧୦ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଙ୍କର ଚକ୍ଷୁପରୀକ୍ଷା କରାଯାଇଥିଲ। ଚନ୍ଦ୍ରବିନ୍ଦୁ ଦାସ ଆଗାମୀ ଦିନରେ ଟ୍ରଷ୍ଟର କଳେବର ବୃଦ୍ଧିପାଇଁ ଯଥାସମ୍ଭବ ସହାୟତା ଯୋଗାଇ ଦେବାକୁ ପ୍ରତିଶ୍ରୁତି ପ୍ରଦାନ କରିଥିଲେ। ଓଡ଼ିଶା ଗ୍ରାମ୍ୟବ୍ୟାଙ୍କ ଆଞ୍ଚଳିକଶାଖାର ମ୍ୟାନେଜର ପ୍ରଶାନ୍ତ ବେହେରା ଓଡ଼ିଶା ଗ୍ରାମ୍ୟବ୍ୟାଙ୍କ ତରଫରୁ ଏବଂ ଟ୍ରଷ୍ଟ ସଦସ୍ୟ ସରୋଜ ସାହୁଙ୍କ ପକ୍ଷରୁ ୨ଟି ପାଣିଜାର ବିଦ୍ୟାଳୟକୁ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମଶେଷରେ ବିଦ୍ୟାଳୟର ଶିକ୍ଷକ ରଞ୍ଜିତ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ଆଜିଠାରୁ ତ୍ରୟୋଦଶ ଭଦ୍ରକ ମହୋତ୍ସବ ଓ ପୁସ୍ତକ ମେଳ

ଭଦ୍ରକ, ୯/୧୧ (ନି.ପ୍ର): ତ୍ରୟୋଦଶ ଭଦ୍ରକ ମହୋତ୍ସବ ଓ ପୁସ୍ତକ ମେଳା ସ୍ଥାନୀୟ ମନମୋହନ ସଂଗୀତ ପରିଷଦ ପରିସରରେ ଅନୁଷ୍ଠିତ ହେବାକୁ ଯାଉଛି। ଏହା ଚଳିତ ୧୦ ତାରିଖରୁ ଆରମ୍ଭ ହୋଇ ଆସନ୍ତା ୨୩ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ଉତ୍ସବରେ ପ୍ରତିବର୍ଷ ଭଳି ବହୁ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ପୁସ୍ତକ ମେଳାର ଆୟୋଜନ ହେବ। ରାଜ୍ୟର ବହୁ ବିଶିଷ୍ଟ ବ୍ୟକ୍ତିଙ୍କ ସମେତ ବିଭିନ୍ନ ନାଟ୍ୟ ଅନୁଷ୍ଠାନ ଏଥିରେ ଅଂଶ ଗ୍ରହଣ କରିବେ। ଏଣୁ ଏଭଳି ଏକ ମନୋମୁଗ୍ଧକର କାର୍ଯ୍ୟକ୍ରମରେ ଯୋଗ ଦେବାକୁ ମହୋତ୍ସବ ଓ ପୁସ୍ତକ ମେଳା କମିଟିର ସଭାପତି ଇଂ ଅଭୟ ସୂତାର, ଆବାହକ ନିହାର ରଞ୍ଜନ କର, ସମ୍ପାଦକ ରବିନାରାୟଣ ଖିଲାର, କାର୍ଯ୍ୟକାରୀ ସଭାପତି ଶିଶିର ମିଶ୍ର, ଡାକ୍ତର ଅନିଲ ଦାଶ ଓ ମିଡ଼ିଆ ସେଲର ଚେୟାରମ୍ୟାନ ପ୍ରମୋଦ ରାୟଙ୍କ ସମେତ ସମସ୍ତ କାର୍ଯ୍ୟକର୍ତ୍ତା, ସଦସ୍ୟ ଓ ସଦସ୍ୟା ସ୍ଥାନୀୟ ଲୋକନାଥ ମନ୍ଦିର ପରିସରରେ ଅନୁଷ୍ଠିତ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଅନୁରୋଧ କରିଛନ୍ତି।

## ରାଜ୍ୟସ୍ତରୀୟ ସୁରଭି ପାଇଁ ଦୁଇ ଦିବ୍ୟାଙ୍ଗ ଛାତ୍ର ମନୋନୀତ

ବାରିପଦା, ୯/୧୧ (ନି.ପ୍ର): ମୟୁରଭଞ୍ଜର ଜିଲ୍ଲାସ୍ତରୀୟ ‘ସୁରଭି‘ କାର୍ଯ୍ୟକ୍ରମ ସ୍ଥାନୀୟ ବାରିପଦାର ସହିଦ ସ୍ମୃତି ଭବନ ଠାରେ ଅନୁଷ୍ଠିତ ହୋଇଯାଇଛି । ଦିବ୍ୟାଙ୍ଗ ବିଭାଗରେ ଦାମୋଦର ପୁର କ୍ଲଷ୍ଟରର ବିର୍ଷା ମୁଣ୍ଡା ଉଚ୍ଚ ବିଦ୍ୟାଳୟର ଦଶମ ଶ୍ରେଣୀର ଛାତ୍ର ପବିତ୍ର କୁମାର ମୁର୍ମୁ ସଂଗୀତରେ ଏବଂ ବାଙ୍କୀଶୋଳ କ୍ଲଷ୍ଟରର ବାକ ଓ ଶ୍ରବଣ ବାଧିତଙ୍କ ସ୍ୱତନ୍ତ୍ର ବିଦ୍ୟାଳୟ, ଲକ୍ଷ୍ମୀପୋଷିର ୯ମ ଶ୍ରେଣୀର ଛାତ୍ର ଆକାଶ ଟୁଡୁ ଚିତ୍ରାଙ୍କନରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି । ସେଦୁହେଁ ଭୁବନେଶ୍ୱର ଠାରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟସ୍ତରୀୟ ‘ସୁରଭି‘ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିବେ ଓ ଦାମଦୋରପୁର ସି ଆର ସି ସି ଧନପତି ମିଶ୍ର, ବାଙ୍କିଶୋଳ ସି ଆର ସି ସି ରାଜକିଶୋର ସେଠି, ବିର୍ଷାମୁଣ୍ଡା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ଜ୍ୟୋତି ରାଣୀ ମୁର୍ମୁ, ଶିକ୍ଷକ ପ୍ରଭାତ କୁମାର ସାହୁ, ବାକ ଓ ଶ୍ରବଣ ବାଧିତ ପିଲାଙ୍କ ସ୍ୱତନ୍ତ୍ର ବିଦ୍ୟାଳୟର ଶିକ୍ଷକ ମନବୋଧ ମହାନ୍ତ ଓ ପ୍ରଧାନ ଶିକ୍ଷକ କୈଳାଶ ଚନ୍ଦ୍ର ଦାସ ଏବଂ ସମନ୍ୱିତ ଶିକ୍ଷା ସଂଯୋଜକ ନିରଞ୍ଜନ ନାୟକ ଏବଂ ବାରିପଦା ବ୍ଲକର ବି ଆର ଟି ଦିଲ୍ଲୀପ କୁମାର ଦାସ ଦୁଇ କୃତୀ ଦିବ୍ୟାଙ୍ଗ ଛାତ୍ରଙ୍କୁ ଅଭିନନ୍ଦନ ଜଣାଇବା ସହ ରାଜ୍ୟ ସ୍ତରରେ ସଫଳତା କାମନା କରିଛନ୍ତି ।

## ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ ପକ୍ଷରୁ ଜାତୀୟ ଆଇନ୍‌ସେବା ଦିବସ ପାଳିତ

ଭଦ୍ରକ , ୯/୧୧ (ନି.ପ୍ର): ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣର ଅଧକ୍ଷ ସଂଗ୍ରାମ କେଶରୀ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ସାଇ ଜୁପିଟର ଉଚ୍ଚ ମାଧମିକ ବିଦ୍ୟାଳୟ, ମଣିନଗର, ଆରଡ଼ିଛକ ଠାରେ ଜାତୀୟ ଆଇନ୍‌ସେବା ଦିବସ ପାଳିତ ହୋଇଯାଇଅଛି । ଏହି ଦିବସ ଅବସରରେ ଏକ ସଚେତନତା କାର୍ଯ୍ୟକ୍ରମ ମଧ ଅନୁଷ୍ଠିତ ହୋଇଯାଇଅଛି । ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣର ସଚିବ ଶ୍ରୀ ପୁଣ୍ୟଶ୍ଳୋକ ରଥ ଏହି କାର୍ଯ୍ୟକ୍ରମକୁ ଉଦ୍‌ବୋଧନ ଦେଇ ପରିଚାଳନା କରିଥିଲେ । ଅତିଥିମାନଙ୍କ ମଧ୍ୟରେ ନେପାଳ ଚନ୍ଦ୍ର ଦାସ, ସଦସ୍ୟ, ସ୍ଥାୟୀ ଲୋକ ଅଦାଲତ(ଜନ ଉପଯୋଗୀ ସେବା), ଭଦ୍ରକ ଏବଂ ଡ଼. ତାପସ



କୁମାର ମହାନ୍ତି, ପ୍ରତିପକ୍ଷ ଓକିଲ, ଏଲ.ଏ.ଡ଼ି.ଏସ୍. ଏବଂ ନ୍ୟାୟ ରକ୍ଷକ ଭଦ୍ରକ, ପାର୍ଥସାରଥୀ ଜେନା, ନିର୍ଦ୍ଦେଶକ, ବଟକୃଷ୍ଣ ନାୟକ, ନିର୍ଦ୍ଦେଶକ ଜୟଦେବ ଭୋଳ, ଅଧ୍ୟାପକ ସାଇ ଜୁପିଟର ଉଚ୍ଚ ମାଧମିକ ବିଦ୍ୟାଳୟ, ମଣିନଗର, ଭଦ୍ରକ ତଥା ଏହି ବିଦ୍ୟାଳୟର ଛାତ୍ରଛାତ୍ରୀଗଣ, ଅନ୍ୟାନ୍ୟ ଶିକ୍ଷକ, ଶିକ୍ଷୟିତ୍ରୀ ବୃନ୍ଦ, କର୍ମୀଗଣ ତଥା ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣର କର୍ମୀଗଣ ମଧ ଏହି କାର୍ଯ୍ୟକ୍ରମ ସହଯୋଗ କରି ଆଗେଇନେଇଥିଲେ । ପିଲାମାନଙ୍କ ଦ୍ୱାରା ଚିତ୍ରିତ ଜାତୀୟ ଆଇନ୍‌ସେବା ଦିବସ ବହୁତ ସୁନ୍ଦର ତଥା ଚିତ୍ତାକର୍ଷକ ରହିଥିଲା । ପ୍ରଥମେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଏକ ଶୋଭାଯାତ୍ରା ମଧ ଅନୁଷ୍ଠିତ ହୋଇଥିଲା । ଏହି ସଚେତନତା କାର୍ଯ୍ୟକ୍ରମ ଜରିଆରେ ଲୋକ ଅଦାଲତ ବିଷୟରେ, ମଧସ୍ଥତା ମାଧମରେ କିପରି ବିଚାରାଧିନ ଥିବା କେସ୍ ଗୁଡ଼ିକର ଅତି ସରଳ ଓ ସହଜରେ ସେମାନଙ୍କୁ ମିଳାମିଶା କରାଯାଇପାରେ, ସ୍ଥାୟୀ ଲୋକ ଅଦାଲତ (ଜନ ଉପଯୋଗୀ ସେବା), ଭଦ୍ରକ ଯାହାକି ଭଦ୍ରକ ଠାରେ ଅବସ୍ଥିତ ଏହାର କାର୍ଯ୍ୟ ଏବଂ ଏହି ଅଫିସ୍ ମାଧମରେ ଗରିବ ତଥା ନିଷ୍ପେସିତ ଲୋକମାନେ ଶୀଘ୍ର ଏବଂ ତ୍ୱରିତ ନ୍ୟାୟ ପାଇପାରିବେ ବୋଲି ଉପସ୍ଥିତ ଥିବା ଅତିଥିଗଣ ମତବ୍ୟକ୍ତ କରିଥିଲେ । ଶ୍ରୀ ରଥ ୧୫୧୦୦ ଦେୟମୁକ୍ତ ନମ୍ବର ମାଧମରେ ମଧ ଯୋଗଯୋଗ କରି କିପରି ଅସହାୟ ବ୍ୟକ୍ତି ନ୍ୟାୟାଳୟର ନିଜ କେସ୍ ସମ୍ବନ୍ଧରେ ମଧ ଜାଣି ପାରିବେ, ସର୍ବୋପରି ପିଲାମାନେ ଉତ୍ତମ ବ୍ୟକ୍ତିତ୍ୱର ପରିପ୍ରକାଶ ଘଟୁ ଏବଂ ସେମାନେ ଜଣେ ଜଣେ ଭଲ ନାଗରିକ ହୁଅନ୍ତୁ ବୋଲି କାମନା କରିଥିଲେ ।

## ସୁବର୍ଣ୍ଣରେଖା ବୋଇତ ବନ୍ଧାଣ ପକ୍ଷରୁ ରକ୍ତଦାନ ଶିବିର



ଜଳେଶ୍ୱର, ୯/୧୧ (ନି.ପ୍ର): ଜଳେଶ୍ୱର ରାଜପୁରସ୍ଥିତ ସୁବର୍ଣ୍ଣରେଖା ବୋଇତ ବନ୍ଧାଣ ପକ୍ଷରୁ ଏକ ରକ୍ତଦାନ ଶିବିର ଜିଲ୍ଲା ରକ୍ତଦାତା ସଂଘ ଓ ସମ୍ବାଦ ଆମ ଓଡ଼ିଶା ମିଳିତ ସହଯୋଗରେ ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ମୁଖ୍ୟ ଅତିଥି ଭାବେ ଜିଲ୍ଲା ରକ୍ତଦାତା ସଂଘର ସଭାପତି କମଳ କୁମାର ଚକ୍ରବର୍ତ୍ତୀ ଉଦଘାଟନ କରିଥିଲେ। ସମ୍ମାନୀତ ଅତିଥି ଭାବେ ଓଡ଼ିଶା ରକ୍ତ କେନ୍ଦ୍ର ଡାକ୍ତର ବସନ୍ତ କୁମାର ଉପାଧ୍ୟାୟ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ସଭାପତି ସୁନିଲ କୁମାର ମହାନ୍ତି, ସମ୍ପାଦକ କରୁଣାକର ଭୂୟାଁ, ଦୁର୍ଗା ଶଙ୍କର ଦେ, ପ୍ରାଣକୃଷ୍ଣ ମହାନ୍ତି, ସୁଶିଲ କୁମାର ସାହୁ, ଦୁର୍ଗା ଶଙ୍କର ମହାନ୍ତି, ଦିବାକର ଦାସ, ସତ୍ୟବ୍ରତ ପ୍ରଧାନ, ଲକ୍ଷ୍ମୀଧର ବାରିକ ଶିବିରକୁ ପରିଚାଳନା କରିଥିଲେ।

## ନୀଳଗିରିକୁ ପଶିଲା ପାଇଲଟ ଦନ୍ତା: ଆତଙ୍କିତ ବନାଞ୍ଚଳବାସୀ

ନୀଳଗିରି, ୯/୧୧ (ନି.ପ୍ର): ବାଲେଶ୍ୱର ଜିଲା ନୀଳଗିରିକୁ ପ୍ରବେଶ କଲା ପାଇଲଟ ଦନ୍ତା। ଝାଡ଼ଖଣ୍ଡ ଦଲମା ଜଙ୍ଗଲରୁ ଚିରାଚରିତ ଭାବେ ନୀଳଗିରିକୁ ପ୍ରଥମେ ପାଇଲଟ ଦନ୍ତା ଆସିବାପରେ ଆସନ୍ତି ହାତୀପଲ । ପ୍ରତିବର୍ଷ ଭଳି ଚଳିତବର୍ଷ ମଧ ଝାଡ଼ଖଣ୍ଡ ଦଲମା ଅଭୟାରଣ୍ୟରୁ ଏକ ପାଇଲଟ ଦନ୍ତା ଓଡିଶା ବର୍ଡ଼ର୍ ପାରିହୋଇ କିଛି ଦିନ ମୟୁରଭଞ୍ଜରେ ରହିଥିବାବେଳେ ରବିବାର ଭୋର ସମୟରେ କାଠପାଳ, ପାଟଣା, ଅଯୋଧ୍ୟା ରାସ୍ତାପାର ହୋଇ ଗୋପାଳପୁର ସଂରକ୍ଷିତ ଜଙ୍ଗଲରେ ପ୍ରବେଶ କରିଥିଲା । ରବିବାର ଅପରାହ୍ନ ପ୍ରାୟ ୬ଘଟିକା ସୁଦ୍ଧା ପାଇଲଟଦନ୍ତା ସଂରକ୍ଷିତ ଜଙ୍ଗଲରୁ ତିନିକୋଶିଆ ମୁହାଁ ହେଉଥିବା ଜଣାପଡିଛି। ପାଇଲଟ ଦନ୍ତା ଆସିଥିବାର ଖବରପାଇ ଗୋପାଳପୁର ଓ ତିନିକୋଶିଆ ସଂରକ୍ଷିତ ଜଙ୍ଗଲ ଚତୁଃପାର୍ଶ୍ୱରେ ଥିବା ଗ୍ରାମବାସୀ ଆତଙ୍କିତ ଅବସ୍ଥାରେ ରହିଛନ୍ତି। ତେବେ ଜଙ୍ଗଲ ଚାରିପାଖରେ ପୂର୍ବରୁ ଖୋଳାଯାଇଥିବା ଟ୍ରେଞ୍ଚ ଓ ସୌରବାଡ଼ ଗୁଡ଼ିକ ଧ୍ୱସ୍ତବିଧ୍ୱସ୍ତ ହୋଇଥିବାବେଳେ ମରାମତି ପାଇଁ ଗ୍ରାମବାସୀମାନେ ଦାବି କରିଛନ୍ତି । ସର୍ବୋପରି ଯଦି ଓଡ଼ିଶାର ମୟୂରଭଞ୍ଜ ସୀମା ସହିତ ପଶ୍ଚିମବଙ୍ଗ ସୀମାରେ ଉଭୟରାଜ୍ୟର ବନବିଭାଗ ଉକ୍ତ ହାତୀପଲଙ୍କୁ ଅଟକାଇ ଅଭୟାରଣ୍ୟକୁ ଫେରାଇପାରନ୍ତା ତେବେ ଚାଷୀକୁଳ ରକ୍ଷାପାଇବା ସହିତ ଧନଜୀବନ ସୁରକ୍ଷିତ ରହିପାରନ୍ତା ବୋଲି ବୁଦ୍ଧିଜୀବୀ ମତପ୍ରକାଶ କରିଛନ୍ତି ।ପାଇଲଟ ଦନ୍ତାର ଗତିବିଧି ନିରୀକ୍ଷଣ ପାଇଁ ଜଙ୍ଗଲ ଚତୁଃପାର୍ଶ୍ୱରେ ନୀଳଗିରି ବନବିଭାଗର ରେଞ୍ଜର ମନୱ୍ୱାର ଖାନ, ଫରେଷ୍ଟର, ଫରେଷ୍ଟ ଗାର୍ଡ଼, ସବୁଜବାହିନୀ ଜଗି ରହିଛନ୍ତି।

## ଉଦଳାରେ ‘ବନ୍ଦେ ମାତରମ୍’ ସଂଗୀତର ମୂର୍ଚ୍ଛନା

ଉଦଳା, ୯/୧୧ (ନି.ପ୍ର): ସମଗ୍ର କପ୍ତିପଦା ଉପଖଣ୍ଡ ମଧ୍ୟରେ ଥିବା ସମସ୍ତ ସରକାରୀ କାର୍ଯ୍ୟାଳୟ ଓ ଶିକ୍ଷାଅନୁଷ୍ଠାନ ମାନଙ୍କରେ ଚଳିତ ନଭେମ୍ବର ୭ ତାରିଖ ଶୁକ୍ରବାର ଦିନ ‘ବନ୍ଦେ ମାତରମ’ ସଂଗୀତ ବୋଲା ଯାଉଥିବା ମୂର୍ଚ୍ଛନା ଶୁଣିବାକୁ ମିଳିଥିଲା । ଆଜି ହଠାତ ଏଭଳି ଏକ କାର୍ଯ୍ୟକ୍ରମ ସାଧାରଣ ଲୋକଙ୍କ ମନରେ ଭିନ୍ନସ୍ୱାଦର ବାତାବରଣ ଖେଳାଇ ଦେଇଥିଲା । ରାଷ୍ଟ୍ରୀୟ ସଂଗୀତ ‘ବନ୍ଦେ ମାତରମ’କୁ ଚଳିତ ବର୍ଷ ୧୫୦ ବର୍ଷ ପୁରିଲା । ଏହି ଅବସରରେ କେନ୍ଦ୍ର ଓ ରାଜ୍ୟସରକାରଙ୍କ ନିର୍ଦ୍ଦେଶରେ ଏହିଭଳି ଏକ ଉତ୍ସବ ଆୟୋଜିତ ହୋଇଥିଲା । ଉଦଳାସ୍ଥିତ କପ୍ତିପଦା ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସହକାରୀ ଜିଲ୍ଲାପାଳ ପ୍ରତୀକ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମର ସୁବ୍ରତ ଘୋଷ, ରମେଶ ପୃଷ୍ଟି, ରାଉତରାୟ ମୁର୍ମୁ, ନିଳାମ୍ବର ସେନାପତି, ଶ୍ରୀତମ ମହାନ୍ତି, ତପୁ ରଂଜନ ପାତ୍ର, ଭବାନି ଶଙ୍କର ପଣ୍ଡା ପ୍ରମୁଖ ଅଂଶ ଗ୍ରହଣ କରିଥିଲେ । ଏହି ସଂଗୀତଟି ବଙ୍କିମ ଚନ୍ଦ୍ର ଚଟୋପାଧ୍ୟାୟଙ୍କ ଦ୍ୱାରା ଲିଖିତ ରାଜନୈତିକ ଉପନ୍ୟାସ ‘ଆନନ୍ଦ ମଠ’ର ଏକ ଅଂଶ ଅଟେ ବୋଲି ସହକାରୀ ଜିଲ୍ଲାପାଳ ଶ୍ରୀଯୁକ୍ତ ପଣ୍ଡା ବ୍ୟକ୍ତ କରିଥିଲେ । ସେହିପରି ଉଦଳା ବିଜ୍ଞାପିତ ଅଂଚଳ ପରିଷଦର କାର୍ଯ୍ୟାଳୟ ପରିସରରେ ନଗରପାଳ ପ୍ରମିଳା ପଣ୍ଡାଙ୍କ ନେତୃତ୍ୱରେ ସମସ୍ତ



କର୍ମଚାରୀ ଓ କାଉନସିଲର ମାନେ ମିଳିତ ଭାବରେ ‘ବନ୍ଦେ ମାତରମ’ ସଂଗୀତ ବୋଲିଥିଲେ । ଏହି ଅବସରରେ ନଗରପାଳ ଶ୍ରୀମତୀ ପଣ୍ଡା କହିଲେ – ଆଜକୁ ୧୫୦ ବର୍ଷ ପୂର୍ବେ ସନ୍ୟାସୀ ମାନଙ୍କ ଦ୍ୱାରା ଇଂରେଜ ସରକାରଙ୍କ ବିରୁଦ୍ଧରେ ଅନୁଷ୍ଠିତ ବିଦ୍ରୋହ କେବଳ ରାଜନୀତି ନୁହେଁ, ବରଂ ଆଧାତ୍ମିକ ଚେତନାର ଶିକ୍ଷା ଦେଇଥାଏ । ନୁଦଡ଼ିହା ଗ୍ରାମସ୍ଥିତ ମେଘାସନ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା, ଯୁବରେଡ଼କ୍ରସ ଓ ସମର ଶିକ୍ଷାର୍ଥି ବାହିନି ମିଳିତ ଭାବରେ ଏହିକାର୍ଯ୍ୟକ୍ରମ ଆୟୋଜନର ନେତୃତ୍ୱ ନେଇଥିଲେ । ଏହି ଅବସରରେ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ପ୍ରବନ୍ଧ ଲିଖନ, ଚିତ୍ରାଙ୍କନ ଓ ସାଧାରଣ ଜ୍ଞାନର ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ମହାବିଦ୍ୟାଳୟର ଅଧକ୍ଷ ପ୍ରମୋଦ କୁମାର ରାଉତ ପୁରସ୍କାର ବିତରଣ ଉତ୍ସବରେ ଅଧକ୍ଷତା କରି ଇଂରେଜ ସରକାରଙ୍କ ବିରୁଦ୍ଧଷର ସର୍ବ ପ୍ରଥମ ସଂଗ୍ରାମ ଯାହାକି ମୁଖ୍ୟତଃ ଇଷ୍ଟ ଇଣ୍ଡିଆ କମ୍ପାନି ବିରୁଦ୍ଧରେ କରାଯାଇଥିଲା ଓ ଏହା ସନ୍ୟାସୀ ମାନଙ୍କ ଦ୍ୱାରା ହିଁ ଅନୁଷ୍ଠିତ ହୋଇଥିଲା ବୋଲି ବ୍ୟକ୍ତ କରିଥିଲେ । ଶେଷରେ ସମସ୍ତ ଛାତ୍ରଛାତ୍ରୀ, ଅଧାପକ, ଅଧାପିକା ଓ କର୍ମଚାରୀ ବୃନ୍ଦ ମିଳିତ ଭାବେ ଏକ ସ୍ୱରରେ ‘ବନ୍ଦେ ମାତରମ’ ବୋଲିଥିଲେ ।

❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida